ODIA DAILY EDITION
14.01.2026
କଟକ, ବୁଧବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦
ଜାନୁଆରୀ-୧୪, ୨୦୨୬
ବର୍ଷ-୩୭, ସଂଖ୍ୟା-୧୮୮
RNI Regd. NO- 48239/89
P.R.NO-CK(C)/16/2024-2026

ମାତୃଭାଷା
MATRUBHASA
ପ୍ରତିଷ୍ଠାତା: ବିକାଶ କର

36 Years of publication
SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

ଏଣିକି ପ୍ରତି ମାସରେ ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା

ଭୁବନେଶ୍ୱର, ୧୩।୧: ରଥଯାତ୍ରାକୁ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ପ୍ରସ୍ତୁତି ବୈଠକ । ୬ ମାସ ପୂର୍ବରୁ ସବୁ ବିଭାଗକୁ ପ୍ରସ୍ତୁତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଣିକି ପ୍ରତି ମାସ ସମୀକ୍ଷା ହେବ ରଥ ଯାତ୍ରା ପ୍ରସ୍ତୁତି । ବିଗତ ଦିନରେ ହୋଇଥିବା ତ୍ରୁଟିକୁ ଚିହ୍ନଟ ସହ କେମିତି ସୁଧାରି ହେବ ଏବଂ ଆଉ କଣ ଆବଶ୍ୟକୀୟ ପଦକ୍ଷେପ ହାତକୁ ନିଆଯିବ ସେନେଇ ରିପୋର୍ଟରେ ଉଲ୍ଲେଖ କରିବାକୁ ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱାସ୍ଥ୍ୟ, ପିଇବା ପାଣି, କ୍ୱାଲିଟି ମନିଟର, ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଇଛି ।

୧୮ ତାରିଖ ଭିତରେ ସୁଭଦ୍ରା କିସ୍ତି

ଭୁବନେଶ୍ୱର, ୧୩।୧: ୧୮ ତାରିଖ ଭିତରେ ସୁଭଦ୍ରା ଟଙ୍କା । ୪ ଲକ୍ଷ ୫୭ ହଜାର ୬୮୧ ମହିଳାଙ୍କୁ ସୁଭଦ୍ରା ଟଙ୍କା ନେଇ ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ନୂଆ ୧ ଲକ୍ଷ ୭୮ ହଜାର ୩୯୮ ଜଣଙ୍କୁ ସାମିଲ କରାଯାଇଥିବାରୁ ସେମାନେ ପାଇବେ ପ୍ରଥମ କିସ୍ତି । ପ୍ରଥମ ଓ ଦ୍ୱିତୀୟ କିସ୍ତିରୁ ବାଦ ପଡ଼ିଥିବା ୨ ଲକ୍ଷ ୫୫ ହଜାର ୨୬୫ ଜଣଙ୍କୁ ସାମିଲ କରାଯାଇଛି । ସେମାନେ ବି ଏକା ବେଳକେ ପାଇବେ ଦୁଇଟି କିସ୍ତି । ସେହିପରି ଅଭିଯୋଗ ଶୁଣାଣିରେ ୨୪ ହଜାର ୧୮ ଜଣ ହିତାଧିକାରୀଙ୍କୁ ସୁଭଦ୍ରାରେ ସାମିଲ କରାଯାଇଛି ।

୧୭ ଯାଏଁ ହାଡ଼ଭଙ୍ଗା ଶୀତ

ଭୁବନେଶ୍ୱର, ୧୩।୧: ରାଜ୍ୟରେ ଆସନ୍ତା ୧୭ ତାରିଖ ଯାଏଁ ଜାରି ରହିବ ଶୀତ । ଏନେଇ ସୂଚନା ଦେଇଛନ୍ତି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ । ପଶ୍ଚିମାଝଡ ପ୍ରଭାବରେ ୧୮ରୁ ତାପମାତ୍ରା ବୃଦ୍ଧି ସହ ଶୀତରେ ବ୍ରେକ୍ ଲାଗିବ । ଦୁଇ ଦିନର ବିରତି ପରେ ମଙ୍ଗଳବାରଠାରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଶୀତ ବଢ଼ିବ । କିଛି ସ୍ଥାନରେ ଅତି ପ୍ରବଳ ଥଣ୍ଡା ଅନୁଭୂତ ହୋଇପାରେ ।

ସେନ୍‌ସେକ୍ସ	୮୩,୬୨୩
ନିଫ୍ଟି	୨୫,୭୩୨
ସୁନା/୧୦ଗ୍ରା	୧,୪୩,୯୬୦
ରୂପା/କିଗ୍ରା	୨,୫୭,୦୦୦
ଡଲାର	୯୦.୩୩

ପାଣିପାଗ

ସର୍ବାଧିକ
ଭୁବନେଶ୍ୱର: ୨୮.୫°
କଟକ: ୨୬.୪°

ସର୍ବନିମ୍ନ
ଭୁବନେଶ୍ୱର: ୧୨.୪°
କଟକ: ୧୧.୩°

ହାଲ୍‌ଚାଲ୍

ଇରାନରେ ଆନ୍ଦୋଳନ ତୀବ୍ର
ହଜାର ହଜାର ଜୀବନ ଗଲାଣି
ଚାରିଆଡ଼େ ବିଦ୍ରୋହର ନିଆଁ
ପରିସ୍ଥିତି ଅସମ୍ଭାଳ ହେଲାଣି
ଆନ୍ଦୋଳନକାରୀଙ୍କୁ ଟ୍ରମ୍ପଙ୍କ ସମର୍ଥନ
ନିଆଁରେ ଘିଅ ଢାଳିଲେଣି ।

କେନ୍ଦୁଝରରେ ୧୯୦୦ କୋଟିରୁ ଊର୍ଦ୍ଧ୍ୱ ୭୧ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳ ହେବ ବିକଶିତ

ଭୁବନେଶ୍ୱର, ୧୩।୧: ଏହି ସମୟ କେନ୍ଦୁଝର ବିକାଶ ପାଇଁ ଠିକ ସମୟ । ଯହି ସମୟ ହେ, କେନ୍ଦୁଝର ବିକାଶ କେଲିଏ, ବିଲକୁଲ ସହି ସମୟ ହେ ।

୧୭୦୮ କୋଟିର ୩୫ ପ୍ରକଳ୍ପର ଶିଳାନ୍ୟାସ

୧୯୪ କୋଟି ଟଙ୍କାର ୩୬ଟି ପ୍ରକଳ୍ପ ଉଦ୍‌ଘାଟିତ

ଆଜି କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ ପଡିଆ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଇଁ ୧୯୦୦ କୋଟିରୁ ଊର୍ଦ୍ଧ୍ୱ ୭୧ଟି ପ୍ରକଳ୍ପର ଶୁଭଉଦ୍ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।

ସୂଚନାଯୋଗ୍ୟଯେ, ଆଜି ସମୁଦାୟ ୧୭୦୮ କୋଟି ଟଙ୍କା ମୂଲ୍ୟର ୩୫ ଟି ପ୍ରକଳ୍ପର ଶିଳାନ୍ୟାସ କରାଗଲା ଏବଂ ପ୍ରାୟ ୧୯୪ କୋଟି ଟଙ୍କାର ପ୍ରକଳ୍ପର ଲୋକାର୍ପଣ କରାଗଲା । ଏଥିରେ କେନ୍ଦୁଝରର ସ୍କୁଲ, ହଷ୍ଟେଲ, ଇରିଗେସନ, ପାର୍କିଂ ଜୋନ, ରାସ୍ତା ନିର୍ମାଣ, ପୋଖରୀ ଉନ୍ନତିକରଣ, ପର୍ଯ୍ୟଟନ ପ୍ରକଳ୍ପ, ଲାଇବ୍ରେରୀ, କ୍ୟାରିଅର କାଉନସ୍ଲିଂ ସେଂଟର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଅଙ୍ଗନବାଡ଼ି ବିଲ୍ଡିଂ ଇତ୍ୟାଦି ରହିଛି ।

ଆଞ୍ଚଳିକ ବୈଷମ୍ୟ ଦୂରହେବ

ପୂର୍ବରୁ ଘୋଷଣା ଅନୁଯାୟୀ କେନ୍ଦୁଝରରେ ରିଜନାଲ ପ୍ଲାଂଟ ରିସୋର୍ସ ସେଂଟର ପାଇଁ ୫୦ କୋଟି ଟଙ୍କା ବିନିଯୋଗରେ ଶିଳାନ୍ୟାସ କରାଗଲା ଏବଂ ୩୮ କୋଟି ୨୨ ଲକ୍ଷ ଟଙ୍କାରେ ୧୪୭ଟି ମଡେଲ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା ପାଇଁ ମଧ୍ୟ ଶିଳାନ୍ୟାସ କରାଗଲା । ୧୦୧ କୋଟି ଟଙ୍କା ବିନିଯୋଗରେ ୬ଟି ବ୍ଲକ୍‌ରେ ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ ପ୍ରତିଷ୍ଠା ପାଇଁ ମଧ୍ୟ ଶିଳାନ୍ୟାସ କରାଗଲା । କେନ୍ଦୁଝରର ବିଭିନ୍ନ ସ୍ଥାନରେ ୨୧.୫୦ କୋଟି ଟଙ୍କା ବିନିଯୋଗରେ ୧୦୪ଟି ଏସିଆର, ଆଇସିଟି ଲ୍ୟାବ ଓ ବାଙ୍ଗଡାରୀ ଓ୍ୱାଲ ର ଉଦ୍‌ଘାଟନ କରାଯାଇଛି । ଏଥିସହିତ ୧୪ କୋଟି ଟଙ୍କା ବିନିଯୋଗରେ ଚମ୍ପୁଆରେ ନିକଲସନ୍ ଫରେଷ୍ଟ ଟ୍ରେନିଂ ସ୍କୁଲ ମଧ୍ୟ ପ୍ରତିଷ୍ଠା କରାଯାଇଛି । ସେହିପରି ୯.୬୦ କୋଟି ଟଙ୍କାରେ ଖଣି କ୍ଷେତ୍ରରେ ସ୍ଥାନୀୟ ଯୁବକମାନଙ୍କୁ ସ୍କିଲ୍ ଟ୍ରେନିଂ ଦେବା ପାଇଁ ଡିଏମଏଫ ଖଣି ଶକ୍ତିର ଉଦ୍‌ଘାଟନ କରାଯାଇଛି ।

ଯେବେଠୁ ମାଆ ତାରିଣୀଙ୍କ ପ୍ରକଳ୍ପର ଶିଳାନ୍ୟାସ ହୋଇଛି, ସେବେଠାରୁ କେନ୍ଦୁଝରର ବିକାଶର ଡବଲ ଇଂଜିନ ଗାଡିରେ ରକେଟ୍ ଇଞ୍ଜିନ ଲାଗିଛି ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ । କେଉଁଝର କେବଳ ଏକ ଜିଲ୍ଲା ନୁହେଁ – ଏହା ଉତ୍କୃଷ୍ଟ ପ୍ରାକୃତିକ ସମ୍ପଦର ଭୂମି । ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ କର୍ମଠ ଲୋକଙ୍କ ଭୂମି । ଏହି ମାଟି ଓଡ଼ିଶାର ଆର୍ଥିକ ଶକ୍ତିରେ ଅପାର ଅବଦାନ ରଖିଛି । ଖଣିଜ ପଦାର୍ଥ ଠାରୁ ଆରମ୍ଭ କରି ଜଙ୍ଗଲ, କୃଷି ଠାରୁ ମାନବ ସମ୍ବଳ ପର୍ଯ୍ୟନ୍ତ, କେନ୍ଦୁଝର ସର୍ବଦା ରାଜ୍ୟର ଅଭିବୃଦ୍ଧିକୁ ଶକ୍ତି ପ୍ରଦାନ କରିଆସିଛି ।

ରାଜ୍ୟରେ ବଢ଼ିଲା ବୁଥ୍ ସଂଖ୍ୟା

ଭୁବନେଶ୍ୱର, ୧୩।୧: ରାଜ୍ୟରେ ବଢିଲା ବୁଥ ସଂଖ୍ୟା । ଏସଆଇଆର ପୂର୍ବରୁ ବୁଥ ସଂଖ୍ୟା ଆଉ ୭ ହଜାର ବୁଥ ବୃଦ୍ଧି କରାଯାଇଛି । ପୂର୍ବରୁ ୩୬ ହଜାର ବୁଥ ଥିବା ବେଳେ ଏବେ ପ୍ରାୟ ୪୩ ହଜାର ବୁଥ କରାଯାଇଛି । ଏସଆଇଆର ପାଇଁ ଓଡ଼ିଶା ପ୍ରସ୍ତୁତ । ଓଡିଶାରେ ଏସଆଇଆର ଲାଗୁ ପାଇଁ ପ୍ରସ୍ତୁତି ୫ ମାସ ଧରି ଚାଲିଛି । ଗୋଟିଏ ବୁଥରେ ୧୨୦୦ ରୁ ଊର୍ଦ୍ଧ ଭୋଟର କିମ୍ବା

୩୬ହଜାରରୁ ୪୩ ହଜାର ହେଲା

ତାଠାରୁ କମ ଭୋଟର ରହିବେ । ଏନେଇ ସମସ୍ତ ପ୍ରୋସେସ ସରିଛି । ରାଜ୍ୟରେ ପ୍ରାୟ ୪୩ ହଜାର ବୁଥ ସୃଷ୍ଟି ହୋଇଛି ସବୁ ବୁଥରେ ୧୨୦୦ କିମ୍ବା ତାଠାରୁ କମ ଭୋଟର ରହିବେ । ସବୁ ବୁଥରେ ବୁଥ ଲେବୁଲ ଅଧିକାରୀ ନିଯୁକ୍ତ କରାଯାଇଛି । ୨୦୦୨ ମସିହାରେ ଶେଷ ଥର ପାଇଁ ଓଡିଶାରେ ଏସଆଇଆର ହୋଇଥିଲା । ୨୦୦୨ ରୁଲରେ ଯେଉଁମାନଙ୍କ ନାମ ଥିଲା ୨୦୨୫ ରୁଲରେ ନାମ ଥିଲେ ଆଉ ସଂଶୋଧିତ ଦରକାର ନାହିଁ । ସେଥିରେ ସେମାନଙ୍କ ପୁଅ ଝିଅଙ୍କ ନାମ ଯୋଡ଼ାଯିବ ।

ଜଳୁଛି ଇରାନ, ଗଲାଣି ୨ହଜାରରୁ ଊର୍ଦ୍ଧ୍ୱ ଜୀବନ

ନୂଆଦିଲ୍ଲୀ, ୧୩।୧: ଇରାନରେ ଜାରି ରହିଥିବା ଦେଶବ୍ୟାପୀ ଅଶାନ୍ତି ମଧ୍ୟରେ ଏକ ଚମକାଇଲା ଭଳି ତଥ୍ୟ ସାମ୍ନାକୁ ଆସିଛି । ପ୍ରାୟ ୨,୦୦୦ ଲୋକ ଏହି ଆନ୍ଦୋଳନରେ ପ୍ରାଣ ହରାଇଥିବା ଜଣେ ଇରାନୀୟ ଅଧିକାରୀ ମଙ୍ଗଳବାର 'ରଏଟର୍ସ'କୁ ସୂଚନା ଦେଇଛନ୍ତି । ଦେଶରେ ଚାଲିଥିବା ଦମନଲୀଳା ମଧ୍ୟରେ ସରକାରୀ ସ୍ତରରେ ଏତେ ବଡ଼ ସଂଖ୍ୟକ ମୃତ୍ୟୁକୁ ସ୍ୱୀକାର କରାଯିବା ଏହା ପ୍ରଥମ ଘଟଣା ।

ଇରାନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଏହି ମୃତ୍ୟୁ ପଛରେ କେତେକ "ଆତଙ୍କବାଦୀ" ଗୋଷ୍ଠୀର ହାତ ରହିଛି । ସେମାନେ ଉଭୟ ପ୍ରଦର୍ଶନକାରୀ ଓ ସୁରକ୍ଷା ବାହିନୀକୁ ଟାର୍ଗେଟ୍ କରିଛନ୍ତି । ତେବେ ମୃତକଙ୍କ ମଧ୍ୟରୁ କେତେ ଜଣ ଆନ୍ଦୋଳନକାରୀ ଏବଂ କେତେ ସୁରକ୍ଷାକର୍ମୀ, ସେ ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ ।

ଇରାନ ଉପରେ ଖୁବଶୀଘ୍ର ଆକ୍ରମଣ କରିପାରେ ଆମେରିକା ।

■ ଆନ୍ଦୋଳନକାରୀଙ୍କୁ ଉସୁକାଇଲେ ଟ୍ରମ୍ପ

■ କହିଲେ-ଆନ୍ଦୋଳନ ଜାରି ରଖ, ଖୁବଶୀଘ୍ର ମିଳିବ ସାହାଯ୍ୟ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ୍'ରେ ଏକ ପୋଷ୍ଟ କରି ଏହା କହିଛନ୍ତି । ଇରାନରେ ସରକାର ବିରୋଧୀ ଆନ୍ଦୋଳନ ତୀବ୍ର ହେଉଥିବା ବେଳେ ଟ୍ରମ୍ପ ଆନ୍ଦୋଳନକାରୀଙ୍କୁ ଖୋଲାଖୋଲି ସମର୍ଥନ କରିଛନ୍ତି ।

ସମ୍ବଲପୁରରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ବୈଠକ

ଭୁବନେଶ୍ୱର, ୧୩।୧: ବିଧାନସଭା ଆସନ ବଢ଼ିବା ଚର୍ଚ୍ଚା ଭିତରେ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଆରମ୍ଭ ହୋଇଛି ପ୍ରଶାସନିକ କସରତ । ସମ୍ବଲପୁରରେ ବସିଛି ପ୍ରାଥମିକ ବୈଠକ । ଅନୁଷ୍ଠିତ ହୋଇଛି ଉତ୍ତରାଞ୍ଚଳ ଡିଭିଜନର ନିର୍ବାଚନ ସମ୍ବନ୍ଧୀୟ ଜରୁରୀ ବୈଠକ । ଅନ୍ୟପଟେ ଓଡ଼ିଶାରେ ଏସଆଇଆର ପାଇଁ ଶେଷ ହୋଇଛି ପ୍ରସ୍ତୁତି ।

ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଆରମ୍ଭ ହୋଇଛି ପ୍ରଶାସନିକ ପ୍ରସ୍ତୁତି । ଆଜି ସମ୍ବଲପୁର ଆରଡିସି କନଫରେନ୍ସ ହଲରେ ହୋଇଛି ପ୍ରଶାସନିକ ବୈଠକ । ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ଆରଡିସି ସ୍ତରୀୟ ବୈଠକରେ ଯୋଗ ଦେଇ ୧୨ ଜିଲ୍ଲାର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଉପ-ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି ।

ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ କସରତ

ଓଡ଼ିଶାରେ ସ୍ପେଶାଲ୍ ଇଣ୍ଟେନସିଭ ରିଭିଜନ୍-SIR ପାଇଁ ପ୍ରସ୍ତୁତି ଶେଷ ହୋଇଛି । ଗୋଟିଏ ବୁଥ୍‌ରେ ୧୨୦୦ ରୁ ଊର୍ଦ୍ଧ୍ୱ ଭୋଟର କିମ୍ବା ତାଠାରୁ କମ ଭୋଟର ରହିବେ । ଏନେଇ ସମସ୍ତ ପ୍ରକ୍ରିୟା ସରିଛି । ନୂଆ ୭ହଜାର ବୁଥ୍ ଯୋଡି ହେବା ସହ ରାଜ୍ୟରେ ପ୍ରାୟ ୪୩ ହଜାର ବୁଥ୍ ସୃଷ୍ଟି ହୋଇଛି । ସବୁ ବୁଥରେ ବୁଥ ଲେବୁଲ ଅଧିକାରୀ ନିଯୁକ୍ତ କରାଯାଇଛି । ୨୦୦୨ ମସିହାରେ ଶେଷ ଥର ପାଇଁ ଓଡ଼ିଶାରେ ଏସଆଇଆର୍ ହୋଇଥିଲା । ୨୦୨୫ ଏବଂ ୨୦୦୨ ଡାଟା ଇଣ୍ଟିଗ୍ରେଟ ହୋଇସାରିଛି । ୭୦ ପ୍ରତିଶତ ମ୍ୟାପିଙ୍ଗ ସରିଛି । ଯେଉଁ ଭୋଟର ମାନେ ମ୍ୟାପିଙ୍ଗରେ ମିଳିବେ ନାହିଁ ସେମାନଙ୍କୁ ଅନ୍ୟ କୌଣସି ଡକୁମେଣ୍ଟ ଦେବାକୁ ପଡିବ । ୨୦୦୨ ନିର୍ବାଚନ ତଥ୍ୟ ବିଶ୍ଳେଷଣ କରି ସଠିକ୍ ତାଲିକା କରିବା ନିର୍ବାଚନ ଅଧିକାରୀଙ୍କୁ ପାଇଁ ବଡ ଚ୍ୟାଲେଞ୍ଜ ।

ମ୍ୟୁଜିୟମ ଭାବେ ବ୍ୟବହାର କରାଯିବ ପୁରୁଣା ବିଧାନସଭା

ଭୁବନେଶ୍ୱର, ୧୩।୧: ଭଙ୍ଗା ଯିବନି ବର୍ତ୍ତମାନର ବିଧାନସଭା । ସନ୍ତକ ହିସାବରେ ବିଧାନସଭାକୁ ରଖାଯିବ । ମ୍ୟୁଜିୟମ ଭାବେ ବ୍ୟବହାର କରାଯିବ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଭବିଷ୍ୟତରେ ଯଦି ବିଧାନ ପରିଷଦ ଗଠନ ହୁଏ ଏହାକୁ ବ୍ୟବହାର କରାଯିବ ।

● ଭଙ୍ଗାଯିବ ନଅ ତାଲା, ସେଚ ସଦନ ଓ ରାଜୀବ ଭବନ

ଭଙ୍ଗାଯିବ ବର୍ତ୍ତମାନର ନଅ ତାଲା, ସେଚ ସଦନ ଓ ରାଜୀବ ଭବନ । ଏସବୁ କୋଠା ଗୁଡିକ ବିପଦ ସଂକୁଳ ବୋଲି ଘୋଷଣା ହୋଇସାରିଛି । ଏନେଇ ସୂଚନା ଦେଇଛନ୍ତି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ତିନୋଟି ପର୍ଯ୍ୟାୟରେ ନିର୍ମାଣ ହେବ ନୂତନ ଲୋକସେବା ଭବନ । ପ୍ରଥମ ପର୍ଯ୍ୟାୟରେ ନିର୍ମାଣ ହେବ ଲୋକସେବା ଭବନର ମୁଖ୍ୟ ଅଫିସ ।

ଚଳିତ ବର୍ଷ ଅନଲାଇନରେ +୨ ଖାତା ଦେଖା

ଭୁବନେଶ୍ୱର, ୧୩।୧: ଯୁକ୍ତ ୨ ପରୀକ୍ଷାରେ ଚଳିତ ବର୍ଷ ହୋଇପାରେ ଅନ୍ ଲାଇନ୍ ଖାତା ଦେଖା । କଳା ବିଭାଗ ପାଇଁ ପ୍ରସ୍ତୁତି କରାଯାଉଛି । ଚୁଡାନ୍ତ ପାଇଁ ବଜେଟ ଫାଇନାଲ ହୋଇନାହିଁ । ବଜେଟ ଆପ୍ରୁଭାଲ ହେଲେ ସେ ପ୍ରତି ନିଷ୍ପତି ନିଆଯାଇପାରେ ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି । ଅନଲାଇନ୍ ବ୍ୟବସ୍ଥାରେ ପରୀକ୍ଷା ଉତ୍ତର ଖାତା ମୂଲ୍ୟାୟନ କରାଯିବ । ଆନୁଷଙ୍ଗିକ ବ୍ୟବସ୍ଥା ଅର୍ଥର କରାଯିବ । ଟାଇମ ପିରିୟଡ ଭିତରେ ଖାତା ଦେଖା ହୋଇପାରିବ । ବିଭାଗ ଯୋଜନା କରୁଛି, ପ୍ରସ୍ତାବ ଯାଇଛି । ଆପ୍ରୁଭାଲ ମିଳିଲେ କାର୍ଯ୍ୟକାରୀ ହେବ ।

ଅତିରିକ୍ତ ସୁରକ୍ଷା ଜମା ପ୍ରସଙ୍ଗ

ଟାଟା ପାୱାରକୁ ହାଇକୋର୍ଟଙ୍କ ଜବାବ ତଲବ

କଟକ ୧୩।୧: ଅତିରିକ୍ତ ବିଦ୍ୟୁତ ସୁରକ୍ଷା ଜମା ଆଦାୟ ପ୍ରସଙ୍ଗରେ ଟାଟା ପାୱାରକୁ ଜବାବ ତଲବ କରିଛନ୍ତି ହାଇକୋର୍ଟ । ଏହାସହିତ ଓଇଆରସି ଏବଂ ରାଜ୍ୟ ସରକାରଙ୍କୁ ମଧ୍ୟ ନୋଟିସ୍ ଜାରି ହୋଇଛି । ଦୁଇ ସପ୍ତାହ

ଓଇଆରସି ଓ ଶକ୍ତି ସଚିବଙ୍କୁ ମଧ୍ୟ ନୋଟିସ୍

ମଧ୍ୟରେ ଜବାବ ରଖିବାକୁ ସମସ୍ତ ପକ୍ଷଙ୍କୁ ନିର୍ଦ୍ଦେଶ ଦେଲେ ହାଇକୋର୍ଟ । ତିନି ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଆଜି ଦିନ ଧାର୍ଯ୍ୟ ହୋଇଛି ।

ଭଏସ ଅଫ କଟକ ପକ୍ଷରୁ ସ୍ମାର୍ଟ ମିଟର ଏବଂ ଅତିରିକ୍ତ ସୁରକ୍ଷା ଜମାକୁ ବିରୋଧ କରି ହାଇକୋର୍ଟରେ ରୁଜୁ ହୋଇଛି ଜନସ୍ୱାର୍ଥ ମାମଲା । ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଆଇନ ଏବଂ ଓଡ଼ିଶା ବିଦ୍ୟୁତ ନିର୍ଦ୍ଦେଶାବଳୀର ଉଲ୍ଲଙ୍ଘନ ଅଭିଯୋଗ ଦର୍ଶାଇ ହାଇକୋର୍ଟରେ ମାମଲା ଦାୟର ହୋଇଛି । ସ୍ମାର୍ଟ ମିଟର ଏବଂ ଅତିରିକ୍ତ ସୁରକ୍ଷା ଜମାକୁ ତୁରନ୍ତ ପ୍ରତ୍ୟାହାର କରିବା ନେଇ ଆବେଦନରେ ଦର୍ଶାଯାଇଛି ।

ବାଂଲାଦେଶୀ ଅନୁପ୍ରବେଶକାରୀ ସମ୍ପର୍କିତ ମାମଲା

ହାଇକୋର୍ଟଙ୍କୁ ସନ୍ତୁଷ୍ଟ କରିପାରିନି ସରକାରୀ ତଥ୍ୟ, ସବିଶେଷ ତଥ୍ୟ ଦେବାକୁ ନିର୍ଦ୍ଦେଶ

କଟକ : ରାଜ୍ୟରେ କେତେ ସଂଖ୍ୟକ ବାଂଲାଦେଶୀ ଅଛନ୍ତି । ଅନୁପ୍ରବେଶକାରୀ ଭାବେ କେତେ ଜଣ ଚିହ୍ନଟ ହୋଇଛନ୍ତି, ସେନେଇ ରାଜ୍ୟ ସରକାର ଯେଉଁ ତଥ୍ୟ ଦେଇଛନ୍ତି, ତାହା ହାଇକୋର୍ଟଙ୍କୁ ସନ୍ତୁଷ୍ଟ କରିପାରିନାହିଁ। ତେଣୁ ୨ ସପ୍ତାହ ମଧ୍ୟରେ ସବିଶେଷ ବିବରଣୀ ଦେବା ଲାଗି ଗୃହ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ବାଂଲାଦେଶୀଙ୍କ ଅନୁପ୍ରବେଶ ରୋକିବା ପାଇଁ ରାଜ୍ୟ ସରକାର ଗତ ବର୍ଷ ଜୁନ୍ ମାସରେ ଏସଟିଏଫ ଗଠନ କରିଛନ୍ତି । ଯାହା ଜରିଆରେ ଅନୁପ୍ରବେଶ ରୋକିବା, ବେଆଇନ ଭାବେ ରହୁଥିବା ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ନିଷ୍ପତ୍ତି ହୋଇଛି । ତେବେ ପୂର୍ବ ସରକାର ଅମଳରେ ଚିହ୍ନଟ ହୋଇଥିବା ବାଂଲାଦେଶୀଙ୍କ ସଂଖ୍ୟା ଏବଂ ବର୍ତ୍ତମାନର ସଂଖ୍ୟା ଭିତରେ ଅନେକ ଫରକ ରହିଛି । ଯାହାକୁ ନେଇ ଆବେଦନକାରୀ ଆଜି ଶୁଣାଣି ସମୟରେ ଆପତ୍ତି ଉଠାଇଛନ୍ତି । ତେଣୁ ଆସନ୍ତା ତାରିଖ ସୁଦ୍ଧା ସବିଶେଷ ତଥ୍ୟ ଦେବା ଲାଗି ଆଜି ରାଜ୍ୟ ଗୃହ ବିଭାଗକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ସ୍କୁଲରେ ଜଣ୍ଡିସ ନିରାକରଣ ପାଇଁ ସବୁ ଜିଲ୍ଲାର ଡିଇଓ ମାନଙ୍କୁ ସତର୍କ ରହିବାକୁ ଦିଆଯିବ ନିର୍ଦ୍ଦେଶ

ଭୁବନେଶ୍ୱର : ସ୍କୁଲରେ ଜଣ୍ଡିସ ନିରାକରଣ ପାଇଁ ସବୁ ଜିଲ୍ଲାର ଡିଇଓ ମାନଙ୍କୁ ସତର୍କ ରହିବ ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ସେ କହିଛନ୍ତି ଯେ, ଆବଶ୍ୟକ ପଡ଼ିଲେ ସ୍ୱାସ୍ଥ୍ୟ ବିଭାଗର ସହଯୋଗ ନେବୁ। ସ୍କୁଲରେ ଜଣ୍ଡିସ ବ୍ୟାପିବା ଚିନ୍ତାର ବିଷୟ। ଏହାର ନିରାକରଣ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିବା ପାଇଁ ସରକାର ଚିନ୍ତା କରୁଛନ୍ତି। ତାର କାରଣ ଜାଣିବା ଆବଶ୍ୟକତା ରହିଛି । ଗଡିଆ ବ୍ଲକରେ ଦୁଇ ଜଣ ପିଲା ଜଣ୍ଡିସରେ ଆକ୍ରାନ୍ତ ଅଛନ୍ତି। ତାର ଚିକିତ୍ସା କରାଯାଉଛି । ଏହା ହେଉଛି ପିଲାଙ୍କ ସମସ୍ୟା। ଆମେ ଗୁରୁତର ସହ ନେଉଛୁ। ଜଣ୍ଡିସର କାରଣ ଜାଣିବା ପରେ ସେଠାରେ ଆକ୍ୱାଗାର୍ଡ ଲାଗିବ। ସ୍କୁଲରେ କେଉଁଥିପାଇଁ ବ୍ୟାପୁଛି କଣ ଆବଶ୍ୟକତା ଅଛି ତାକୁ ଦେଖିବୁ ବୋଲି ମନ୍ତ୍ରୀ କହିଛନ୍ତି ।

ବ୍ରାହ୍ମଣ ନିଯୋଗ ସହ ବିବାଦ

ଆସନ୍ତାକାଲି ବି ଲିଙ୍ଗରାଜ ମନ୍ଦିରରେ ବନ୍ଦ ରହିବ ନୀତିକାନ୍ତି

ଭୁବନେଶ୍ୱର: ଆସନ୍ତାକାଲି ବି ଲିଙ୍ଗରାଜ ମନ୍ଦିରରେ ବନ୍ଦ ରହିବ ନୀତିକାନ୍ତି। ବ୍ରାହ୍ମଣ ନିଯୋଗ ସହ ବିବାଦ ଯୋଗୁଁ ନୀତି ବନ୍ଦ କରିବ ବଡ଼ୁ ନିଯୋଗ । ଆଜି ସନ୍ଧ୍ୟାରୁ କ୍ଷୀର ଆଉଟା ନୀତି ଠାରୁ ଆଉ ନୀତି ଆଗକୁ ବଢ଼ି ନାହିଁ। କୋର୍ଟଙ୍କ ନିର୍ଦ୍ଦେଶ ପରେ ବଡ଼ୁ ନିଯୋଗ ନେଇଛି ନିଷ୍ପତ୍ତି। ଗତ ବର୍ଷ ମକର ସଂକ୍ରାନ୍ତିରେ ବଡ଼ୁ ଓ ବ୍ରାହ୍ମଣ ନିଯୋଗ ବିବାଦ ଯୋଗୁଁ ମଧ ନୀତି ବନ୍ଦ ହୋଇଥିଲା। ନିୟମ ଅନୁସାରେ ବଡ଼ୁ ନିଯୋଗ କ୍ଷୀର ଆଉଟା ନୀତି ସମ୍ପନ୍ନ କରିବା କଥା। କିନ୍ତୁ ବ୍ରାହ୍ମଣ ନିଯୋଗ କରୁଛି । ନୀତି ବନ୍ଦ ନେଇ ଖୋର୍ଦ୍ଧା ଜିଲ୍ଲାପାଳ, ମନ୍ଦିର ପ୍ରଶାସକ ଆଦି ସମସ୍ତଙ୍କୁ ଚିଠି ଦିଆଯାଇଛି । ଆସନ୍ତାକାଲି ମନ୍ଦିର ଖୋଲା ରହିବ। ଶ୍ରଦ୍ଧାଳୁ ଦର୍ଶନ କରିବେ ହେଲେ ମହାପ୍ରଭୁଙ୍କ ପାଖରେ ନୀତି ହେବ ନାହିଁ ବୋଲି କହିଛନ୍ତି ବଡ଼ୁ ନିଯୋଗ ସମ୍ପାଦକ କମଳାକାନ୍ତ ବଡ଼ୁ । ଏହା ପୂର୍ବରୁ ମଧ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁଁ ପ୍ରଭୁ ଲିଙ୍ଗରାଜଙ୍କୁ ଅନେକ ଦିନ ଖାଡ଼ା ଉପବାସ ରହିବାକୁ ପଡ଼ିଛି। ପ୍ରତିଥର ବିବାଦ ସମାଧାନ ହୋଇଯାଏ । କିନ୍ତୁ ପୁଣି ଥରେ ଯେଉ କଥାକୁ ସେହି କଥା। ବିବାଦ କାରଣରୁ ବାରମ୍ବାର ନୀତିକାନ୍ତି ବନ୍ଦ ହେଉଛି । ଭୋଗ ମଧ ପ୍ରସ୍ତୁତ ହୋଇ ପାରୁନି ।

'ଇନସ୍ପାଏରିଂ ଇନୋଭେଟର୍ସ' ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପାଇଁ ନେଟଫ୍ଲିକ୍ସ ସହିତ ଭାରତ ସରକାରଙ୍କ ସହଭାଗିତା

ନୂଆଦିଲ୍ଲୀ (ପିଆଇବି) : ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଏବଂ ମୁଖ୍ୟ ବୈଜ୍ଞାନିକ ପରାମର୍ଶଦାତା (ପିଏସଏ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ଇନସ୍ପାଏରିଂ ଇନୋଭେଟର୍ସ - ନୟେ ଭାରତ କୀ ନୟି ପେହଚାନ୍ (ନବସୃଜନକାରୀଙ୍କୁ ଅନୁପ୍ରାଣିତ କରିବା - ନୂତନ ଭାରତର ନୂଆ ପରିଚୟ) ନାମକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହା ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଯାହାକୁ ନେଟଫ୍ଲିକ୍ସ ଫଣ୍ଡ୍ ଫର୍ କ୍ରିଏଟିଭ୍ ଇକ୍ୟୁଟି ସହ ମିଳିତ ଭାବେ ବିକଶିତ କରାଯାଇଛି। ଗ୍ରାଫିଟୀ ଷ୍ଟୁଡିଓଜ୍ ସହିତ ଭାଗିଦାରୀରେ ହୋଇଥିବା ଏହି ପ୍ରୟାସ କାହାଣୀ କହିବା ଏବଂ ହ୍ୟାଣ୍ଡସ୍ ଅନ୍ ସ୍କିଲିଂ ଜରିଆରେ ସାମାଜିକ ଭାବେ ପ୍ରାସଙ୍ଗିକ ନବସୃଜନକୁ ପ୍ରୋତ୍ସାହନ ଦେବା ଲାଗି ଭାରତର ନୂତନ ଉଦ୍ଭାବନ ଏବଂ ସୃଜନଶୀଳ ପରିବେଶକୁ ଏକତ୍ରିତ କରିଥାଏ। ଏହି କାର୍ଯ୍ୟକ୍ରମରେ ପିଏସଏ କାର୍ଯ୍ୟାଳୟ ଦ୍ୱାରା ସାମାଜିକ ପ୍ରଭାବ ସୃଷ୍ଟିକାରୀ ନୂତନ ଉଦ୍ଭାବନକୁ ଆଗେଇ ନେବାରେ କାର୍ଯ୍ୟ କରିବା ପାଇଁ ଚିହ୍ନଟ ହୋଇଥିବା ଆଠଟି ଭାରତୀୟ ଷ୍ଟାର୍ଟ-ଅପ୍‌ର ଅବଦାନକୁ ପ୍ରଦର୍ଶିତ କରାଯାଇଛି। ଏହି ଷ୍ଟାର୍ଟ-ଅପ୍‌ଗୁଡ଼ିକୁ ଭାରତର ଆଠଟି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନିର୍ମିତ ଆଠଟି କ୍ଷୁଦ୍ର ଏନିମେଟେଡ୍ ଚଳଚ୍ଚିତ୍ର ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି। ଏଗୁଡ଼ିକ ମଧ୍ୟରେ ନେସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ, ଚିତକାରା ୟୁନିଭର୍ସିଟି, ସତ୍ୟଜିତ ରାୟ ଇନଷ୍ଟିଚ୍ୟୁଟ୍ ଅଫ୍ ଫିଲ୍ମ ଏଣ୍ଡ ଟେଲିଭିଜନ ଏବଂ ଅନ୍ୟ କେତେକ ଅନୁଷ୍ଠାନ ସାମିଲ ରହିଛନ୍ତି । ଜାତୀୟ ଚଳଚ୍ଚିତ୍ର ବିକାଶ ନିଗମ (ଏନଏଫଡିସି) ସହିତ ସହଭାଗିତାରେ ନେଟଫ୍ଲିକ୍ସ ଦ୍ୱାରା ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଭଏସ୍ ? ବକ୍ସର ଅଂଶଗ୍ରହଣକାରୀଙ୍କ ଦ୍ୱାରା ଚଳଚ୍ଚିତ୍ରଗୁଡ଼ିକର ଭଏସ ଓଭର୍ ରେକର୍ଡ କରାଯାଇଛି। ନେଟଫ୍ଲିକ୍ସ ଫଣ୍ଡ୍ ଫର କ୍ରିଏଟିଭ୍ ଇକ୍ୱିଟି ଅଧୀନରେ କାହାଣୀ କହିବା ଏବଂ ଦକ୍ଷତା-ନେତୃତ୍ୱାଧୀନ ଏକ କାର୍ଯ୍ୟକ୍ରମ ଭାବରେ ଏହାକୁ ଡିଜାଇନ୍ କରାଯାଇଛି । ଏହା ଭାରତର ବିଭିନ୍ନ ସ୍ଥାନରୁ ୨୬ ଜଣ ଛାତ୍ରଛାତ୍ରୀଙ୍କୁ ହ୍ୟାଣ୍ଡସ୍ ବାସ୍ତବ ସୃଜନଶୀଳ ଅଭିଜ୍ଞତା ପ୍ରଦାନ କରିଥିଲା। ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୫୦% ଝିଅ ଥିଲେ, ଅନେକ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀ ସହରରୁ ଆସିଥିଲେ। ଛାତ୍ରଛାତ୍ରୀଙ୍କୁ ନେସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ୍ (ଏନଆଇଡି), ଅହମ୍ମଦାବାଦ ଏବଂ ଗ୍ରାଫିଟି ଷ୍ଟୁଡିଓର ବିଶେଷଜ୍ଞମାନଙ୍କ ଦ୍ୱାରା ପରାମର୍ଶ ଦିଆଯାଇଥିଲା, ଯାହାଫଳରେ ସେମାନେ ଶିକ୍ଷ ପ୍ରକ୍ରିୟା ସହିତ ବ୍ୟବହାରିକ, ବାସ୍ତବ ଦୁନିଆ ଅନୁଭୂତି ହାସଲ କରିଥିଲେ। ଶଙ୍କର ମହାଦେବନ ଏକାଡେମୀର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମର ସଙ୍ଗୀତ ପରିବେଷଣ କରାଯାଇଥିଲା, ଯାହା ଏଥିରେ ଏକ ସାଂସ୍କୃତିକ ଏବଂ ସୃଜନଶୀଳ ଦିଗ ଯୋଡ଼ିଥିଲା। ଏହି କାର୍ଯ୍ୟକ୍ରମରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗନ କହିଛନ୍ତି, ''ଭାରତର କାହାଣୀ କହିବାର ସମୃଦ୍ଧ ପରମ୍ପରାକୁ ଆଧାର ଆମର ନିର୍ମାତାମାନେ ଆଜି ଭାରତୀୟ କାହାଣୀଗୁଡ଼ିକୁ ବିଶ୍ୱ ଦର୍ଶକଙ୍କ ପାଖରେ ପହଞ୍ଚାଇବାର ସୁଯୋଗ ପାଇଛନ୍ତି। ବୌଦ୍ଧିକ ସମ୍ପତ୍ତି ତାଞ୍ଚାକୁ ସୁଦୃଢ଼ କରିବା ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ସୃଜନଶୀଳ ଇକୋସିଷ୍ଟମକୁ ସକ୍ଷମ କରିବା ପାଇଁ ସରକାରଙ୍କ ପ୍ରୟାସ ସେମାନଙ୍କୁ ସମର୍ଥନ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଅନୁରୂପ ବର୍ତ୍ତମରନ ଭାରତରେ ନିର୍ମାଣ ଏବଂ ବିଶ୍ୱ ପାଇଁ ନିର୍ମାଣ କରିବାର ସଠିକ୍ ସମୟ। ବିଭିନ୍ନ କଣ୍ଟେଣ୍ଟ ବା ବିଷୟବସ୍ତୁ, ସୃଜନଶୀଳତା ଏବଂ ସଂସ୍କୃତି ଏବେ ଭାରତୀୟ ଅର୍ଥବ୍ୟବସ୍ଥାର ପ୍ରମୁଖ ସ୍ତମ୍ଭ ଭାବରେ ଉଭା ହେଉଛି। ଭାରତ ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା ପ୍ରଫେସର ଅଜୟ କୁମାର ସୁଦ କହିଛନ୍ତି, 'ଇନସ୍ପାଏରିଂ ଇନୋଭେଟର୍ସ' କାର୍ଯ୍ୟକ୍ରମକୁ ସାମାଜିକ ପ୍ରାସଙ୍ଗିକତା ସହିତ ନବସୃଜନକୁ ପ୍ରଦର୍ଶିତ କରିବା ଏବଂ ଦକ୍ଷତା ଓ ଜ୍ଞାନର ମାର୍ଗକୁ ସୁଦୃଢ଼ କରିବା ପାଇଁ ଡିଜାଇନ୍ କରାଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଶ୍ରୀ ସଞ୍ଜୟ ଜାଜୁ କହିଛନ୍ତି, ଭାରତରେ ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ନୂତନ ଉଦ୍ଭାବନ ହେଉଛି। ସାମାଜିକ କ୍ଷେତ୍ରରେ ନୂତନ ଉଦ୍ଭାବନକାରୀ ବା ଇନୋଭେଟର୍ ?ମାନେ ସେମାନଙ୍କର ଉଦ୍ଭାବନ ଜରିଆରେ ଦୈନନ୍ଦିନ ସମସ୍ୟାର ପ୍ରଭାବୀ ସମାଧାନ କରୁଛନ୍ତି। ନେଟଫ୍ଲିକ୍ସକୁ ଭାରତରେ ଦଶ ବର୍ଷ ପୂରଣ ହେଉଥିବା ସମୟରେ 'ଇନସ୍ପାଏରିଂ ଇନୋଭେଟର୍ସ' କାର୍ଯ୍ୟକ୍ରମ କାହାଣୀ କହିବା ଠାରୁ ଆଗକୁ ବଢ଼ି ଦକ୍ଷତା ବିକାଶ ଏବଂ ସଶକ୍ତିକରଣର ଏକ ଫଳପ୍ରଦ ମଞ୍ଚ ପାଲଟିଛି। ଏହା ଦେଶର ଯୁବ ପ୍ରତିଭାଙ୍କର ଆତ୍ମବିଶ୍ୱାସ ଏବଂ ବୃତ୍ତିଗତ ମନୋଭାବକୁ ଦର୍ଶାଉଛି । ନେଟଫ୍ଲିକ୍ସ ଇଣ୍ଡିଆର ବିଶ୍ୱ ବ୍ୟାପାର ନିର୍ଦ୍ଦେଶକ ମହିମା କୌଲ କହିଛନ୍ତି, ଭାରତର ଯୁବ ଏବଂ ଉଜ୍ଜ୍ୱଳ ସୃଜନଶୀଳ ଇକୋସିଷ୍ଟମର ଦକ୍ଷତା ବିକାଶ ଏବଂ ପୁନଃଦକ୍ଷତା ବିକାଶ ଲାଗି ନେଟଫ୍ଲିକ୍ସ ସଂକଳ୍ପବଦ୍ଧ ରହିଛି । 'ଇନସ୍ପାଏରିଂ ଇନୋଭେଟର୍ସ' କାର୍ଯ୍ୟକ୍ରମ ସାମାଜିକ ମୂଲ୍ୟବୋଧ ପ୍ରତି ସହଭାଗୀ ପ୍ରତିବଦ୍ଧତାକୁ ଦର୍ଶାଉଛି । ମନ୍ଥନ ପ୍ଲାଟଫର୍ମ ଜରିଆରେ ଆଠଟି ସାମାଜିକ ନବସୃଜନକାରୀ ଷ୍ଟାର୍ଟଅପ୍‌କୁ ସମର୍ଥନ ଦିଆଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଆଠଟି ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଛି। ନିଓ ମୋସନ ଚଳଚ୍ଚିତ୍ର ସେହି ଉଦ୍ଭାବକମାନଙ୍କୁ ଅନୁସରଣ କରିଥାଏ ଯେଉଁମାନେ ଦିବ୍ୟାଙ୍ଗଜନଙ୍କୁ ସ୍ୱାଧୀନ ଭାବେ ବୁଲିବା ଏବଂ ସମ୍ମାନଜନକ ଜୀବନ ବଞ୍ଚିବା ଲାଗି ହ୍ୱିଲଚେୟାର ଏବଂ ମୋବିଲିଟି ସମାଧାନ ପ୍ରସ୍ତୁତ କରିଥାନ୍ତି। ସେହିପରି ବ୍ଲାଇଣ୍ଡ୍ ଭିଜନ ଫାଉଣ୍ଡେସନ ଦୃଷ୍ଟିଶକ୍ତିହୀନଙ୍କୁ ପଢ଼ିବା, ରାସ୍ତା ଚିହ୍ନିବା, ମୁହଁ ଚିହ୍ନିବା ଏବଂ ଆତ୍ମବିଶ୍ୱାସର ସହ ଜୀବନ ବଞ୍ଚିବା ଲାଗି ଏଆଇ କ୍ଷମତାସମ୍ପନ୍ନ ସ୍ମାର୍ଟ ଚଷମା ପ୍ରସ୍ତୁତିକୁ ଦର୍ଶାଇଥାଏ। ସେହିପରି ହେଲ୍‌ଥକେୟାର ଗ୍ଲୋବାଲ୍ ଏଣ୍ଟରପ୍ରାଇଜେସ୍ ଏପରି ଏକ ଶସ୍ତା ଭଏସ୍ ପ୍ରୋସ୍ଥେସିସ୍‌ର କାହାଣୀ କହିଥାଏ ଯାହା ଲ୍ୟାରିଙ୍ଗେଟୋମି ପରେ କର୍କଟ ପୀଡ଼ିତ ଲୋକଙ୍କ କହିବା କ୍ଷମତା, ସମ୍ମାନ ଏବଂ ଜୀବିକା ଫେରାଇ ଆଣିଥାଏ। ସେହିପରି ଇନୋଗ୍ଲ ଚଳଚ୍ଚିତ୍ର ଭାରତର ନୀଳ ଅର୍ଥବ୍ୟବସ୍ଥା ପାଇଁ ସାମୁଦ୍ରିକ ସୁରକ୍ଷା, ଜଳଜ ଜୀବ ଉତ୍ପାଦକତା, ସାଗର ନିରାପତ୍ତା ଏବଂ ବିପର୍ଯ୍ୟୟ ଅନୁଧ୍ୟାନ ନିମନ୍ତେ ଏଆଇ ଏବଂ ପାଣି ଭିତରର ପ୍ରଯୁକ୍ତିବିଦ୍ୟା ବିଷୟରେ ବର୍ଣ୍ଣନା କରିଥାଏ। ଏହାବ୍ୟତୀତ କଲ୍‌ଟୟଭେଟ୍ ? ଚଳଚ୍ଚିତ୍ର ଚାଷୀଙ୍କ ପାଇଁ ଜଳ ସଂରକ୍ଷଣ, ଉତ୍ପାଦନ ବୃଦ୍ଧି ଏବଂ ଜଳବାୟୁ-ପ୍ରତିରୋଧୀ, ସଠିକ କୃଷି ପଦ୍ଧତି ଗ୍ରହଣ କରିବାରେ ସାହାଯ୍ୟ କରୁଥିବା ଏଆଇ ପରିଚାଳିତ ଜଳସେଚନ ପ୍ରଣାଳୀର କାହାଣୀ ବର୍ଣ୍ଣନା କରିଥାଏ। ବର୍ଜ୍ୟ ପରିଚାଳନା ଉପରେ ଆଧାରିତ ଓ୍ୱି ଭଏସ୍ ଲ୍ୟାବ୍ସ, ଅଙ୍ଗାରକାମ୍ଳକୁ ମୂଲ୍ୟବାନ ଜୈବ ସମ୍ପଦରେ ପରିଣତ କରୁଥିବା ଗ୍ରିଞ୍ଜିନ୍ ଏନଭାରନମେଣ୍ଟ ଟେକ୍ନୋଲୋଜି, କୃଷି ଓ ଶିଳ୍ପ ବର୍ଜ୍ୟ ପରିଚାଳନା ଉପରେ ଆଧାରିତ ଏଲସିବି ଫର୍ଟିଲାଇଜର୍ସ ଆଦି ଚଳଚ୍ଚିତ୍ର ନେଟଫ୍ଲିକ୍ସ ଇଣ୍ଡିଆର ୟୁଟ୍ୟୁବ୍ ଚ୍ୟାନେଲରେ ଉପଲବ୍ଧ ରହିଛି ।

ନୂଆପଡାରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଅନୁଷ୍ଠିତ

ନୂଆପଡ଼ା (ମାନିସ) : ନୂଆପଡା ଜଳ ସମ୍ପଦ ବିଭାଗ ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୬ ସ୍ଥାନୀୟ ପୋଲିସ ପଡିଆରେ ଅନୁଷ୍ଠିତ ହୋଇଯାଇଛି ଓ ଏହି ସମାରୋହରେ ନୂଆପଡା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ପ୍ରସନ୍ନ ପାଢ଼ୀ, ନୂଆପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରି ସାହୁ, କୋମନା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୁସୁୟା କୁମ୍ଭାର, ଜିଲ୍ଲା ପରିଷଦ ସଭ୍ୟ ଭାରତ ଲାଲ ରାଉତ, ଲୋଅର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଆପେକ୍ସ କମିଟି ସଭାପତି ମିଳନ ଯାଦବ, ଡୁମେରବାହାଲ ଆପେକ୍ସ କମିଟି ସଭାପତି ରାଧେଶ୍ୟାମ ସାନ୍ତା, ସିଡିଏଓ ପ୍ରଦୀପ କୁମାର ନାୟକ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମି ରଞ୍ଜନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ଓ ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ପ୍ରେମାନନ୍ଦ ମାଝୀ ସମସ୍ତଙ୍କୁ ସମାରୋହରେ ସ୍ୱାଗତ କରି ସମ୍ଭାଷଣ ପ୍ରଦାନ କରିଥିଲେ ଓ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିମାନେ ଉପସ୍ଥିତ ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇ ଜଳର ସୁପରିଚାଳନା ଓ ସୁବିନିଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ ଓ ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ପ୍ରେମାନନ୍ଦ ମାଝୀ କହିଲେ ଯେ, ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମେ ଡିଭିଜନ ସ୍ତରରେ ପାଣି ପଞ୍ଚାୟତ ପକ୍ଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆଜି ଜିଲ୍ଲା ସ୍ତରୀୟ ସମାରୋହର ଆୟୋଜନ କରାଗଲା। ଜିଲ୍ଲାପାଳ ଏହି ପକ୍ଷ ପାଳନର ସଂଯୋଜକ ଏବଂ ସମନ୍ୱୟକାରୀ ଓ ଏହି ପକ୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜଳର ସୁପରିଚାଳନା, ସୁବିନିଯୋଗ ଏବଂ ଚାଷୀ ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ଚାଷ କାର୍ଯ୍ୟକୁ ଆଗକୁ ନେଇଯିବା ଓଏହି ଅବସରରେ ପକ୍ଷ ପାଳନ ନିମନ୍ତେ ଆୟୋଜିତ କୁଇଜ୍, ଚିତ୍ରାଙ୍କନ, ନିବନ୍ଧ, ବିତର୍କ ଓ ପ୍ରଦର୍ଶନୀ ଇତ୍ୟାଦି ପ୍ରତିଯୋଗିତାରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ ଓ ପ୍ରଥମ ପୁରସ୍କାର ରାଶି ଥିଲା ୨୫୦୦ ଟଙ୍କା, ଦ୍ୱିତୀୟ ୨୦୦୦ ଟଙ୍କା ଓ ତୃତୀୟ ୧୫୦୦ ଟଙ୍କା ଓ ନୂଆପଡ଼ା ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଉଜ୍ଜ୍ୱଳ ଜାନୀ ଏବଂ ଲୋଅର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟ କିଶୋର ଜୟପୁରିଆ ପ୍ରମୁଖ ସମାରୋହ ପରିଚାଳନା କରିଥିଲେ । ଏଥିରେ ଜଳସେଚନ ବିଭାଗର ସମସ୍ତ ଯନ୍ତ୍ରୀ,ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରରେ ନବନିଯୁକ୍ତ କର୍ମଚାରୀଙ୍କ ମାର୍ଗଦର୍ଶନ କଲେ ପିଆଇବି ଏଡିଜି

ଭୁବନେଶ୍ୱର (ପିଆଇବି) : ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱରର ସମାଚାର ପ୍ରଭାଗରେ ନବନିଯୁକ୍ତ ଚୁକ୍ତିଭିତ୍ତିକ କର୍ମଚାରୀ ଏବଂ ପ୍ରଶିକ୍ଷାର୍ଥୀ ସାମ୍ବାଦିକମାନଙ୍କୁ ନେଇ ଆଜି ଏକ ମତ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ସେ ନୂତନ ଭାବେ ଦୂରଦର୍ଶନ କେନ୍ଦ୍ରରେ ଯୋଗ ଦେଇଥିବା ଚୁକ୍ତିଭିତ୍ତିକ କର୍ମଚାରୀ ଓ ପ୍ରଶିକ୍ଷାର୍ଥୀ ସାମ୍ବାଦିକମାନଙ୍କୁ ବୃତ୍ତିଗତ ମନୋଭାବ, କର୍ତ୍ତବ୍ୟ ପ୍ରତି ସମର୍ପଣ ଏବଂ କାର୍ଯ୍ୟସ୍ଥଳରେ ବ୍ୟକ୍ତିଗତ ପ୍ରଗତି ଆଦି ପ୍ରସଙ୍ଗରେ ମାର୍ଗଦର୍ଶନ କରିଥିଲେ। ସେ ଯୋଗାଯୋଗର ବିଭିନ୍ନ ଉପାଦାନ ବିଷୟରେ ମତ ରଖିବା ସହିତ ଯୁବ ପେସାଦାରମାନଙ୍କୁ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟରେ ଏକାଗ୍ରତା, ଉତ୍ପାଦକତା ଏବଂ ଦକ୍ଷତାରେ ସୁଧାର ଆଣିବା ଲାଗି ତାଲିକା ପ୍ରସ୍ତୁତ କରି କାର୍ଯ୍ୟ କରିବାର ଅଭ୍ୟାସ ବିକଶିତ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ସମାଚାର ବିଭାଗ ମୁଖ୍ୟ ତଥା ଉପନିର୍ଦ୍ଦେଶକ ଡକ୍ଟର ଅଭିଷେକ ମିଶ୍ରା, ବାର୍ତ୍ତା ସମ୍ପାଦକ ସୁଦର୍ଶନ ସାହୁ, ପଦ୍ମଲୋଚନ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀରେ ସାଲେପୁରଠାରେ ଯୁବ ଆଇନଜୀବୀ ଦିବସ ପାଳନ

ସାଲେପୁର (ମାନିସ) : ସାଲେପୁର ମଧୁ ମଣ୍ଡପରେ କଟକ ଜିଲ୍ଲା ଅଧିବକ୍ତା ପରିଷଦ ଓ ସାଲେପୁର ବାର ଆସୋସିଏସନ ର ମିଳିତ ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦ ଙ୍କ ଜୟନ୍ତୀ ଅବସରରେ ଜିଲ୍ଲା ସ୍ତରୀୟ ଯୁବ ଆଇନିଜୀବୀ ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡିଶା ଉଚ୍ଚ ନ୍ୟାୟାଳୟ ବିଚାରପତି ମାନ୍ୟବର ନ୍ୟାୟ ମୂର୍ତ୍ତି ଆନନ୍ଦ ଚନ୍ଦ୍ର ବେହେରା, ସଂମ୍ମାନିତ ଅତିଥିଭାବେ ଓଡିଶା ଅଧିବକ୍ତା ପରିଷଦ ସଭାପତି ଅଜିତ ପଟ୍ଟନାୟକ, ସରୋଜ କୁମାର ଜୀ , ସମ୍ପାଦକ ଜଟେଶ୍ୱର ନାୟକ, ସାଲେପୁର ବାର ଆସୋସିଏସନ ସଭାପତି ବିକ୍ରମ ବଳ ଓ ସମ୍ପାଦକ ଭାସ୍କର ବେହେରାଙ୍କ ସହ ସାଲେପୁର କୋର୍ଟର ମାଜିଷ୍ଟ୍ରେଟ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ବିବେକାନନ୍ଦ ଙ୍କ ଜୀବନାଦର୍ଶନ ଉପରେ ଆଲୋକପାତ କରିବା ସହ ଆଇନୀ ପାଠ୍ୟକ୍ରମ ନିଷ୍ଠାର ସହ ଅଧ୍ୟୟନ କଲେ ସଠିକ ନ୍ୟାୟ ପ୍ରଦାନ କରିପାରିବେ ବୋଲି ମାତାବ୍ୟକ୍ତ କରିଥିଲେ। ଆଜିର ସମାଜ ପାଇଁ ଆଇନ ବ୍ୟବସ୍ଥା , ରାଷ୍ଟ୍ର ପାଇଁ ଓକିଲଙ୍କ କର୍ତ୍ତବ୍ୟ, ସାଧାରଣ ଲୋକଙ୍କ ପାଖରେ କିଭଳି ନ୍ୟାୟ ପହଂଚି ପାରିବ ସେ ସବୁର ପୁଙ୍ଖାନୁପୁଙ୍ଖ ଭାବେ ଅତିଥିମାନେ ମଞ୍ଚରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଇନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଛଅ ଜଣ ଯୁବ ଅଧିବକ୍ତାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲା।ଏହି କାର୍ଯ୍ୟକ୍ରମରେ ସାଲେପୁର ବାର ଆସୋସେସନର ସମସ୍ତ ଓକିଲ ମାନେ ଉପସ୍ଥିତ ରହିଥିଲା।

ପାଣି ସଂରକ୍ଷଣ ଓ ପରିଚାଳନା ଉପରେ ଗୁରୁତ୍ୱ: ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ

ରାୟଗଡ଼ (ମାନିସ) : ପାଣି ସଂରକ୍ଷଣ, ସୁଚିତ ପାଣି ବ୍ୟବହାର ଏବଂ ସ୍ଥାନୀୟ ସ୍ତରରେ ପାଣି ପରିଚାଳନାକୁ ଅଧିକ ସକ୍ରିୟ ଓ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାୟଗଡାରେ ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ–୨୦୨୬ ଉତ୍ସବ ଭବ୍ୟ ଭାବରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ସରସ୍ୱତୀ ମାଝୀ ଯୋଗଦେଇ ଚାଷୀମାନଙ୍କ ସମସ୍ୟା ସମାଧାନ ପାଇଁ ସମସ୍ତ ସମ୍ପୃକ୍ତ ବିଭାଗ ଓ ପାଣି ପଞ୍ଚାୟତ ସଦସ୍ୟମାନଙ୍କ ସମନ୍ୱିତ ପ୍ରୟାସ ଆବଶ୍ୟକ। ସମୟରେ ସିଚାଇ ପାଣି ଯୋଗାଣ, ନାଳ ଓ କ୍ୟାନାଲର ସଠିକ୍ ରକ୍ଷଣାବେକ୍ଷଣ ଏବଂ ପାଣିର ସମବଣ୍ଟନ ସୁନିଶ୍ଚିତ ହେଲେ ଚାଷୀମାନଙ୍କ ଅନେକ ସମସ୍ୟା ସ୍ୱତଃସ୍ଫୁର୍ତ୍ତ ଭାବେ ଦୂର ହୋଇପାରିବ ବୋଲି ସେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଏସ୍ ?.କେ. ହେଶାନ, ଅଧିକ୍ଷଣ ଯନ୍ତ୍ରୀ (କ୍ଷୁଦ୍ର ଜଳସେଚନ) ଶ୍ରୀ ଜଗନ୍ନାଥ ମଲ୍ଲିକ, ନିର୍ବାହୀ ଯନ୍ତ୍ରୀ (ବୃହତ ଉଠା ଜଳସେଚନ) ପାରଳାଖେମୁଣ୍ଡିର ଶ୍ରୀ ସପୋଷ ନାୟକ, ଓ.ସି.ସି.ର ବରିଷ୍ଠ ପରିଚାଳକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାଥୁଆ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ଦୁର୍ଯ୍ୟୋଧନ ଜାନି, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଓ.ସି.ସି. ପରିଚାଳକ ଶ୍ରୀ ଯଜ୍ଞ ପ୍ରସାଦ ପ୍ରଧାନ ଓ ଉଠା ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଗୁଣୁପୁରର ଶ୍ରୀ ମୋହନ ବେହେରା ଉପସ୍ଥିତ ଥିଲେ। ଅତିଥିମାନେ ଚାଷୀମାନଙ୍କୁ ସରକାରଙ୍କ ବିଭିନ୍ନ ଜଳସେଚନ ଯୋଜନା ଓ ପ୍ରକଳ୍ପ ସମ୍ପର୍କରେ ଅବଗତ କରାଇଥିଲେ। ସେମାନେ କହିଥିଲେ ଯେ, ପୃଥିବୀର ତିନିଭାଗ ଜଳ ଥିବା ସତ୍ତ୍ୱେ ଉପଯୁକ୍ତ ପରିଚାଳନା ଅଭାବରୁ ଚାଷୀମାନେ ଆବଶ୍ୟକ ଅନୁଯାୟୀ ପାଣି ପାଇ ପାରୁନାହାନ୍ତି, ଯାହା ଚାଷ ଉନ୍ନତିରେ ବଡ଼ ବାଧା ସୃଷ୍ଟି କରୁଛି। ଜଳ ସଂରକ୍ଷଣ ଓ ସୁଚିତ ବ୍ୟବହାର ମାଧ୍ୟମରେ ସରକାର ଚାଷୀଙ୍କ ନିକଟରେ ପାଣି ପହଞ୍ଚାଇବାକୁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି ସେମାନେ ଉଲ୍ଲେଖ କରିଥିଲେ। ଶ୍ରୀମତୀ ମାଝୀ ତାଙ୍କ ବକ୍ତବ୍ୟରେ ପାଣି ପଞ୍ଚାୟତ ମାଧ୍ୟମରେ ଚାଷୀମାନଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ କରି ତାଙ୍କ ଅଭିଯୋଗ ଓ ଆବଶ୍ୟକତାକୁ ଗୁରୁତ୍ୱ ସହ ବିଚାର କରିବାର ଆବଶ୍ୟକତା ଉପରେ ଜୋର୍ ଦେଇଥିଲେ। ଚାଷୀଙ୍କ ହିତ ସୁରକ୍ଷା ପାଇଁ ସମସ୍ତଙ୍କ ସାମୂହିକ ପ୍ରୟାସ ଅତ୍ୟାବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ବିଦ୍ୟାଳୟ ସ୍ତରରେ ଆୟୋଜିତ କୁଇଜ୍, ବକ୍ତୃତା, ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ସଫଳ ଛାତ୍ରଛାତ୍ରୀ—ନମିତା ଶବର, ବଜରାଜ ଶବର, ରମାକାନ୍ତ ବେହେରା, ଦେବକୀ ଗୋହିରି, ଆଶୀର୍ବାଦ ଦୋରା, ଲିପି ପୃଷ୍ଟି, କୃଷ୍ଣରାଣୀ ରଣା, ଶ୍ରାବଣୀ ପ୍ରଧାନ, ଶୁଭଶ୍ରୀ ପରିଡା, ଶିରଶା କୁମ୍ଭାର, ଚାନ୍ଦିନୀ ଶବର, ଜଗନ୍ ପାଲକା, ମାନସ ସାମଲ, ସ୍ୱର୍ଣ୍ଣ ରୂପା ମହାପାତ୍ର ଓ ଲିକି ଶବରଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହି ପାଣି ପଞ୍ଚାୟତ ପକ୍ଷ ପାଳନ କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀ, ପାଣି ପଞ୍ଚାୟତ ସଦସ୍ୟ ଓ ସରକାରୀ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ ଅଧିକ ସୁଦୃଢ଼ ହେବା ସହ ଆଗାମୀ ଦିନରେ ଜଳ ସଂରକ୍ଷଣ ଓ ସୁଚିତ ବ୍ୟବହାର ପ୍ରତି ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇବ ବୋଲି ଆଶା ପ୍ରକାଶ କରାଯାଇଛି।

ଧାନ କିଣା ବିଳମ୍ବ ନେଇ ବାଲେଶ୍ୱର ଭଦ୍ରକ ସମବାୟ କର୍ମଚାରୀ ସଂଘର ସାମ୍ବାଦିକ ସମ୍ମିଳନୀ

ଧାମନଗର (ମାନିସ) : ବାଲେଶ୍ୱର ଭଦ୍ରକ ସେବା ସମବାୟ କର୍ମଚାରୀ ସଂଘ ପକ୍ଷରୁ ଧାମନଗର ବ୍ୟାଙ୍କ ଶାଖା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀ ରେ ଧାମନଗର ଶାଖାର ସଭାପତି ପ୍ରକାଶ ରାଉତଙ୍କ ସଭାପତିତ୍ୱରେ ବାଲେଶ୍ୱର ଭଦ୍ରକ ସେବା ସମବାୟ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଯୋଗ ଦେଇ ସରକାର, ଆର.ଏମ.ସି ଏବଂ ସମବାୟ ସମିତି ମିଳିତ ବୈଠକରେ ୨୦୨୫-୨୬ ବର୍ଷରେ ଏଫଏକ୍ୟୁ ମାନର ଧାନ କ୍ରୟ ପାଇଁ ସିଦ୍ଧାନ୍ତ କରାଯାଇ ଚାଷୀ ଓ ସର୍ବସାଧାରଣଙ୍କୁ ଜଣାଯାଇଛି। ଗତ ପାଞ୍ଚ ତାରିଖ ଠାରୁ ଚାଷୀଙ୍କୁ ମେସେଜ ମାଧ୍ୟମରେ ଟୋକନ ମିଳିଥିଲେ ମଧ ଜାନୁଆରୀ ମାସ ଅଧା ହେଲା ଧାନକ୍ରୟ ହେଲାନାହିଁ। ଧାନ କ୍ରୟ ବିଳମ୍ବ ପାଇଁ ଚାଷୀଟିଏ ଅସୁବିଧାର ସମ୍ମୁଖିନ ହେବ। ଏଣୁ ଧାନ କ୍ରୟ ଅବଧି ବୃଦ୍ଧି କରିବାକୁ ଜିଲ୍ଲା ଯୋଗାଣ ବିଭାଗ ସହ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏଥି ସହିତ ଚାଷୀ ମାନେ ସମିତିକୁ ଏଫଏକ୍ୟୁ ମାନର ଧାନ ବିକ୍ରୟ ପାଇଁ ଆଣିବାକୁ ନିବେଦନ କରିଛନ୍ତି। ଏଫଏକ୍ୟୁ ମାନର ଧାନ ନିର୍ଦ୍ଧାରଣ ପାଇଁ ଦୁଇଟି ସମିତି ବଦଳରେ ପ୍ରତି ସମିତିକୁ ଜଣେ ଟେକ୍ନିସିଆନ ଯୋଗାଇବା, ପଚେଜ ସାର୍ଟିଫିକେଟରେ ମିଲର, ସମ୍ପାଦକ, ଧାନକ୍ରୟ କମିଟି, ଓ ଚାଷୀଙ୍କ ଦସ୍ତଖତ ରହିବା ସହ ମିଲର ପକ୍ଷରୁ କ୍ରୟ ତାରିଖର ସାତ ଦିନ ପୂର୍ବରୁ ଅଖାବସ୍ତା ଯୋଗାଇବାକୁ ସମିତି କର୍ମଚାରୀ ସଂଘ ଜିଲ୍ଲା ପ୍ରଶାସନ ଠାରେ ପ୍ରେସମିଟ ମାଧ୍ୟମରେ ଦାବି ରଖିଛି। ଏଥି ସହିତ ଧାନ କ୍ରୟ ବାରିରେ ମିଲର, ମଣ୍ଡି ନୋଡାଲ ଅଧିକାରୀ, ସୁପରଭାଇଜିଂ ଅଫିସର ଓ ସମିତି ସ୍ତରୀୟ ଧାନକ୍ରୟ କମିଟି ଉପସ୍ଥିତ ରହିବାକୁ ଦାବି ରଖିଛି କର୍ମଚାରୀ ସଂଘ। ଟୋକନ ଆସିନଥିବା ପଞ୍ଜୀକୃତ ଚାଷୀଙ୍କ ଟୋକନ ତୁରନ୍ତ ଇସ୍ୟୁ କରିବାକୁ ଦାବି ରଖିଛି ସମବାୟ ସମିତି କର୍ମଚାରୀ ସଂଘ। ଏଥି ସହିତ ଏଫଏକ୍ୟୁ ମାନ ଧାନ ନ ଆଣିଲେ କ୍ରୟ ନ କରି ଫେରସ୍ତ କରିବେ ବୋଲି ଧାମନଗର ବ୍ଲକ ଅନ୍ତର୍ଗତ ସମସ୍ତ ସେମିତି ସମ୍ପାଦକ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ସମବାୟ ସମିତିର ସମ୍ପାଦକ ରାମଚନ୍ଦ୍ର କର, ସ୍ୱାଗତିକା ରାଉତ, ଜ୍ୟୋତି ଶଙ୍କର ଦାଶ, ସୁବାସ ଚନ୍ଦ୍ର ସାହୁ, ରାମଚନ୍ଦ୍ର ଦାସ, ଅକ୍ଷୟ କୁମାର ଦଳେଇ ଓ ବସନ୍ତରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ନିଶା ମୁକ୍ତ କ୍ୟାମ୍ପସ ଉପରେ ଦିଆଯାଉଛି ଗୁରୁତ୍ୱ : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର : ନିଶା ମୁକ୍ତ କ୍ୟାମ୍ପସ୍ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆହ୍ୱାନ ପରେ ଓଡ଼ିଶାରେ ଶିକ୍ଷାନୁଷ୍ଠାନ କିଭଳି ନିଶା ମୁକ୍ତ କ୍ୟାମ୍ପସ୍ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ, ପୂର୍ବରୁ ମଧ ଏହା ଉପରେ ବରମ୍ବାର ଆଲୋଚନା ହୋଇଛି। ଏହା ବେଶ୍ ଗମ୍ଭିର ବିଷୟ। ଓଡ଼ିଶାରେ ପ୍ରତି ଶିକ୍ଷାନୁଷ୍ଠାନ ମାନଙ୍କରେ ପିଲାଙ୍କ ଠାରୁ କିଭଳି ନିଶା ବନ୍ଦ କରାଯିବ ସେ ନେଇ ବିଭାଗ ସବୁବେଳେ ତତ୍ପର ରହିଛି । ଏହା ସହ କ୍ୟାମ୍ପସ୍ ଆଖ ପାଖରେ କିଭଳି ନିଶା କାରବାର ବନ୍ଦ ହେବ ସେ ନେଇ ଧ୍ୟାନ ଦିଆଯାଉଛି ।

ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଜନ୍ମ ଦିନରେ ମା'ପାଖରେ ପ୍ରଦୀପ ପ୍ରଜ୍ୱଳନ

ଟାଙ୍ଗୀ (ମାନିସ) : ଟାଙ୍ଗୀ ବ୍ଲକ ବିଜେପି ସଂଗଠନ ପକ୍ଷରୁ ମା'ହାଟେଶ୍ୱରୀ ଙ୍କ ସନ୍ଧ୍ୟା ଆଳତୀ ସମୟରେ କେନ୍ଦ୍ରାପଡ଼ା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଅଧକ୍ଷ ବୈଜୟନ୍ତ ପଣ୍ଡାଙ୍କ ୬୨ତମ ଜନ୍ମ ଦିନ ଅବସରରେ ସାମୂହିକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଆଗମୀ ଦିନରେ ସେ ଅଞ୍ଚଳର ଅଧୁରା କାମକୁ ପ୍ରାଧାନ୍ୟ ଦେଇ କିପରି ଶେଷ କରିବେ ଏହା ମା'ଙ୍କୁ ଜଣାଇଥିଲେ। ଏହି ଅବସରରେ ତାଙ୍କର ସୁସ୍ଥ ଓ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଏହି କାର୍ଯ୍ୟ କ୍ରମରେ ଶ୍ରୀଯୁକ୍ତ। ଚୌଧୁରୀ ହେମନ୍ତ କୁମାର ସାହୁ, ସଙ୍ଗଠକ ଧନେଶ୍ୱର ନାୟକ, ମଣ୍ଡଳ ସଭାପତି ହୃଷୀକେଶ ସାମଲ, ସଫା ମଣ୍ଡଳ ସଭାପତି ସମୀର ମହାନ୍ତି, ରୋହିତ କୁମାର ମହାନ୍ତି, ସମୀର ଖିଲାର, ପ୍ରସାନ୍ତ ମହାନ୍ତି, ଅନାଦି ନାଥ, ହରିହର ମହାନ୍ତି, ସନ୍ତୋଷ ବେହେରା, ସଭାପତି ସମରେନ୍ଦ୍ର ଷଡ଼ଙ୍ଗୀ, ହେମନ୍ତ କୁମାର ମହାରଣା, ଦେବାଶିଷ ପ୍ରଧାନ, ଦିପ୍ତିଙ୍କର ଖୁଣ୍ଟିଆ ଓ ରାଜକିଶୋର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

ପରମହଂସ ସଂସ୍କୃତ ବିଦ୍ୟାପୀଠର ବାର୍ଷିକ ଉତ୍ସବ

କଟକ : ନରାଜ ସ୍ଥିତ ପରମ ହଂସ ସଂସ୍କୃତ ବିଦ୍ୟାପୀଠ ର ୫୦ ତମ ବାର୍ଷିକ ଉତ୍ସବ ଆଜି ଅପରାହ୍ନ ରେ ଅନୁଷ୍ଠିତ ହୋଇ ଯାଇଛି। ବାରଙ୍ଗ ପଂଚାୟତ ସମିତି ର ଅଧ୍ୟକ୍ଷ ସାବିତ୍ରୀ ଦଳାଇ ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ନିଷ୍ଠା ର ସହିତ ଅଧ୍ୟାୟନ କରିବା ସହ ବାପା ମା ଓ ଶିକ୍ଷକ ତଥା ଶିକ୍ଷୟିତ୍ରୀ ମାନଙ୍କୁ ଭକ୍ତି କରିବାକୁ ବିଦ୍ୟାର୍ଥୀ ମାନଙ୍କୁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ପରିବେଶ ବିଜ୍ଞାନୀ ଡ଼ଃ ଆଶୁ ତୋଷ ଦେବତା ଏଥିରେ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ କହିଲେ ଯେ ଜୀବନରେ ସଫଳତା ହାସଲ କରିବା ପାଇଁ କଠିନ ପରିଶ୍ରମ, ସକାରାତ୍ମକ ମନୋଭାବ ଓ ନିଷ୍ଠା ଅପରିହାର୍ଯ୍ୟ। ମହାପୁରୁଷ ମାନଙ୍କ ର ନୀତି ଓ ଆଦର୍ଶ ରେ ଅନୁପ୍ରାଣିତ ହେବାକୁ ସେ ପରାମର୍ଶ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ଡ଼ଃ ସତ୍ୟ ରାୟ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉତ୍ସବ ରେ ସରପଞ୍ଚ ଗୀତାଞ୍ଜଳି ସାହୁ, ପ୍ରଦୀପ କିଶୋର ଓଝା, ଦୁଷ୍ମନ୍ତ ମହାନ୍ତି, ବିପିନ ବିହାରୀ ସାହୁ, ଶରତ କୁମାର ସାହୁ, ପ୍ରମୋଦ ଚନ୍ଦ୍ର ଦଳାଇ ଓ ଧନେଶ୍ୱର ସାହୁ ପ୍ରମୁଖ ଭାଷଣ ଦେଇଥିଲେ। ପ୍ରଧାନ ପଣ୍ଡିତ ସନ୍ତୋଷ କୁମାର ଦାସ ବିବରଣୀ ପାଠ କରିଥିଲେ। କୃତୀ ବିଦ୍ୟାର୍ଥୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ ଛାତ୍ର ସୌରଜିତ ବେଉରା ଙ୍କୁ ପ୍ରଫୁଲ୍ଲ ଚନ୍ଦ୍ର ରାୟ ମେଧା ବୃତ୍ତି ଓ ଛାତ୍ରୀ ଶୁଭଲକ୍ଷ୍ମୀ ବେହେରା ଙ୍କୁ ସ୍ୱର୍ଣ୍ଣଲତା ରାୟ ମେଧା ବୃତ୍ତି ପ୍ରଦାନ କରାଯାଇଥିଲା।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର

ବାରଙ୍ଗ (ମାନିସ) : ରାଜଧାନୀ ଉପକଣ୍ଠ ଡାଓ୍ୱା ଗ୍ରାମରେ ଥିବା ପ୍ରସିଦ୍ଧ ଆରାଧ ପ୍ରଭୁ ସୋମନାଥ ଙ୍କ ପୀଠ ପରିସରରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ପଣ୍ଡାଙ୍କୁ ତାଙ୍କ ଜନ୍ମ ଦିବସରେ ଚିତ୍ରସେନ ସ୍ମୃତି କମିଟି ପକ୍ଷରୁ ଜୀବନ ବ୍ୟାପି ସାଧନା ପୁରସ୍କାର ସହ ସମ୍ବର୍ଦ୍ଧିତ କରାଯାଇଥିଲା ,ସେ ପ୍ରଥମେ ୧୯୬୦ ମସିହାରେ ବାଲିପଡା ଉପ୍ରା ବିଦ୍ୟାଳୟରେ ଶିକ୍ଷକତା କରି ଜଣେ ଆଦର୍ଶ ଶିକ୍ଷକ ଭାବେ ଖୁବ୍ ପରିଚିତ । ଏବେ ସେ ୮୬ବର୍ଷରେ ପଦାର୍ପଣ କରିଥିବା ବେଳେ ଏବେବି ସମାଜ ସେବା କରିବା ସହ ପ୍ରଭୁ ସୋମନାଥଙ୍କ ଆଧାତ୍ମିକ ସେବା ଜାରି ରଖିଛନ୍ତି । ଶ୍ରୀଯୁକ୍ତ ପଣ୍ଡା ୪୧ ବର୍ଷ ଧରି ପିଲାମାନଙ୍କୁ ଶିକ୍ଷାଦାନ ଦେବାସହ ସେମାନଙ୍କ ଭବିଷ୍ୟତ ଗଢି ତୋଳିବା ରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ, ଜଣେ ଆଦର୍ଶ ଶିକ୍ଷକ ଭାବେ ବାରଙ୍ଗ ତଥା ଭୁବନେଶ୍ୱର ଉତ୍ତର ରେ ଅଭିଭାବକ ମାନଙ୍କ ଠାରୁ ପ୍ରଶଂସା ସାଉଁଟି ଥିଲେ, ମଙ୍ଗଳ ବାର ତାଙ୍କ ଜନ୍ମ ଦିବସରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ସରପଞ୍ଚ ଦେବରାଜ ଭୋଇ,ସମିତି ସଭ୍ୟ ଭୁବନା ନନ୍ଦ ଦାସ,ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ମହାପାତ୍ର, ନିରଞ୍ଜନ ପରିଡ଼ା, ରୋହିତ ରାଉତ,କାଙ୍ଗାଳି ପରିଡ଼ା, ଅଶୋକ ରଥ, ଶିଳ୍ପା ରାୟ ଉପସ୍ଥିତ ଥିଲେ, ତାଙ୍କ ହାତରେ ଶିକ୍ଷାଦାନ ଦେଇ ଗଢିଥିବା ବହୁ ଛାତ୍ର ଆସି ତାଙ୍କୁ ପୂଜା କରିବା ସହ ଆଶିର୍ବାଦ ନେଇଥିଲେ ।

ମାତୃଭାଷା

ହ୍ୟାଲୋ ବଲିଉଡ୍

ରାନୀ ମୁଖାର୍ଜୀଙ୍କ ଫିଲ୍ମ 'ମର୍ଦାନୀ ୩' ଟ୍ରେଲର ଆଉଟ୍

ଖୁବଶୀଘ୍ର ରିଲିଜ ହେବାକୁ ଯାଉଛି ରାନୀ ମୁଖାର୍ଜୀଙ୍କ ଫିଲ୍ମ 'ମର୍ଦାନୀ ୩'। ଫିଲ୍ମ ରିଲିଜକୁ ନେଇ ଫ୍ୟାନ୍ସ ଉତ୍ସାହର ସହ ଅପେକ୍ଷା କରିଥିବା ବେଳେ ଗତକାଲି ଫିଲ୍ମର ଟ୍ରେଲର ରିଲିଜ ହୋଇଯାଇଛି। ରାନୀ ମୁଖାର୍ଜୀ ପୁଣି ଥରେ କଠୋର ପୁଲିସ ଇନ୍ସପେକ୍ଟର ଶିବାନୀ ଶିବାଜୀ ରୟ ଭୂମିକାରେ ନଜର ଆସିବେ । 'ମର୍ଦାନୀ ୩' ର ଟ୍ରେଲର ପ୍ରାୟ ସାଢ଼େ ୩ ମିନିଟର ରହିଛି। ଟ୍ରେଲରରେ ଜଣେ ଯୁବତୀ ଅପହରଣ ହେବା ସମୟରେ ତାଙ୍କ ବନ୍ଧୁମାନଙ୍କ ସହିତ ଲୁଚକାଳି ଖେଳୁଛି । ତା'ପରେ, ସ୍କ୍ରିନରେ ଏକ ଧାଡ଼ି ଦେଖାଯାଏ ଯାହା ଘୋଷଣା କରେ ଯେ ଦେଶରେ ପ୍ରତି ସପ୍ତାହରେ ଅନେକ ଯୁବତୀ ନିଖୋଜ ହୋଇଯାଉଛନ୍ତି । କାହାଣୀଟି ଉତ୍ତର ପ୍ରଦେଶର ବୁଲନ୍ଦସହରରୁ ଆରମ୍ଭ ହୁଏ, ଯେଉଁଠାରେ ଖେଳୁଥିବା ସମୟରେ ଦୁଇଟି ଯୁବତୀଙ୍କୁ ଅପହରଣ କରାଯାଇଥିଲା । ରାନୀ ମୁଖାର୍ଜୀ ତା'ପରେ ଖାକି ପୋଷାକ ପିନ୍ଧି ଏନଆଇଏରେ ପ୍ରବେଶ କରନ୍ତି, ଏକ ନୂତନ ଦାୟିତ୍ୱ ସହିତ। ପ୍ରକାଶ ଥାଉକି, ରାନୀ ମୁଖାର୍ଜୀଙ୍କ ହୋମ୍ ପ୍ରଡକ୍ସନ୍ ଯଶ ରାଜ ବ୍ୟାନରରେ ନିର୍ମିତ ଏହି ଫିଲ୍ମଟି ଆଦିତ୍ୟ ଚୋପ୍ରାଙ୍କ ପ୍ରଯୋଜିତ ଏବଂ ଅକ୍ଷୟ ବିଦ୍ୟାଓ୍ୱାନୀ ସହ-ପ୍ରଯୋଜିତ । ଏହାର ଚିତ୍ରନାଟ୍ୟ ଏବଂ ସଂଳାପ ଆୟୁଷ ଗୁପ୍ତା ଲେଖିଛନ୍ତି ।

୧ଲକ୍ଷ ବିଦେଶୀ ଭିସା ରଦ୍ଦ କଲା ଟ୍ରମ୍ପ ପ୍ରଶାସନ

ୱାସିଂଟନ: ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଗୋଟିଏ ବର୍ଷରୁ କମ୍ ସମୟ ମଧ୍ୟରେ ୧୦୦,୦୦୦ ରୁ ଅଧିକ ବିଦେଶୀ ନାଗରିକଙ୍କ ଭିସା ରଦ୍ଦ କରିଛି। ଏହି ଭିସା ଗତ ବର୍ଷ, ୨୦୨୫ ରେ ରଦ୍ଦ କରାଯାଇଥିଲା, ଯେଉଁଥିରେ ପ୍ରାୟ ୮,୦୦୦ ଛାତ୍ରଛାତ୍ରୀଙ୍କ ପରମିଟ୍ ମଧ୍ୟ ସାମିଲ ଥିଲା।

ଡୋନାଲ୍ଡ ଟ୍ରମ୍ପଙ୍କ ବଡ଼ ନିଷ୍ପତ୍ତି

ଆମେରିକାର ବୈଦେଶିକ ବିଭାଗ ଅନୁଯାୟୀ, ସୀମା ସୁରକ୍ଷା ଏବଂ ସାଧାରଣ ସୁରକ୍ଷାକୁ ସୁଦୃଢ଼ କରିବା ଅଭିଯାନର ଅଂଶ ଭାବରେ ଏହା ଏପର୍ଯ୍ୟନ୍ତ ନିଆଯାଇଥିବା ସବୁଠାରୁ ବଡ଼ ପଦକ୍ଷେପ। ଆମେରିକାର ବୈଦେଶିକ ବିଭାଗର ପ୍ରମୁଖ ଉପ ମୁଖପାତ୍ର ଟମି ପିଗଟ୍ ଏହାକୁ ଆମେରିକୀୟ ନାଗରିକମାନଙ୍କୁ ସୁରକ୍ଷା ଦେବା ଓ ଆମେରିକୀୟ ସାର୍ବଭୌମତ୍ୱକୁ ସଂରକ୍ଷଣ କରିବା ପାଇଁ ଟ୍ରମ୍ପ ପ୍ରଶାସନ ଦ୍ୱାରା ନିଆଯାଇଥିବା ଏକ ପଦକ୍ଷେପ ବୋଲି କହିଛନ୍ତି।

ଟମି ପିଗଟ୍ କହିଛନ୍ତି, ଏହି କାର୍ଯ୍ୟାନୁଷ୍ଠାନ ପୂର୍ବ ବର୍ଷଗୁଡ଼ିକ ତୁଳନାରେ ବହୁ କଠୋର ରହିଛି। ଗୋଟିଏ ବର୍ଷରୁ କମ୍ ସମୟ ମଧ୍ୟରେ, ବୈଦେଶିକ ବିଭାଗ ୧୦୦,୦୦୦ ରୁ ଅଧିକ ବିଦେଶୀ ନାଗରିକଙ୍କ ଭିସା ରଦ୍ଦ କରିଛି , ଯାହା ଏକ ନୂଆ ରେକର୍ଡ। ୨୦୨୪ ପରଠାରୁ ଭିସା ରଦ୍ଦ ୧୫୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି।

ଆମେରିକାର ବୈଦେଶିକ ବିଭାଗ ଏକ ବିବୃତିରେ କହିଛି ଯେ, ଯେଉଁ ବିଦେଶୀ ନାଗରିକମାନଙ୍କର ଭିସା ରଦ୍ଦ କରାଯାଇଛି ସେମାନଙ୍କ ବିରୋଧରେ ଆକ୍ରମଣ, ଚୋରି ଓ ମଦ୍ୟପାନ କରି ଗାଡି ଚାଳନା ସମେତ ବିଭିନ୍ନ ଅପରାଧ ରହିଛି। ଟ୍ରମ୍ପଙ୍କ ଦ୍ୱାରା ପ୍ରଚଳିତ ଏକ ନୂତନ ଯାଞ୍ଚ ଏବଂ ତଦାରଖ ବ୍ୟବସ୍ଥା ଯୋଗୁ ଭିସା ରଦ୍ଦ ବୃଦ୍ଧି ପାଇଛି।

ବିଦେଶ ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା କଣ୍ଟିନିଉସ୍ ଭେଟିଂ ସେଣ୍ଟର ନିଶ୍ଚିତ କରିଛି ଆମେରିକୀୟ ନାଗରିକଙ୍କ ପାଇଁ ବିପଦ ସୃଷ୍ଟି କରୁଥିବା ବ୍ୟକ୍ତିମାନଙ୍କ ଭିସା ତୁରନ୍ତ ପ୍ରତ୍ୟାହାର କରାଯାଉଛି। ପୂର୍ବରୁ, କେବଳ ଭିସା ଆବେଦନ କିମ୍ବା ଆମେରିକାରେ ପ୍ରବେଶ ସମୟରେ ସ୍କ୍ରିନିଂ କରାଯାଉଥିଲା। ନୂତନ ବ୍ୟବସ୍ଥାରେ ସବୁବେଳେ ବିଦେଶୀଙ୍କ ଉପରେ ନଜର ରଖାଯାଉଛି। ଅପରାଧ ମାମଲା ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

ଜମ୍ମୁ-କାଶ୍ମୀରର ଶକ୍ସଗାମ ଘାଟିକୁ ନିଜର କହିଲା ଚୀନ୍

ବେଜିଂ: ଚୀନ୍ ଜମ୍ମୁ-କାଶ୍ମୀରର ଶକ୍ସଗାମ୍ ଘାଟିକୁ ନିଜର ଅଞ୍ଚଳ ବୋଲି ଦାବି କରୁଛି ଏବଂ ଏହି ବିବାଦୀୟ ଅଞ୍ଚଳ ଦେଇ ଯାଇଥିବା ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି) ଦେଇ ପାକିସ୍ତାନକୁ ଏକ ରାସ୍ତା ନିର୍ମାଣ କରୁଛି । ଭାରତ ଏନେଇ ଲଗାତାର ପ୍ରତିବାଦ କରିଆସୁଛି । ଭାରତ କହୁଛି ଶକ୍ସଗାମ୍ ଘାଟିରେ କୌଣସି ବିଦେଶୀ ବେଆଇନ ନିର୍ମାଣକୁ ସହ୍ୟ କରାଯିବ ନାହିଁ । ଜାନୁଆରି ୯ ତାରିଖରେ ଭାରତ ମଧ୍ୟ ଏହି ଅଞ୍ଚଳରେ ଚୀନ୍ ?ର ନିୟନ୍ତ୍ରଣକୁ ବେଆଇନ ଘୋଷଣା କରିଥିଲା । ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ୍ କହିଛନ୍ତି ଯେ, ବିବାଦୀୟ ଅଞ୍ଚଳଟି ଚୀନ୍ର ଅଂଶ । ନିଜ ଅଞ୍ଚଳରେ ଭିତ୍ତିଭୂମି ବିକାଶ କରିବାର ଅଧିକାର ଚୀନ୍ର ଅଛି । ଏନେଇ କାହାର ପ୍ରଶ୍ନ କରିବାର ଅଧିକାର ନାହିଁ । ମାଓ ନିଙ୍ଗ୍ କହିଛନ୍ତି, ପାକିସ୍ତାନ ୧୯୪୮ ମସିହାରେ ଶାକ୍ସଗାମ୍ ଉପତ୍ୟକାକୁ ଦଖଲ କରିଥିଲା ଏବଂ ୧୯୬୩ ମସିହାରେ ଏହାକୁ ଚୀନ୍କୁ ହସ୍ତାନ୍ତର କରିଥିଲା ।



ଚୀନ୍ ଏବଂ ପାକିସ୍ତାନ ୧୯୬୦ ଦଶକରେ ଏକ ସୀମା ଚୁକ୍ତି ସାକ୍ଷର କରିଥିଲେ । ଏହା ଦୁଇ ଦେଶ ମଧ୍ୟରେ ସୀମା ନିର୍ଦ୍ଧାରଣ କରିଥିଲା । ସିପିଇସି ସମ୍ପର୍କରେ ମାଓ ନିଙ୍ଗ୍ କହିଛନ୍ତି, ଏହା ଏକ ଆର୍ଥିକ ସହଯୋଗ ପ୍ରକଳ୍ପ ଯାହା ସ୍ଥାନୀୟ ଆର୍ଥିକ ଏବଂ ସାମାଜିକ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ଲୋକଙ୍କ ଜୀବନଧାରଣର ସ୍ଥିତିକୁ ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ସେ ସ୍ପଷ୍ଟ କରିଛନ୍ତି, ଚୀନ୍-ପାକିସ୍ତାନ ସୀମା ଚୁକ୍ତିନାମା ଏବଂ ସିପିଇସିର କାଶ୍ମୀର ପ୍ରସଙ୍ଗରେ ଚୀନ୍ର ସ୍ଥିତି ସହିତ କୌଣସି ସମ୍ପର୍କ ନାହିଁ । କାଶ୍ମୀର ସମ୍ପର୍କରେ ଚୀନ୍ର ଆଭିମୁଖ୍ୟ ପୂର୍ବପରି ରହିଛି । ଚୀନ୍ କହୁଛି କାଶ୍ମୀର ଏକ ଐତିହାସିକ ଓ ଜଟିଳ ପ୍ରସଙ୍ଗ ଯାହାକୁ ଭାରତ ଏବଂ ପାକିସ୍ତାନ ଆଲୋଚନା ମାଧ୍ୟମରେ ଏବଂ ଶାନ୍ତିପୂର୍ଣ୍ଣ ଉପାୟରେ ସମାଧାନ କରିବା ଉଚିତ ।ଚୀନ୍ ଏହା ମଧ୍ୟ କହିଛି, ଆମେ ଜାତିସଂଘର ପ୍ରସ୍ତାବ ଏବଂ ଅନ୍ତର୍ଜାତୀୟ ଚୁକ୍ତିନାମାକୁ ସମ୍ମାନ କରୁଛୁ । ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ଜାନୁଆରି ୯ ତାରିଖରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ, ଶାକ୍ସଗାମ୍ ଉପତ୍ୟକା ଭାରତର ଅଂଶ ।

ସେକ୍ସ ପାଇଁ ରାଜି ନହେବାରୁ ସଫ୍ଟୱେର ଇଞ୍ଜିନିୟରଙ୍କୁ ହତ୍ୟା

ବେଙ୍ଗାଲୁରୁ: ସମସ୍ତେ ଭାବୁଥିଲେ ଦୁର୍ଘଟଣାଜନିତ ମୃତ୍ୟୁ କିନ୍ତୁ ଜଣାପଡ଼ିଲା ଏହା ପ୍ରିପ୍ଲାନ୍ଡ ମର୍ଡର। ବେଙ୍ଗାଲୁରୁରେ ଜଣେ ୩୪ ବର୍ଷୀୟ ସଫ୍ଟୱେର୍ ଇଞ୍ଜିନିୟରଙ୍କୁ ହତ୍ୟା। ପ୍ରଥମେ ଘରେ ଅଗ୍ନିକାଣ୍ଡ ଘଟି ମୃତ୍ୟୁ ବୋଲି କୁହାଯାଥିଲା ଏହା ଏକ ନିର୍ମମ ହତ୍ୟାକାଣ୍ଡ ବୋଲି କହିଛି ପୋଲିସ।

ପ୍ରମାଣ ନଷ୍ଟ ପାଇଁ ଫ୍ଲାଟରେ ନିଆଁ ଲଗାଦେଲା ହତ୍ୟାକାରୀ



ବେଙ୍ଗାଲୁରୁରେ ଜଣେ ୩୪ ବର୍ଷୀୟା ସଫ୍ଟୱେର୍ ଇଞ୍ଜିନିୟରଙ୍କୁ ହତ୍ୟା କରିବା ଅଭିଯୋଗରେ ଜଣେ ଦ୍ୱିତୀୟ ବର୍ଷର ପ୍ରି-ୟୁନିଭର୍ସିଟି ଛାତ୍ରଙ୍କୁ ଗିରଫ କରାଯାଇଛି।

ପୋଲିସ କହିଛି ଯେ ଶାରିରୀକ ସମ୍ପର୍କ ରଖିବାକୁ ମନା କରିବାରୁ ମହିଳାଙ୍କୁ ହତ୍ୟା କରିଥିଲେ ଅଭିଯୁକ୍ତ। ପ୍ରମାଣ ନଷ୍ଟ କରିବା ପାଇଁ ଯୋଜନାବଦ୍ଧ ଭାବରେ ତାଙ୍କ ଫ୍ଲାଟରେ ନିଆଁ ଲଗାଇ ଦେଇଥିଲେ। ପୀଡିତା ମାଙ୍ଗାଲୁରୁର ମୂଳ ବାସିନ୍ଦା। ତାଙ୍କ ନାଁ ଶର୍ମିଳା କୁଶଲପ୍ପା। ସେ ଟେକ୍ କମ୍ପାନି ଆସେନଚରରେ କାମ କରୁଥିଲେ। ରାମମୂର୍ତ୍ତିନଗରର ସୁବ୍ରମଣ୍ୟ ଲେଆଉଟରେ ଫ୍ଲାଟରେ ଏକା ରହୁଥିଲେ।

ଜାନୁଆରୀ ୩ ତାରିଖ ରାତି। ଅଗ୍ନିକାଣ୍ଡ ଘଟିବା ପରେ ସେ ତାଙ୍କ ବନ୍ଦ ବେଡରୁମରେ ଅଚେତ ଅବସ୍ଥାରେ ପଡିଥିଲେ। ପରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ପ୍ରାରମ୍ଭିକ ସନ୍ଦେହରେ ଧୂଆଁ ଶ୍ୱାସକ୍ରିୟାକୁ ଇଙ୍ଗିତ କରାଯାଇଥିଲା।

ପୋଲିସର କହିବା ଅନୁଯାୟୀ, ଫରେନସିକ୍ ଏବଂ ପୋଷ୍ଟମର୍ଟମ ରିପୋର୍ଟରୁ ଶର୍ମିଲାଙ୍କ ମୃତ୍ୟୁ ଧୂଆଁ ଶ୍ୱାସକ୍ରିୟା ଯୋଗୁଁ ମୃତ୍ୟୁ ହୋଇନଥିବା ଜଣାପଡିଥିଲା। ରାମମୂର୍ତ୍ତିନଗର ପୋଲିସ ଶର୍ମିଲାଙ୍କ ବନ୍ଧୁ କେ ରୋହିତଙ୍କଠାରୁ ଅଧିକ ପ୍ରମାଣ ପାଇଥିଲେ। ଘଟଣା ଦିନ ରାତିରେ, ରାତି ୧୦.୩୦ ସମୟରେ, ଶର୍ମିଲାଙ୍କ ଫ୍ଲାଟରୁ ଧୂଆଁ ବାହାରୁଥିବା ଦେଖି ବିଲ୍ଡିଂ ମାଲିକ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ବନ୍ଦ କବାଟ ଭାଙ୍ଗି ନିଆଁ ଲିଭାଇଥିଲେ। ଶର୍ମିଲାଙ୍କୁ ରୋଷେଇ ଘର ପାଖରେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇ ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ତଦନ୍ତକାରୀମାନେ କହିଛନ୍ତି ଯେ ତାଙ୍କ ହାତରେ ଆଘାତ ଦେଖାଦେଇଥିଲା। ଶବ ବ୍ୟବଚ୍ଛେଦ ସମୟରେ, ଡାକ୍ତରମାନେ ଜାଣିପାରିଲେ ଯେ ଆଘାତଗୁଡ଼ିକ ନିଆଁ ଲାଗିବା ପୂର୍ବରୁ ହୋଇଥିଲା। ଦୁର୍ଘଟଣାଜନିତ ପୋଡ଼ିଯିବା ସହିତ ଅସଙ୍ଗତ ଥିଲା। ଶର୍ମିଲା ଚେତାଶୂନ୍ୟ ହେବା ପୂର୍ବରୁ ତାଙ୍କୁ ଶ୍ୱାସରୁଦ୍ଧ କରାଯାଇଥିଲା। ଏହି ଆଧାରରେ, ପୋଲିସ ସେମାନଙ୍କର ତଦନ୍ତକୁ ତ୍ୱରାନ୍ୱିତ କରିଥିଲା। ପଚରାଉଚରା ପାଇଁ କର୍ଣ୍ଣାଲଙ୍କୁ ଅଟକ ରଖିଥିଲା। ସେ ଅପରାଧ ସ୍ୱୀକାର କରିଥିବା ଜଣାପଡ଼ିଛି।

ପଶ୍ଚିମବଙ୍ଗରେ ଘାତକ ନିପା ଭାଇରସ୍ ଚିହ୍ନଟ

ମୁକାବିଲା ପାଇଁ ସର୍ଭେଲାନ୍ସ ଓ ନିୟନ୍ତ୍ରଣ ରଣନୀତି ଉପରେ ଗୁରୁତ୍ୱ

ଭାଇରସ୍ ଘାତକ ହୋଇଥିବାରୁ ତାକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ ତାହା ଉପରେ ଅଧିକ ଧ୍ୟାନ ଦିଆଯାଉଛି ।

ନୂଆଦିଲ୍ଲୀ: ପଶ୍ଚିମବଙ୍ଗରେ ଦୁଇଟି ନିପା ଭାଇରସ୍ ମାମଲା ସାମ୍ନାକୁ ଆସିଛି । କଲ୍ୟାଣୀ ଏମ୍ସରେ ଥିବା ଭାରତୀୟ ମେଡିକାଲ ଗବେଷଣା ପରିଷଦ (ଆଇସିଏମ୍ଆର)ର ଭୂତାଣୁ ଗବେଷଣା ଓ ଚିହ୍ନଟ ଲ୍ୟାବ୍ରେ ଏହି ଭାଇରସକୁ ଚିହ୍ନଟ କରାଯାଇଛି । ଏହି ଭାଇରସ୍ ଘାତକ ହୋଇଥିବାରୁ ତାକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ ତାହା ଉପରେ ଅଧିକ ଧ୍ୟାନ ଦିଆଯାଉଛି । ଦୁଇଟି ମାମଲା ମଧ୍ୟରୁ ଜଣେ ବ୍ୟକ୍ତି ବାଂଲାଦେଶ ସୀମା ନଦିଆ ଜିଲ୍ଲାର ଘୁଗରଗାଛି ଅଞ୍ଚଳରୁ ଆସିଥିବା ଜଣାପଡିଛି ।

ଏକଥା ଜଣାପଡିବା ପରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା କରିଛନ୍ତି । ଏହାର ମୁକାବିଲା, ସର୍ଭେଲାନ୍ସ ଓ ନିୟନ୍ତ୍ରଣ ରଣନୀତି ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ଏକ କେନ୍ଦ୍ରୀୟ ଟିମ୍ ମଧ୍ୟ ଘଟଣାସ୍ଥଳକୁ ପଠାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି ନଡ୍ଡା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଟେଲିଫୋନ୍ରେ କଥା ହୋଇଛନ୍ତି ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହାର ମୁକାବିଲା ପାଇଁ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି ।

ରାଇରଙ୍ଗପୁରରେ ଉପଖଣ୍ଡ ସ୍ତରୀୟ ଯୁଗ୍ମ ଜନ ଶୁଣାଣି

ରାଇରଙ୍ଗପୁର: ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁର ଠାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ବାମନଘାଟି ଉପ ଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯଦୁନାଥ ଜେନା ଓ ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ସହ ଜନସାଧାରଣଙ୍କ ଠାରୁ ଆସୁଥିବା ଆପତି ଅଭିଯୋଗ ଗୁଡିକର ସମାଧାନ ତ୍ୱରିତ ପ୍ରକ୍ରିୟାରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଜିର ଏହି ଶିବିର ରେ ଜନସାଧାରଣ ଙ୍କ ଠାରୁ ମୋଟ ୯୦ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୭୩ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୧୭ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ସାମୁହିକ ଅଭିଯୋଗ ଥିଲା।

ସମୁଦ୍ରରେ ମଧ୍ୟ ରକ୍ଷା ପାଇବେନି ଭାରତର ଶତ୍ରୁ

ନୌସେନାର ଏଆଇପି ସଜ୍ଜିତ ବୁଡ଼ାଜାହାଜ ସାଜିବ କାଳ

- ଭାରତର ସାମୁଦ୍ରିକ ସୁରକ୍ଷା ମଜବୁତ ଦେବ
- ସମୁଦ୍ରରେ ଥାଇ ଶତ୍ରୁକୁ ମାତ୍ ଦେବ ଭାରତ
- ନେଭିରେ ସାମିଲ ହେବ ଛଅଟି ଅତ୍ୟାଧୁନିକ ଷ୍ଟିଲଥ୍ ବୁଡ଼ାଜାହାଜ

ନୂଆଦିଲ୍ଲୀ: ଭାରତର ସାମୁଦ୍ରିକ ସୁରକ୍ଷାରେ ଆସିବ ଅଭୁତପୂର୍ବ ସୁଦୃଢ଼ତା। ଏନେଇ ଏକ ଐତିହାସିକ ଡିଲ୍ ହେବାକୁ ଯାଉଛି। ପ୍ରୋଜେକ୍ଟ ୭୫(ଓ) ଅଧୀନରେ, ଭାରତୀୟ ନୌସେନାକୁ ଛଅଟି ଅତ୍ୟାଧୁନିକ ଷ୍ଟିଲଥ୍ ପାରମ୍ପରିକ ବୁଡ଼ାଜାହାଜ ମିଳିବାକୁ ଯାଉଛି। ଏଗୁଡ଼ିକର ନିର୍ମାଣ ଜର୍ମାନୀର ଥାଇସେନକ୍ରୁପ୍ ମାରିନ୍ ସିଷ୍ଟମ୍ସ ସହ ସହଭାଗୀତାରେ ମୁମ୍ବାଇର ସ୍ଥିତ ମଜଗାଁ ଡକ୍ସିପ୍ ବିଲ୍ଡର୍ସ ଲିମିଟେଡ୍ (ଗଉଖ ରେ କରାଯିବ। ଏହି ମେଗା ଡିଲ୍ ପାଖାପାଖି ୮ ବିଲିୟନ ଡଲାର (ପ୍ରାୟ ୭୨,୦୦୦ କୋଟି ଟଙ୍କା) ମୂଲ୍ୟର, ଯାହା ଭାରତୀୟ ପ୍ରତିରକ୍ଷାର ସବୁଠାରୁ ବଡ଼ ବୁଡ଼ାଜାହାଜ ପ୍ରକଳ୍ପ ମଧ୍ୟରୁ ଗୋଟିଏ।

କହି ରଖୁଛୁ ଯେ, ଜର୍ମାନ ଚାନ୍ସେଲର ଫ୍ରେଡରିକ୍ ମର୍ଜ ବର୍ତ୍ତମାନ ଭାରତ ଗସ୍ତରେ ଅଛନ୍ତି। ପ୍ରତିରକ୍ଷା ସୂତ୍ରାନୁସାରେ, ମର୍ଜଙ୍କ ଗସ୍ତ ସମୟରେ ଅନ୍ତିମ ଚୁକ୍ତି ସାକ୍ଷରିତ ହେବାର ସମ୍ଭାବନା ନାହିଁ, କିନ୍ତୁ ଏହା ଆଗାମୀ ତିନି ମାସ ମଧ୍ୟରେ ସମାପ୍ତ ହୋଇ ପାରେ। ରିପୋର୍ଟ ଅନୁସାରେ, ସମ୍ପୂର୍ଣ୍ଣ ଚୁକ୍ତି ମାର୍ଚ୍ଚ ୨୦୨୬ ସୁଦ୍ଧା ସାକ୍ଷରିତ ହେବାର ଆଶା କରାଯାଉଛି।

ଏହି ବୁଡ଼ାଜାହାଜର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ସେମାନଙ୍କର ଏୟାର ଇଣ୍ଡିପେଣ୍ଡେଣ୍ଟ ପ୍ରପଲ୍ସନ୍ ପ୍ରଯୁକ୍ତିବିଦ୍ୟା, ଯାହା ଗଭୀର ସମୁଦ୍ର ଜଳରେ ଭୂପୃଷ୍ଠରେ ନପଡ଼ି ଦୀର୍ଘ ସମୟ ଯାଏ ଅପରେଟ୍ କରି ପାରିବ। ଏହି ଉନ୍ନତ ଇଓଚ ପ୍ରଯୁକ୍ତିବିଦ୍ୟା ପ୍ରକଳ୍ପର ଦୀର୍ଘ ବିଳମ୍ବର ମୁଖ୍ୟ କାରଣ ଥିଲା। ବାସ୍ତବିକ ଯେ, ଭାରତୀୟ ନୌସେନା ଏପରି ବୁଡାଜାହାଜ ଚାହୁଁଥିଲା ଯାହା ଅତ୍ୟନ୍ତ ଷ୍ଟିଲଥ୍ ଯୁକ୍ତ, କମ୍ ଶବ୍ଦ ସୃଷ୍ଟି କରୁଥିବ ଏବଂ ଦୀର୍ଘ ସମୟ ଯାଏ ଶତ୍ରୁର ଦୃଷ୍ଟିରୁ ଲୁଚି ରହିବାରେ ସକ୍ଷମ ହୋଇ ପାରିବ।

କେବଳ ଏତିକି ନୁହେଁ, ଏହି ଛଅଟି ବୁଡ଼ାଜାହାଜ ସଂପୂର୍ଣ୍ଣ ରୂପେ ଭାରତରେ ମଝଗାଁ ଡକୟାର୍ଡରେ ତିଆରି ହେବ, ଯେଉଁଥିରେ ମେକ୍ ଇନ୍ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତ ଅଭିଯାନକୁ ଏକ ଦୃଢ଼ ପ୍ରୋତ୍ସାହନ ମିଳିବ। ଜର୍ମାନର ବୈଷୟିକ ବିଶେଷଜ୍ଞତା ଏବଂ ଭାରତର ଉତ୍ପାଦନ କ୍ଷମତାର ଏହି ମିଶ୍ରଣ ଭାରତୀୟ ନୌସେନାକୁ ରଣନୈତିକ ଲାଭ ଦେବ।

ଅନ୍ୟପଟେ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ,ଏହି ଷ୍ଟିଲଥ୍ ? ବା ଗୁପ୍ତ ବୁଡ଼ାଜାହାଜ ଗୁଡ଼ିକର ସାମିଲ ହେବା ଦ୍ୱାରା ଭାରତ ମହାସାଗର ଅଞ୍ଚଳରେ ଭାରତର ସାମୁଦ୍ରିକ ନିରୀକ୍ଷଣ, ପ୍ରତିରୋଧ ଏବଂ ରଣନୈତିକ ସନ୍ତୁଳନ ଆହୁରି ସୁଦୃଢ଼ ହେବ। ବର୍ଦ୍ଧିତ ବିଶ୍ୱ ଚ୍ୟାଲେଞ୍ଜ ମଧ୍ୟରେ, ଏହି ପ୍ରକଳ୍ପ ଭାରତର ପ୍ରତିରକ୍ଷା ବ୍ୟବସ୍ଥାକୁ ପୂର୍ବ ଅପେକ୍ଷା ଅଧିକ ସୁଦୃଢ଼ କରିବ।

ଚିତ୍ରକୋଣ୍ଡା ବ୍ଲକ୍ ଧୁଳିପୁଟରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ମାଲକାନଗିରି: ଚିତ୍ରକୋଣ୍ଡା ବ୍ଲକ୍ ଧୁଳିପୁଟ୍ ଗ୍ରାମପଂଚାୟତ ଠାରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଚିତ୍ରକୋଣ୍ଡା ବିଡିଓ ପ୍ରିତା କୁମାର୍ ଓ ଏସଡିପିଓ ପ୍ରଦୋଷ ପ୍ରଧାନଙ୍କ ଉପସ୍ଥିତିରେ ୮୪ ଟି ଅଭିଯୋଗ ଗୁଡ଼ିକର ଶୁଣାଣୀ ହୋଇଛି। ତନ୍ମଧ୍ୟରୁ ୩୪ ଟି ବ୍ୟକ୍ତିଗତ ଓ ୫୦ ଟି ଗ୍ରାମ୍ୟ ସମସ୍ୟା ରହିଥିଲା। ତନ୍ମଧ୍ୟରୁ ୨୯ ଜଣଙ୍କୁ ବସୁନ୍ଧରା ଯୋଜନାରେ ଘରଡିହ ପଟ୍ଟା ପ୍ରଦାନ କରାଯାଇଥିଲା । ୨୭ ଜଣଙ୍କୁ ଶ୍ରମ କାର୍ଡ ପ୍ରଦାନ କରାଯାଇଥିବା ବେଳେ ୧୮ ଜଣ ଶ୍ରମିକଙ୍କ କାର୍ଡ ନବୀକରଣ କରାଯାଇଛି। ଅଭିଯୋଗ ଶୁଣାଣୀ ପରେ ସମସ୍ତ ଅଧିକାରୀ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନରେ ଯାଇ ମଧ୍ୟାହ୍ନ ଭୋଜନର ମାନ ପରଖିଛନ୍ତି ।

ରାଶିଫଳ

ମେଷ: ଘାତବାର, ଘାତ ନକ୍ଷତ୍ର ଯୋଗୁ ସମସ୍ତ କର୍ମରେ ଶୁଭଫଳ ମିଳିଲେ ମଧ୍ୟ ମନରେ ଅସ୍ଥିରତା ଭାବ ପ୍ରକାଶ ପାଇବ । ମାନ, ସମ୍ମାନ ହାନି ଏବଂ ନିଜର ପ୍ରିୟ ବନ୍ଧୁଙ୍କ ସହ ମତାନ୍ତର ହେବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ମଧ୍ୟମ ହେବ ।

ବୃଷ: ଚତୁର୍ଥ ଚନ୍ଦ୍ର ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର, ସଜନରେ ଏବଂ ବନ୍ଧୁବାନ୍ଧବଙ୍କ ସହ କଥାବାର୍ତ୍ତା ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ଧନକ୍ଷତି, ମାନସିକ ଅସ୍ଥିରତା, ଯାନବାହନରେ ଖର୍ଚ୍ଚାନ୍ତ ଏବଂ ଆର୍ଥିକ ଠକାମିରେ ପଡ଼ିବେ ।

ମିଥୁନ: ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି ଏବଂ ଭାଇଭଉଣୀଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା ପ୍ରକାଶ ପାଇବ । ସମସ୍ତ କର୍ମରେ ସୁଚିନ୍ତିତ ପଦକ୍ଷେପ ନେବେ ଏବଂ ମନରେ ଦୃଢ଼ ଆତ୍ମବିଶ୍ୱାସ ଓ ଇଚ୍ଛାଶକ୍ତି ପ୍ରକାଶ ପାଇବ ।

କର୍କଟ: ଘାତଚନ୍ଦ୍ର ଯୋଗୁ ଆର୍ଥିକ କ୍ଷତି, ଆର୍ଥିକ ଠକାମି, ମୂଲ୍ୟବାନ ପଦାର୍ଥ ନଷ୍ଟ କିମ୍ବା ହଜିଯାଇପାରେ । ଅନ୍ୟକୁ ଦେଇଥିବା ଧନ ପାଇବାରେ ବିଫଳତା ହେବେ ଏବଂ ଅନ୍ୟଠାରୁ ଆଣିଥିବା ଧନ ଫେରାଇବାରେ ଅସମର୍ଥ ହେବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ତୁଳନାରେ ବଦ୍ଖର୍ଚ୍ଚ ଅଧିକ ହେବ ଏବଂ ଆର୍ଥିକ ସ୍ଥିତି ବିଗିଡ଼ିଯିବ ।

ସିଂହ: ଶ୍ରୀଚନ୍ଦ୍ର, ରବିବାର ଯୋଗୁ ଧନ, ମାନ, ସମ୍ମାନ, ଲକ୍ଷ୍ମୀଙ୍କର କୃପା ଏବଂ ସୁଖାଦ୍ୟ, ସୁବସନ ପ୍ରାପ୍ତି ହେବ । କୌଣସି ମାଙ୍ଗଳିକ କର୍ମରେ ପରିବାର ସହ ଯୋଗଦେବେ ଏବଂ ଆମୋଦପ୍ରମୋଦ, ମଉଜ ମଜଲିସରେ ଅଧିକ ଆଗ୍ରହ ରହିବ ।

କନ୍ୟା: ଦ୍ୱାଦଶ ଚନ୍ଦ୍ର ଯୋଗୁ ଅପବ୍ୟୟ, ଅପବାଦ ଓ ଅପଯଶର ଶିକାର ହେବେ ଏବଂ ମନରେ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହ ଭାବ ପ୍ରକାଶ ପାଇବ ଏବଂ ସମସ୍ତ କର୍ମରେ ଭୁଲ୍ ନିଷ୍ପତ୍ତି ନେବେ । ନିଶ୍ଚିତତାକୁ ପରିତ୍ୟାଗ କରି ଅନିଶ୍ଚିତତା ପଛରେ ପଶ୍ଚାତଧାବନ କରିବେ ।

ତୁଳା: ଏକାଦଶ ଚନ୍ଦ୍ର ଯୋଗୁ ଆୟର ମାର୍ଗ ଅତି ଉତ୍ତମ ହେବ ଏବଂ ସମସ୍ତ ଆଶା, ଆକାଂକ୍ଷା ଓ ଅଭିଳାଷ ପୂର୍ଣ୍ଣ ହେବ । ମନରେ ଉନ୍ନତ ଚିନ୍ତାଧାରା ଓ ଉଚ୍ଚାଭିଳାଷ ପ୍ରକାଶ ପାଇବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ।

ବିଛା : ଦଶମ ଚନ୍ଦ୍ର ଓ ଘାତତିଥି ହେତୁ ସମସ୍ତ କର୍ମରେ ଶୁଭଫଳ ମିଳିଲେ ମଧ୍ୟ କିଛି ସମସ୍ୟା ଆସିବ । କର୍ମ ପ୍ରତି ଅଧିକ ଧ୍ୟାନ ଦେବେ ଏବଂ ଆଜି ଯେକୌଣସି କର୍ମ ଆରମ୍ଭ କରିବେ, ସେଥିରେ ଶତ ପ୍ରତିଶତ ସଫଳତା ପାଇବେ । ସମସ୍ତ କର୍ମରେ ଆପଣଙ୍କର କର୍ମକୁଶଳତା ଓ କାର୍ଯ୍ୟଦକ୍ଷତା ପ୍ରକାଶ ପାଇବ ଏବଂ ମନୋବଳ ଦୃଢ଼ ହେବ ।

ଧନୁ : ନବମ ଚନ୍ଦ୍ର, ରବିବାର ଏବଂ କେତୁଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଗୁରୁଜନଙ୍କ କୃପା, କ୍ଷମତାଶାଳୀ ବ୍ୟକ୍ତିଙ୍କ ସହାୟତା ଓ ରାଜନୈତିକ ବ୍ୟକ୍ତିଙ୍କ ଆଶ୍ରୟ ମିଳିବ । ମନରେ ଉନ୍ନତ ଚିନ୍ତାଧାରା ଓ ଉଚ୍ଚାଭିଳାଷ ପ୍ରକାଶ ପାଇବ ।

ମକର : ଅଷ୍ଟମ ଚନ୍ଦ୍ର ଏବଂ କେତୁଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ବାଦବିବାଦ, ସ୍ୱାସ୍ଥ୍ୟ, ଉଚ୍ଚ ସ୍ଥାନ ଆରୋହଣ, ଇଲେକ୍ଟ୍ରିକ୍ ଦ୍ରବ୍ୟବ୍ୟବହାର ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ମନରେ ଅସ୍ଥିରତା, ପରିବାରରେ ବିବାଦ ଏବଂ ଚାଲିଚଳନ, ବ୍ୟବହାର ବିବାଦୀୟ ହେବ ।

କୁମ୍ଭ : ସପ୍ତମ ଚନ୍ଦ୍ର, ମାନସିକ, ପାରିବାରିକ ଶାନ୍ତି ଏବଂ ଦାମ୍ପତ୍ୟ ଜୀବନ ମଧୁର ହେବ । କୌଣସି ମାଙ୍ଗଳିକ କର୍ମରେ ଯୋଗଦେବେ କିମ୍ବା ପୁତ୍ରକନ୍ୟାଙ୍କ ମାଙ୍ଗଳିକ କର୍ମର ଆୟୋଜନ କରିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ।

ମୀନ : ମନରେ ପ୍ରସନ୍ନତା, ପରିବାରରେ ସୁଖଶାନ୍ତି ଏବଂ ସ୍ୱାସ୍ଥ୍ୟ ଉତ୍ତମ ରହିବ । ଚାଲିଚଳନ, ବ୍ୟବହାର ମାର୍ଜିତ ଓ ସର୍ବଜନ ଆଦୃତ ହେବ ଏବଂ ସମସ୍ତଙ୍କର ମନ ଜିଣିବାରେ ସକ୍ଷମ ହେବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ଏବଂ କର୍ମରେ ସଫଳତା ଓ ସମ୍ମାନ ମିଳିବ । ଯେଉଁମାନଙ୍କର ଉତ୍ତରାଭାଦ୍ର ମୀନ ସେମାନେ ସୁଫଳ ପାଇବେ ।

ମାତୃଭାଷା

କଟକ, ବୁଧବାର, ଜାନୁଆରୀ -୧୪, ୨୦୨୬ ପୃଷ୍ଠା: ୪

ରାଜନୀତିରେ ବଦଳୁଥିବା ସ୍ୱର- ଗଣତନ୍ତ୍ର ବନାମ ଜନକଲ୍ୟାଣ

ବିହାର ନିର୍ବାଚନ ଫଳାଫଳ କେବଳ ଭାରତୀୟ ରାଜନୀତିରେ ଏକ ନୂଆ ମୋଡ଼ ଆଣିନାହିଁ, ବରଂ ଆନ୍ତର୍ଜାତୀୟ ସ୍ତରରେ, ବିଶେଷ କରି ପଡ଼ୋଶୀ ପାକିସ୍ତାନର ବୁଦ୍ଧିଜୀବୀ ମହଲରେ ଏକ ଗଭୀର ଚର୍ଚ୍ଚାର ବିଷୟ ପାଲଟିଛି। ବରିଷ୍ଠ ସାମ୍ବାଦିକ ନଜମ ସେଠୀଙ୍କ ମନ୍ତବ୍ୟ 'ବିଜେପି ପ୍ରଥମ ଥର ପାଇଁ ଇସ୍ୟୁ-ବେସଡ୍ ବା ପ୍ରସଙ୍ଗଭିତ୍ତିକ ନିର୍ବାଚନ ଲଢ଼ି ଜିତିଛି' ଏହା ଆମ ଭାରତର ଗଣତନ୍ତ୍ରର ପରିପକ୍ୱତାକୁ ଦର୍ଶାଉଛି।

ଉଲ୍ଲେଖନୀୟ ଯେ ବିହାର ବିଧାନସଭା ନିର୍ବାଚନରେ ବିଜେପି-ନୀତୀଶ କୁମାର ମେଣ୍ଟର ବିପୁଳ ବିଜୟ କେବଳ ଭାରତୀୟ ରାଜନୀତିକୁ ନୁହେଁ ବରଂ ପଡ଼ୋଶୀ ପାକିସ୍ତାନର ଗଣମାଧ୍ୟମକୁ ମଧ୍ୟ ଆନ୍ଦୋଳିତ କରିଛି। ପାକିସ୍ତାନୀ ସାମ୍ବାଦିକ ଏବଂ ବିଶ୍ଳେଷକ ନଜାମ ସେଟ୍ଠି ବିଜେପିର ଅର୍ଥନୈତିକ ପ୍ରସଙ୍ଗ ଉପରେ କେନ୍ଦ୍ରିତ ନିର୍ବାଚନ ପ୍ରଚାରକୁ ପ୍ରଶଂସା କରିଛନ୍ତି ଏବଂ କଂଗ୍ରେସର ରଣନୀତି ଉପରେ ପ୍ରଶ୍ନ ଉଠାଇଛନ୍ତି। ସେଟ୍ଠିଙ୍କ ମନ୍ତବ୍ୟ ପାକିସ୍ତାନୀ ଟିଭି ଚ୍ୟାନେଲଗୁଡ଼ିକରେ ବିତର୍କ ଆରମ୍ଭ କରିଛି, ଯେଉଁଠାରେ ଆଙ୍କର ଏବଂ ପ୍ୟାନେଲିଷ୍ଟମାନେ ତାଙ୍କ ମନ୍ତବ୍ୟ ଦ୍ୱାରା ଆଶ୍ଚର୍ଯ୍ୟ ହୋଇଛନ୍ତି।

ବରିଷ୍ଠ ପାକିସ୍ତାନୀ ସାମ୍ବାଦିକ ନଜାମ ସେଟ୍ଠି ବିହାର ବିଧାନସଭା ନିର୍ବାଚନ ଉପରେ ଆଲୋଚନା କରିବା ସମୟରେ କଂଗ୍ରେସର ରଣନୀତି ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ପ୍ରଥମ ଥର ପାଇଁ ବିଜେପି ଏକ ପ୍ରସଙ୍ଗ ଆଧାରିତ ନିର୍ବାଚନ ଲଢ଼ିଛି ଏବଂ ଜିତିଛି। ସେ ସ୍ୱୀକାର କରିଛନ୍ତି ଯେ ବିଜେପି ଅର୍ଥନୀତି, ମୁଦ୍ରାସ୍ଫୀତି ଏବଂ ସୁବିଧା ଉପରେ ଧ୍ୟାନ ଦେଇଛି, ଯେତେବେଳେ କଂଗ୍ରେସର 'ଗଣତନ୍ତ୍ର ବଞ୍ଚାଅ' ସ୍ଲୋଗାନ ବିଫଳ ହୋଇଛି।

ନଜମ ସେଠୀଙ୍କ ଯୁକ୍ତିରେ ଯଥେଷ୍ଟ ସାରବତ୍ତା ରହିଛି। ବିଗତ କିଛି ନିର୍ବାଚନରେ ଭାବପ୍ରବଣତା ଓ ପରିଚୟବାଦର ରାଜନୀତି ଦେଖିବାକୁ ମିଳୁଥିବା ବେଳେ, ବିହାରରେ ଏଥର ଚିତ୍ର କିଛିଟା ଭିନ୍ନ ଥିଲା।

ଅର୍ଥନୀତି ଓ ବିକାଶର ପ୍ରାଧାନ୍ୟ: ବିଜେପି ଓ ନୀତିଶ କୁମାରଙ୍କ ମେଣ୍ଟ ଏଥର ମୁଖ୍ୟତଃ ବିକାଶ, ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଏବଂ ସରକାରୀ ସୁବିଧା ସୁଯୋଗର ଉପଲବ୍ଧତାକୁ ନେଇ ନିଜର ପ୍ରଚାର ଶୈଳୀ ପ୍ରସ୍ତୁତ କରିଥିଲା। ଯେତେବେଳେ ସାଧାରଣ ଜନତାଙ୍କ ପକେଟ୍ ଏବଂ ଭାତ ଥାଳି ଉପରେ ଚର୍ଚ୍ଚା ହୁଏ, ସେତେବେଳେ ଭୋଟରମାନେ ଅଧିକ ସକ୍ରିୟ ହୁଅନ୍ତି।

କଂଗ୍ରେସର ବିଫଳ ରଣନୀତି: ଅପରପକ୍ଷରେ, କଂଗ୍ରେସର 'ଗଣତନ୍ତ୍ର ବଞ୍ଚାଅ' ନାରା ସାଧାରଣ ଗରିବ ଶ୍ରେଣୀର ମଣିଷ ପାଇଁ କଷ୍ଟସାଧ୍ୟ ଥିଲା। ସାଧାରଣ ଭୋଟର ନିକଟରେ ଗଣତନ୍ତ୍ରର ସଂଜ୍ଞା ଅପେକ୍ଷା 'ରୋଜଗାର' ଓ 'ସୁବିଧା'ର ମୂଲ୍ୟ ଅଧିକ। ନଜମ ସେଠୀ ଠିକ୍ କହିଛନ୍ତି ଯେ, କେବଳ ଆଦର୍ଶବାଦୀ ନାରା ଦେଇ ନିର୍ବାଚନ ଜିତିବା ଏକବିଂଶ ଶତାବ୍ଦୀର ଭାରତରେ କଷ୍ଟକର। ଯଦି ଶାସକ ଦଳ ଅର୍ଥନୀତି ଓ ସୁବିଧା ସୁଯୋଗକୁ ନେଇ ନିର୍ବାଚନ ଲଢୁଛି, ତେବେ ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର। ନଜମ ସେଠୀଙ୍କ ଆଶ୍ଚର୍ଯ୍ୟ ହେବାର ମୁଖ୍ୟ କାରଣ ହେଉଛି, ପାକିସ୍ତାନ ଭଳି ଦେଶରେ ଧର୍ମ ଏବଂ ଭାବପ୍ରବଣତାକୁ ନେଇ ରାଜନୀତି ହେଉଥିବା ବେଳେ ଭାରତରେ 'ଇସ୍ୟୁ-ବେସଡ' ତଥା ପ୍ରସଙ୍ଗଭିତ୍ତିକ ରାଜନୀତିର ପ୍ରଭାବ ବଢୁଛି।

ବିଜେପିର ସାଂଗଠନିକ ଦକ୍ଷତା ଏବଂ କେନ୍ଦ୍ରୀୟ ଯୋଜନାଗୁଡ଼ିକର (ଯଥା: ମାଗଣା ରାସନ, ଆବାସ ଯୋଜନା) ଠିକଣା ପରିଚାଳନା ବିହାରର ମହିଳା ଓ ଗରିବ ଭୋଟରଙ୍କୁ ଆକୃଷ୍ଟ କରିଛି। ସେଥିପାଇଁ ବିରୋଧୀଙ୍କ 'ନେରେଟିଭ୍' ଏହା ଆଗରେ ଫିକା ପଡ଼ିଗଲା।

ପାକିସ୍ତାନର ରାଜନୈତିକ ଅସ୍ଥିରତା ମଧ୍ୟରେ ଭାରତୀୟ ନିର୍ବାଚନର ଏହି ସ୍ୱଚ୍ଛତା ଓ ଜନମତର ପ୍ରତିଫଳନ ସେମାନଙ୍କୁ ଆଶ୍ଚର୍ଯ୍ୟ କରିବା ସ୍ୱାଭାବିକ। ଯେତେବେଳେ ଏକ ବଡ଼ ଗଣତାନ୍ତ୍ରିକ ଦେଶରେ ଆର୍ଥିକ ପ୍ରସଙ୍ଗରେ ଭୋଟ୍ ଦିଆଯାଏ, ତାହା ପଡ଼ୋଶୀ ଦେଶଗୁଡ଼ିକ ପାଇଁ ଏକ ଶିକ୍ଷା ସଦୃଶ ହୋଇଥାଏ।

ବିହାର ଫଳାଫଳ ଏବଂ ନଜମ ସେଠୀଙ୍କ ବିଶ୍ଳେଷଣ ଏକଥା ସ୍ପଷ୍ଟ କରୁଛି ଯେ, ଭାରତୀୟ ଭୋଟର ଏବେ ଅଧିକ ସଚେତନ। ସେମାନେ କେବଳ ବଡ଼ ବଡ଼ ଆଦର୍ଶବାଦୀ ଭାଷଣ ନୁହେଁ, ବରଂ ନିଜ ଜୀବନଧାରଣର ମାନରେ ପରିବର୍ତ୍ତନ ଚାହାଁନ୍ତି। ଯେଉଁ ଦଳ ଏହି 'ବାସ୍ତବିକତା'କୁ ବୁଝିପାରିବ, ସଫଳତା ତାରି ପାଦ ଛୁଇଁବ। କଂଗ୍ରେସ ପାଇଁ ଏହା ଏକ ଚେତାବନୀ ଏବଂ ବିଜେପି ପାଇଁ ନିଜର ଆର୍ଥିକ ରଣନୀତିକୁ ଆହୁରି ମଜବୁତ କରିବାର ସୁଯୋଗ।

ମକର ଚେତନା : ଉପାସନା ଓ ସତକର୍ମ

ଡ଼ଃ.ଅରୁନ୍ଧତୀ ଦେବୀ

ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ। ସୂର୍ଯ୍ୟ ନାରାୟଣଙ୍କ ସ୍ତୁତି କରି ଅନ୍ଧକାରରୁ ଆଲୋକ ଆଡ଼କୁ ଯିବା ଲାଗି ଏହି ପର୍ବ ପ୍ରେରଣା ପ୍ରଦାନ କରିଥାଏ। ଏହି ପର୍ବ ଜୀବନରେ ଶୁଷ୍କତାକୁ ସମାପ୍ତ କରି ନୂତନ ଶକ୍ତି ଭରିଥାଏ। ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବାକୁ ମକର ସଂକ୍ରାନ୍ତି କୁହାଯାଏ। ଭାରତ ଭୂଖଣ୍ଡ ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ଅବସ୍ଥିତ। ମକର ସଂକ୍ରାନ୍ତି ପୂର୍ବରୁ ସୂର୍ଯ୍ୟ ଦକ୍ଷିଣ ଗୋଲାର୍ଦ୍ଧରେ ଥାଆନ୍ତି। ମକର ସଂକ୍ରାନ୍ତି ପର ଠାରୁ ସେ ଉତ୍ତର ଗୋଲାର୍ଦ୍ଧକୁ ପ୍ରବେଶ କରିଥାନ୍ତି। ଏହାର ଅର୍ଥ ପରବର୍ତ୍ତୀ ୬ ମାସ ପର୍ଯ୍ୟନ୍ତ ସୂର୍ଯ୍ୟ ଉତ୍ତର ଗୋଲାର୍ଦ୍ଧରେ ଥାଆନ୍ତି। ସୂର୍ଯ୍ୟ ନିକଟକୁ ଆସୁଥିବାର ମକର ସଂକ୍ରାନ୍ତିରେ ତାଙ୍କର ପୂଜା କରାଯାଇଥାଏ।

ଓଡ଼ିଆ ସାହିତ୍ୟର ରୀତିଯୁଗୀୟ କବି ସୂର୍ଯ୍ୟ ବଳଦେବ ରଥଙ୍କ ରଚିତ କାଳଜୟୀ କାବ୍ୟ କିଶୋରଚନ୍ଦ୍ରାନନ୍ଦ ଚମ୍ପୂ 'ଗ ଚମ୍ପୂ'ର ଆଦ୍ୟ ପଂକ୍ତିଟି ହେଉଛି 'ଗଲାଣି ତ ଗଲା କଥାରେ ସଙ୍ଗାତ, ଗଲାଣି ତ ଗଲା କଥା।' ସେହିପରି ପାରମ୍ପରିକ ଜଣାଣ 'ଦେଖଲୋ ସଙ୍ଗାତ ବଡ଼ଦାଣ୍ଡେ ବିଜେ ଜଗନ୍ନାଥ...' କିମ୍ବା ଅକ୍ଷୟ ମହାନ୍ତିଙ୍କ ଗୀତ 'ଉଡିଗଲେ ଗେଣ୍ଡାଳିଆ ଝାଡ଼ି ଦେଲେ ପର...'ର 'ବସିବା ସଙ୍ଗାତ ଚାଲ, ତୋହାର ମୋହର: ଉଡି ଉଡି ଯିବା ଆମେ, ମେଘରଜା ଘର...'। ଆଦିରେ ସଙ୍ଗାତ ଶବ୍ଦର ପ୍ରୟୋଗ ଏହାର ପ୍ରାଚୀନତାକୁ ଦର୍ଶାଏ। ଅନ୍ୟପକ୍ଷରେ ଏହା ପ୍ରଗାଢ଼ ବନ୍ଧୁତ୍ୱର ପରିଭାଷାକୁ ପ୍ରତିପାଦିତ କରେ। ଆଗରୁ ଓଡ଼ିଆ ସମାଜରେ ଦୁଇ ଘନିଷ୍ଠ ବନ୍ଧୁ ସଙ୍ଗାତ ବସୁଥିଲେ। ଏହାଦ୍ୱାରା ଉଭୟଙ୍କ ପରିବାର ମଧ୍ୟରେ ଏକ ସାମାଜିକ ବନ୍ଧନ ବି ସ୍ଥାପନ ହେଉଥିଲା। ଦୁଇ ସଙ୍ଗାତ ପରିବାର ମଧ୍ୟରେ ବିବାହ, ବ୍ରତାଦି ଉତ୍ସବରେ ବେଭାର, ଗୁଆ ନିମନ୍ତ୍ରଣ ଭଳି ପରମ୍ପରା ପ୍ରଚଳିତ ହେଉଥିଲା। ସଙ୍ଗାତ ବସିଥିବା ମହିଳା ଓ ପୁରୁଷ ପରସ୍ପରକୁ ସଙ୍ଗାତ ସମ୍ବୋଧନ କରିବା ସହ ସଙ୍ଗାତଙ୍କ ପତ୍ନୀଙ୍କୁ ସଙ୍ଗାତୁଣୀ ଡକାଯିବାର ଉଦାହରଣ ମଧ୍ୟ ରହିଛି।

ଓଡ଼ିଆରେ କଥାନିକାଟି ଅଛି ମକର ଠାରୁ ଦିନ ହୁଏ ବକର। ଅର୍ଥାତ୍ ମକର ସଂକ୍ରାନ୍ତିରୁ ଦିନର ଅବଧି କ୍ରମଶଃ ବୃଦ୍ଧି ପାଏ। ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହୋଇଯାଉଥିବାରୁ ଖରା ଧୀରେ ଧୀରେ ପ୍ରଖର ହୁଏ। ମକର ଦିନ ଠାରୁ ସୂର୍ଯ୍ୟ ଉତ୍ତର ଦିଗକୁ ଯାତ୍ରା କରି ଛଅ ମାସ ଅବସ୍ଥାନ କରୁଥିବାରୁ ବିବାହ, ବ୍ରତ, ଯଜ୍ଞାନୁଷ୍ଠାନ, ଗୃହ, ଦେବାଳୟ ପ୍ରତିଷ୍ଠା ଆଦି ସମସ୍ତ ଶୁଭକର୍ମ ଅନୁଷ୍ଠିତ ହୋଇଥାଏ। ଖାଲି ସେତିକି ନୁହେଁ, ମକର ସଂକ୍ରାନ୍ତି ଓଡ଼ିଆ ମାନଙ୍କ ପାଇଁ ବନ୍ଧୁତ୍ୱର ଦିନ। ଏହି ଦିନ ବନ୍ଧୁକୁ ମକର ଚାଉଳ ଖୁଆଇ ଓଡ଼ିଆମାନେ ମକର ବସିଥାନ୍ତି। କେବଳ ମକର କାହିଁକି, ଓଡ଼ିଶାରେ ପ୍ରତିଟି ପବିତ୍ର ଦ୍ରବ୍ୟ ଓ ନୈବେଦ୍ୟକୁ ନେଇ ସମ୍ପର୍କର ସୂତ୍ର ଯୋଡ଼ିବାର ପରମ୍ପରା ବହୁ ପ୍ରାଚୀନ।

ମକର ସଂକ୍ରାନ୍ତି ବେଳକୁ ଓଡ଼ିଶାରେ ଧାନ ଓ ଆଖୁ ଆଦି ନୂଆ ଫସଲ ଅମଳ ହୋଇଥାଏ। ଏଣୁ ଏ ନୂଆଧାନରୁ ପ୍ରସ୍ତୁତ ଅପକ୍ୱ ଅରୁଆ ଚାଉଳ, ନୂଆଗୁଡ଼, ଛେନା, ନଡ଼ିଆ, ପାଚିଲା କଦଳୀ, ଘିଅ ଓ କ୍ଷୀର ଇତ୍ୟାଦି ଚକଟା ହୋଇ ଏକ ସୁମିଷ୍ଟ ଭୋଗ ପ୍ରସ୍ତୁତ କରାଯାଏ। ଏହି ଚକଟାକୁ ଗୃହ ଦେବତାଙ୍କୁ ଓ ଧାନ ଖଳାରେ ଭୋଗ ଲଗାଯାଏ। ଏହି ସୁମିଷ୍ଟ ବ୍ୟଞ୍ଜନ ମକର ଚାଉଳ ଭାବେ ପରିଚିତ। ଏହି ଭୋଗ ପରସ୍ପରକୁ ଖୁଆଖୋଇ ହୋଇ ପୁଅ ଓ ଝିଅମାନେ ମକର ବସନ୍ତି।

ମକର ସଂକ୍ରାନ୍ତିରୁ ଉତ୍ତରାୟଣ ପର୍ବ ଆରମ୍ଭ ହୁଏ। ଏହା ଦେବତା ମାନଙ୍କ ଦିନ ହୋଇଥିବା ଯୋଗୁଁ ଏହି ଦିନ ଜପ, ତପ, ଦାନ, ସ୍ନାନ, ଶ୍ରାଦ୍ଧ, ତର୍ପଣ ଆଦି ଧାର୍ମିକ କାର୍ଯ୍ୟର ବିଶେଷ ମହତ୍ୱ ରହିଛି। ଏହିଦିନ ଠାରୁ ଦିନ ବଡ଼ ହେବାକୁ ଲାଗେ ଏବଂ ରାତି ଛୋଟ ହେବାକୁ ଲାଗେ। ଦିନ ବଡ଼ ହେବା ଯୋଗୁଁ ଅଧିକ ଆଲୋକ ମିଳେ। ଫଳରେ ତାପମାତ୍ରା କମେ। ଅର୍ଥାତ୍ ମକର ସଂକ୍ରାନ୍ତି ଠାରୁ ଶୀତର ପ୍ରକୋପ କମ୍ ହୋଇଯାଏ। ଅଧିକ ଆଲୋକ ଯୋଗୁଁ ମନୁଷ୍ୟର ଚେତନା ଓ କାର୍ଯ୍ୟଶକ୍ତି ବୃଦ୍ଧି ପାଏ। ଏହି ଦିନ ସୂର୍ଯ୍ୟଙ୍କ ରାଶିରେ ହୋଇଥିବା ପରିବର୍ତ୍ତନକୁ ଅନ୍ଧକାରରୁ ଆଲୋକ ଆଡ଼କୁ ଅଗ୍ରସର ହେବାର ପ୍ରତୀକ ଭାବରେ ବିବେଚନା କରାଯାଏ। ହିନ୍ଦୁ ଧର୍ମର ପ୍ରତ୍ୟେକ ପର୍ବ କୌଣସି ନା କୌଣସି ଦେବତାଙ୍କ ପାଇଁ ଉଦ୍ଦିଷ୍ଟ। ଉତ୍ତରାୟଣ ପର୍ବ ଅର୍ଥାତ୍ ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ। ଏହି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି। ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବା ଯୋଗୁଁ ମନୁଷ୍ୟ ମନରେ ମଧ୍ୟ ପରିବର୍ତ୍ତନ ଆସେ। ସମସ୍ତେ ମିଳିମିଶି ରୁହନ୍ତୁ, ସମସ୍ତଙ୍କ ଜୀବିକା ନିର୍ବିଘ୍ନରେ ଚାଲୁ, ସମସ୍ତେ ଶକ୍ତିମାନ ହୁଅନ୍ତୁ, ସତ୍‌କର୍ମରୁ ଆମକୁ ଶକ୍ତି ମିଳୁ - ଏହା ମକର ସଂକ୍ରାନ୍ତିର ସନ୍ଦେଶ। ଓଡ଼ିଆ ଆଧ୍ୟାତ୍ମିକ ଓ ଜନଜୀବନ ଚେତନାରେ ମକର ସଂକ୍ରାନ୍ତିର ସ୍ଥାନ ସ୍ୱତନ୍ତ୍ର ଏବଂ ଏହି ଦିନଟି ଓଡ଼ିଆ ପରମ୍ପରାରେ ଘରେ ଘରେ ସମ୍ପର୍କ ସୁଦୃଢ଼ କରିବା ପାଇଁ ଯୁଗବତ୍ ଯେଉଁ ପରମ୍ପରା ରହିଆସିଛି ତାହା ମଧ୍ୟ ସ୍ମରଣୀୟ।

ସମ୍ପାଦିକା-ନିର୍ଦ୍ଦେଶିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ୯୯୩୭୧୭୨୮୧୦

ମାନଚିତ୍ରରୁ ନିଷ୍ପତ୍ତି ପର୍ଯ୍ୟନ୍ତ: ମିଜୋରାମରେ ପ୍ରଗତି ଏବଂ ରେଳ ଭିତ୍ତିଭୂମି

୨୦୧୫ ମସିହାରେ ମୁଁ ଯେତେବେଳେ ବୈରାବୀ – ସାଇରାଙ୍ଗ ରେଳ ପ୍ରକଳ୍ପରେ ଯୋଗ ଦେଇଥିଲି, ସେତେବେଳେ ମୋତେ ଏଭଳି ଅନୁଭୂତି ହୋଇଥିଲା ଯେ ମୁଁ ଦେଶର ସେହି ଅଞ୍ଚଳରେ ପାଦ ରଖୁଛି, ଯାହାକୁ ଜାତୀୟ ପ୍ରାଧାନ୍ୟ ଦୀର୍ଘ ସମୟ ଧରି କ୍ୱଚିତ୍ ? ଛୁଇଁଥିଲା। ସେଠାକୁ ପହଞ୍ଚିବାର ଯାତ୍ରା ନିଜେ ମଧ୍ୟ ଏକ ରୋଚକ ଏବଂ କଠିନ କାହାଣୀ ଥିଲା। ଜାତୀୟ ରାଜପଥ ୧୫୪ ଯାହାକି ବର୍ତ୍ତମାନ ଜାତୀୟ ରାଜପଥ ୦୬କୁ ପରିବର୍ତ୍ତିତ ହୋଇଛି ତାହା ଥିଲା ସେଠାରେ ପହଁଚିବାର ଏକମାତ୍ର ମାର୍ଗ ଏବଂ ସେତେବେଳେ ତାହା ଅତି ଦୟନୀୟ ଭାବରେ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ଆଦୌ ନିର୍ଭରଯୋଗ୍ୟ ନଥିଲା । ରାସ୍ତାର ବିଭିନ୍ନ ସ୍ଥାନରେ ଭାରୀ ଟ୍ରକସବୁ ଅନେକ ସଂଖ୍ୟାରେ ଦିନ ଦିନ ଧରି ଅଟକି ରହିଥିଲା ଏବଂ ଉଠାପକା ଯାତ୍ରା ମୋର ପ୍ରକଳ୍ପ ସ୍ଥଳକୁ ଯାତାୟାତ କରିବାରେ ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଯାଇଥିଲା। କାଗଜ କଲମରେ କିନ୍ତୁ ଏହି ପ୍ରକଳ୍ପଟିକୁ ବେଶ୍ ଐତିହାସିକ ବୋଲି ଦର୍ଶାଯାଇଥିଲା । ତାହା ଥିଲା ମିଜୋରାମର ଜାତୀୟ ରେଳ ନେଟୱାର୍କ ସହିତ ପ୍ରଥମ ରେଳ ସଂଯୋଗ ଯାହାକି ଉତ୍ତୁଙ୍ଗ ପର୍ବତ, ସୁଉଚ୍ଚ ପ୍ରସ୍ତର ପ୍ରାଚୀର ଏବଂ ଗଭୀର ଗର୍ତ୍ତ ମଧ୍ୟ ଦେଇ ଗତି କରିବାର ଥିଲା। ବାସ୍ତବ ପକ୍ଷେ ପ୍ରକଳ୍ପ ସ୍ଥଳର ଯେଉଁ ସ୍ଥିତି ଥିଲା, ସେଥିରେ ଏଭଳି ପ୍ରକଳ୍ପର ପ୍ରଗତି କାର୍ଯ୍ୟ ବେଶ୍ ମନ୍ଥର ଭାବରେ ଚାଲିଥିଲା । ସାଇଟରେ କାମ କରିବାର ମାତ୍ରା ମଧ୍ୟ ଖୁବ୍ ଧୀର ଥିଲା ଏବଂ ଏହି ଧୀର ମନ୍ଥର ଗତି ହିଁ ଥିଲା ସ୍ୱାଭାବିକ । କାରଣ ରେଳପଥ ନିର୍ମାଣ ନିମନ୍ତେ ଆବଶ୍ୟକ ସାମଗ୍ରୀ ସହଜରେ ଉପଲବଧ ନଥିଲା, ଶ୍ରମିକମାନଙ୍କ ଅଭାବ ଥିଲା ଏବଂ ସାମଗ୍ରୀ ପରିବହନ ନିମନ୍ତେ ବିଳମ୍ବ ହେଉଥିଲା। ଏହା ଛଡ଼ା ସ୍ଥାନୀୟ ସ୍ତରରେ ଯେଉଁ ଗଣ୍ଡଗୋଳ ଘଟୁଥିଲା ଏବଂ ଅସରନ୍ତି ଭାବରେ ନିଷ୍ପତ୍ତି ବଦଳି ଚାଲିଥିଲା, ତାହା ସମସ୍ୟାକୁ ବହୁଗୁଣିତ କରୁଥିଲା । ଜଣେ ଟନେଲ ଡିଜାଇନ୍ ପରାମର୍ଶଦାତା ତଥା ଭୂତତ୍ତ୍ୱବିଦ୍ ଭାବରେ, ସେଠାକାର ଭୂତାତ୍ତ୍ୱିକ ଗଠନ ଥିଲା ସବୁଠାରୁ ଜଟିଳ ଯାହାକି ସେଠାକାର ସ୍ଥିତିକୁ ଦେଖି ବୁଝି ହେଉଥିଲା। କିନ୍ତୁ ଯାହା ସବୁଠାରୁ ଅଧିକ ସଂକଟ ଉପନ୍ନ କରୁଥିଲା ତାହା ଥିଲା ଆନୁଷ୍ଠାନିକ ସ୍ଥାଣୁତା। ପ୍ରକଳ୍ପଟି ଥିଲା ଦେଶର ଅତି ମାତ୍ରାରେ ସୀମାନ୍ତ କ୍ଷେତ୍ରରେ । ତେଣୁ ଏହାର ସମୀକ୍ଷା ବାରମ୍ବାର ହେବା ସ୍ୱାଭାବିକ ଥିଲା ଏବଂ ତାହା ହେଉଥିଲା ମଧ୍ୟ । ନିଷ୍ପତ୍ତି ଗ୍ରହଣକାରୀ କ୍ଷମତା ମଧ୍ୟ ବିଭିନ୍ନ ମନ୍ତ୍ରଣାଳୟ ମଧ୍ୟରେ ବିକ୍ଷିପ୍ତ ଅବସ୍ଥାରେ ଥିଲା । ସେଥିରେ ବିଭିନ୍ନ ରାଜ୍ୟ ସରକାର ଏବଂ ଅନ୍ୟାନ୍ୟ ଏଜେନ୍ସିମାନେ ମଧ୍ୟ ସାମିଲ ଥିଲେ । ଧୀରେ ଧୀରେ ଏକ ପ୍ରକାର ଅସମାହିତ ଧାରଣା ଦାନା ବାନ୍ଧିବାକୁ ଲାଗିଲା । ଲାଗିଲା ସତେ ଯେପରି କେହି ଚାହାନ୍ତି ନାହିଁ ଯେ, ଏ ପ୍ରକଳ୍ପ କାର୍ଯ୍ୟ ନିକଟ ଭବିଷ୍ୟତରେ ଶେଷ ହେଉ । ତା'ପରେ ଧୀରେ ଧୀରେ ଏବଂ କୌଣସି ଘୋଷଣା ବିନା, ପୁଣି ଥରେ ଏହି ପ୍ରକଳ୍ପରେ ତତ୍କାଳ ଚିନ୍ତାଧାରା ପ୍ରବେଶ କଲା । ପ୍ରକଳ୍ପ କାର୍ଯ୍ୟାଳୟରେ ସେହି ତତ୍କାଳ କାର୍ଯ୍ୟାନ୍ୱୟନର ଭାବନା ଏବଂ ଆଚରଣ ଦୃଶ୍ୟମାନ ହେଲା । ପୂର୍ବାପେକ୍ଷା ଅଧିକ ଥର ଫୋନ୍ କଲା ଆସିବାକୁ ଆରମ୍ଭ କଲା । ବରିଷ୍ଠ ଅଧିକାରୀମାନେ ସାଇଟକୁ ନିୟମିତ ଏବଂ ଅସ୍ୱାଭାବିକ ଭାବରେ ବାରମ୍ବାର ପରିଦର୍ଶନ କରିବାକୁ ଆସିଲେ । ଦୀର୍ଘ ସମୟ ଧରି ପଡ଼ି ରହିଥିବା ଫାଇଲ ସବୁକୁ ତୁରନ୍ତ ଖୋଜି ବାହାର କରାଗଲା, ସେସବୁର ସମୀକ୍ଷା ସହ ତାହାକୁ ସର୍କୁଲେଟ୍ କରିବାକୁ ଆରମ୍ଭ କରାଗଲା । ଗୋଟିଏ ପରେ ଗୋଟିଏ ବୈଠକ ବାରମ୍ବାର ବସିଲା ଏବଂ ଏଥିରେ ଅଧିକତର ବିଭିନ୍ନ ଏଜେନ୍ସିମାନଙ୍କୁ ସାମିଲ କରାଗଲା ଯେଉଁମାନେ ପୂର୍ବରୁ ଏକାକୀ କାର୍ଯ୍ୟ କରୁଥିଲେ । ଜଣେ ବେସରକାରୀ ଉପଦେଷ୍ଟା ଭାବରେ, ମୁଁ ପ୍ରଶାସନିକ ବ୍ୟବସ୍ଥାର ମୂଳପିଣ୍ଡ ନ ଥିଲି ଏବଂ ହଠାତ୍ ଏଭଳି କର୍ମଚଞ୍ଚଳ ହୋଇ ଉଠିବାର କାରଣ ମୋତେ ମଧ୍ୟ କେହି ବୁଝାଇ ନଥିଲେ । କିନ୍ତୁ ବଡ଼ ବଡ଼ ଭିତ୍ତିଭୂମି ପ୍ରକଳ୍ପରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିବାରୁ ମୋର ଅଭିଜ୍ଞତା ମୋତେ ଏହି ଶିକ୍ଷା ଦେଇଥିଲା ଯେ, ଏଭଳି ପରିସ୍ଥିତିର ସଙ୍କେତକୁ ସହଜରେ ଠଉରାଇ ପାରିବି । ଏହା କୌଣସି ରୁଟିନ୍ ପ୍ରେସର ନଥିଲା । ସର୍ବୋଚ୍ଚ ସ୍ତରରେ ଏହାର ତର୍ଜମା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇ ସାରିଥିଲା । ଖୁବ୍ ଶୀଘ୍ର, ମୋ ସାମ୍ନାରେ ଏହାର କାରଣ ସ୍ପଷ୍ଟ ହୋଇଗଲା । ସ୍ପଷ୍ଟ ହୋଇଗଲା ଏହା ପଛରେ ଥିବା ଅସଲ କାରଣ । ବୈରାବୀ-ସାଇରାଙ୍ଗ ରେଳ ପ୍ରକଳ୍ପ ପ୍ରସଙ୍ଗରେ 'ପ୍ରଗତି' ଅଧୀନରେ ସମୀକ୍ଷା କରାଯିବାକୁ ସ୍ଥିର ହୋଇଛି । 'ପ୍ରଗତି' କହିଲେ 'ସକାରାତ୍ମକ ଶାସନ ଏବଂ ସମୟୋବଦ୍ଧ ପ୍ରବର୍ତ୍ତନ ପ୍ଲାଟଫର୍ମକୁ ବୁଝାଏ, ଯେଉଁଥିରେ ପ୍ରଧାନମନ୍ତ୍ରୀ ସ୍ୱୟଂ ଅଧକ୍ଷତା କରନ୍ତି । ମାର୍ଜିନରେ ଥିବା ଏହି ପ୍ରକଳ୍ପ ସକାଶେ ପ୍ରାଧିକରଣ, ଉତ୍ତରଦାୟିତ୍ୱ ଏବଂ ରିଅଲ ଟାଇମ୍ ପ୍ରଗତି ସମ୍ପର୍କରେ ତର୍ଜମା କରାଯାଇ ପ୍ରତ୍ୟେକ ବିଳମ୍ବିତ ପ୍ରସଙ୍ଗ ଏବଂ ଆନ୍ତଃ ଏଜେନ୍ସୀୟ ସମସ୍ୟାର ସମାଧାନ ପାଇଁ ବିଶ୍ଳେଷଣ କରାଯାଇଥାଏ । ଏହି ବୈଠକ ପରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିଗୁଡ଼ିକ ବିଭାଜନ ଏବଂ ଏହାର ପ୍ରଗତି ଉପରେ ନଜର ରଖାଯାଇଥାଏ, ଯାହା ସୂଚୀତ କରେ ଶାସନ ବ୍ୟବସ୍ଥା କିପରି ଏହାର ପରିଣାମ ପାଇଁ ସଂକଳ୍ପବଦ୍ଧ । ୨୦୧୬ ମସିହା ମାର୍ଚ୍ଚ ମାସର ପ୍ରଗତି ସମୀକ୍ଷା ବୈଠକ ମୂଳତଃ ଏହି ପ୍ରକଳ୍ପର ଅଗ୍ରଗତିର ସୂଚକାଙ୍କକୁ ଆମୂଳଚୂଳ ପରିବର୍ତ୍ତନ ଏବଂ ଗତିଶୀଳ କରିଦେଇଥିଲା । ଏହି ଢାଞ୍ଚା ଅଧୀନରେ, ସମସ୍ୟାକୁ ଏକକ ଭାବରେ ପରୀକ୍ଷା କରାଯାଇ ନଥିଲା କି ଅନିର୍ଦ୍ଦିଷ୍ଟ କଳା ପାଇଁ ଟାଳି ଦିଆଯାଇ ନଥିଲା । ଜାତୀୟ ରାଜପଥ ୦୬ର ଅତି ଦୟନୀୟ ସ୍ଥିତିକୁ ଆଉ ରେଳବାଇର ନିଷ୍ପତ୍ତି ଭାବରେ ବାହ୍ୟ କାର୍ଯ୍ୟ ବୋଲି ବିବେଚନା କରାଯାଇ ନଥିଲା । ସଡ଼କ ପରିବହନ ଏବଂ ଜାତୀୟ ରାଜମାର୍ଗ ମନ୍ତ୍ରଣାଳୟଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ, ସେମାନେ ସେହି ସଡ଼କର ମରାମତି ଏବଂ ଉନ୍ନତିକରଣ କାର୍ଯ୍ୟ ତୁରନ୍ତ ହାତକୁ ନେଇ ଶେଷ କରନ୍ତୁ। ଏହା ସହ ସେଥିରେ ସ୍ପଷ୍ଟ ଏକ ସମୟସୂଚୀ ଏବଂ ନିରବଚ୍ଛିନ୍ନ ମନିଟରିଂ ମଧ୍ୟ ଯୋଡ଼ି ଦିଆଯାଇଥିଲା। ଭୂମି ଅଧିଗ୍ରହଣ ପାଇଁ ହେଉଥିବା ବିଳମ୍ବକୁ ଆଉ ଏକ ରୁଟିନ୍ ପ୍ରଶାସନିକ ବାଧା ବୋଲି ଧରାଗଲାନାହିଁ । ମିଜୋରାମ ସରକାର ଏହି ନିଷ୍ପତ୍ତିକୁ ତ୍ୱରାନ୍ୱିତ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯିବା ସହ ପ୍ରତ୍ୟେକ କାର୍ଯ୍ୟର ପ୍ରଗତିକୁ ଟ୍ରାକିଂ କରାଗଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆନୁଷ୍ଠାନିକ ଭାବରେ ଏକ ଜଟିଳ ରିସ୍କ ବୋଲି ଗ୍ରହଣ କରାଗଲା ଏବଂ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ବେଳେ ତାହା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଗଲା। ଏହି ପ୍ରକ୍ରିୟାରେ ଯେଉଁ କାର୍ଯ୍ୟଟି ସବୁଠାରୁ ଲକ୍ଷ୍ୟଣୀୟ ଥିଲା ତାହା ଥିଲା ବ୍ୟକ୍ତିଗତ ନିଷ୍ପତ୍ତି ନୁହେଁ ସେସବୁର ଅପୂର୍ବ ସମନ୍ୱୟ । 'ପ୍ରଗତି' ଅଧୀନରେ ବିଭିନ୍ନ ଏଜେନ୍ସିମାନେ ଆଉ ଏଣିକି ବ୍ୟକ୍ତିଗତ ଭାବରେ ନିଜ ନିଜ କାର୍ଯ୍ୟ ସମ୍ପାଦନ କଲେନାହିଁ । ସମସ୍ତଙ୍କ ଉପରେ ନିର୍ଦ୍ଦିଷ୍ଟ ଭାବରେ ଦାୟିତ୍ୱ ନିର୍ଦ୍ଧାରଣ କରାଗଲା, ସମସ୍ତଙ୍କ ଭିତରେ ସମନ୍ୱୟ ରକ୍ଷାକୁ ବାଧତାମୂଳକ କରାଗଲା ଏବଂ ନିୟମିତ ଭାବରେ କାର୍ଯ୍ୟ ପ୍ରଗତିକୁ ମଧ୍ୟ ପରଖାଗଲା । ଏହାର ପରିଣାମ ଥିଲା ତତ୍କାଳ ଏବଂ ଦର୍ଶନୀୟ । କଟାଖାଲ-ବୈରାବୀ ସେକ୍ସନ ୨୦୧୬ ମସିହା ମାର୍ଚ୍ଚ ମାସରେ କାର୍ଯ୍ୟକ୍ଷମ ହେଲା । ଏହା ଫଳରେ ମାଲ ପରିବହନ ସ୍ୱାଭାବିକ ହେଲା ଏବଂ ବିଭିନ୍ନ ସ୍ଥାନରେ ପହଞ୍ଚ, ଲଜିଷ୍ଟିକ୍ସ ଓ ଯୋଜନା ମଧ୍ୟ ବେଶ୍ ଉନ୍ନତ ହୋଇପାରିଲା । ଏହା ପରଠାରୁ ଯେତିକି ମାସ ପରେ ମାସ ବିତିଲା, ଏହା ସ୍ପଷ୍ଟ ହୋଇଗଲା ଯେ, 'ପ୍ରଗତି' ବ୍ୟବସ୍ଥା ଆନୁଷ୍ଠାନିକ ଗତିବିଧିରେ ଲକ୍ଷ୍ୟଣୀୟ ଓ ଆକଳନୀୟ ପରିବର୍ତ୍ତନ ଘଟାଇବାରେ ଲାଗିଛି । ସମୀକ୍ଷା ବୈଠକରେ ଆଉ ବିଳମ୍ବର କାରଣକୁ ବୁଝାଇବାକୁ ପଡ଼ିଲା ନାହିଁ ବରଂ ସେସବୁର ସମାଧାନ କିପରି କରାଯାଇଛି ତାହା ବର୍ଣ୍ଣନା କରାଗଲା। ଏହାର ଫଟୋଚିତ୍ର, ଟାଇମ ଲାଇନ ଏବଂ ସାଇଟରେ ସ୍ଥିତି ଡାଟା ସହିତ ବର୍ଣ୍ଣନା ରିପୋର୍ଟରେ ବିଶଦ ଭାବରେ ସ୍ଥାନ ପାଇଲା । ଡିଜିଟାଲ ମନିଟରିଂ ଏହା ସୁନିଶ୍ଚିତ କଲା ଯେ ଯେଉଁସବୁ ପ୍ରସଙ୍ଗମାନ ପୂର୍ବରୁ ଉଠାଯାଉଥିଲା ସେସବୁ ଏବେ ସମାଧାନ ନହେବା ପର୍ଯ୍ୟନ୍ତ ଆଲୋଚନା ଟେବୁଲକୁ ଆସିଲାନାହିଁ । ଏହି ଶୃଙ୍ଖଳା ସମଗ୍ର ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଘଟାଇଲା । ଇଞ୍ଜିନିୟରମାନେ ଅଧିକ ନିର୍ଣ୍ଣାୟକ ହେଲେ, କଣ୍ଟ୍ରାକ୍ଟରମାନେ ଅଧିକ ଉତ୍ତରଦାୟୀ ଏବଂ ରାଜ୍ୟ ତଥା କେନ୍ଦ୍ରୀୟ ଏଜେନ୍ସିମାନଙ୍କ ମଧ୍ୟରେ ଅଧିକ ସମନ୍ୱୟ ଓ ଘନିଷ୍ଠ ସମ୍ପର୍କ ରକ୍ଷା ପରିଲକ୍ଷିତ ହେଲା । କାରଣ ଏଣିକି ଆଉ ଗୋଟିଏ ପ୍ରକଳ୍ପ ପାଇଁ ଏକୁଟିଆ ଛୋଟ ଛୋଟ କାର୍ଯ୍ୟ କରିବା ଧାରାକୁ ବରଦାସ୍ତ କରାଗଲାନାହିଁ। ଅତଏବ କାର୍ଯ୍ୟସ୍ଥଳରେ ତାହା ପରିଣାମରେ ଦୃଶ୍ୟମାନ ହେଲା । ଟନେଲ ଖୋଳା କାମ ଯାହା ପୂର୍ବରୁ ସମୟାନ୍ତରେ ଘଟୁଥିଲା, ତାହା ନିରବଚ୍ଛିନ୍ନ ଭାବରେ ସମ୍ପାଦନ କରାଗଲା ଏପରିକି ଜଟିଳ ଭୂତାତ୍ତ୍ୱିକ ଗଠନ ସତ୍ତ୍ୱେ । ବଡ଼ ବଡ଼ ଶିଳାଖଣ୍ଡ ସବୁ, ସିଅର ଜୋନମାନଙ୍କରେ, ଜଳ ପ୍ରବେଶ କରୁଥିବା ସ୍ଥାନରେ କିମ୍ବା ଦୁର୍ବଳ ଭୂମି ଥିବା ସ୍ଥାନରେ ସମାନ ଗତିରେ କାର୍ଯ୍ୟ ପ୍ରଗତି ଜାରି ରହିଲା । ସମର୍ଥନ ବ୍ୟବସ୍ଥା ଏବଂ ଡିଜାଇନ ପରିବର୍ତ୍ତନ ନିମନ୍ତେ ପୂର୍ବରୁ ମାସ ମାସ ସମୟ ଲାଗୁଥିବାବେଳେ ସେସବୁର ମଂଜୁରୀ ଏବେ ମାତ୍ର ସପ୍ତାହକରେ ଉପଲବ୍ଧ ହୋଇପାରିଲା। ବଡ଼ ବଡ଼ ସେତୁମାନ ଗଭୀର ଗର୍ତ୍ତ ଉପରେ ମୁଣ୍ଡ ଟେକିବାରେ ଲାଗିଲା । ସେଥିରୁ କେଉଁଠି ସତୁରି ମିଟର ଉଚ୍ଚର । କାର୍ଯ୍ୟସ୍ଥଳଠାରୁ ଶହ ଶହ କିଲୋମିଟର ଦୂରରେ ନିଆଯାଉଥିବା ନିଷ୍ପତ୍ତିମାନ ତୁରନ୍ତ ବାସ୍ତବ କଂକ୍ରିଟ୍ ଅବା ଲୌହ ସ୍ଥାପତ୍ୟରେ ରୂପାନ୍ତରୀତ ହେବାକୁ ଆରମ୍ଭ କଲା । ଏପରିକି କୋଭିଡ଼ ୧୯ ବୈଶ୍ୱିକ ମହାମାରୀ ସମୟରେ ସୁଦ୍ଧା, ସମାନ ଧାରାରେ କାର୍ଯ୍ୟ ପ୍ରଗତିକୁ ସୁନିଶ୍ଚିତ କରାଯାଇ ପାରିଥିଲା। ସେତେବେଳେ ଶ୍ରମିକମାନଙ୍କ ସଂକଟ, କଣ୍ଟ୍ରାକ୍ଟ ପ୍ରସଙ୍ଗରେ ଥିବା ବିବାଦ ଏବଂ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଥିବା ଚାଲେଞ୍ଜକୁ ଅତି ନିଖୁଣ ଭାବରେ ମନିଟରିଂ କରାଯାଇଥିଲା। ପ୍ରକଳ୍ପ କାର୍ଯ୍ୟ କେତେବେଳେ ଧିମେଇ ଯାଉଥିଲା ସତ କିନ୍ତୁ ତାହା କଦାପି ପଥଚ୍ୟୁତ ହେଉ ନଥିଲା । ସମୟ କ୍ରମେ, ସେଥିରୁ ସଫଳତାର ମାତ୍ରା ମୁଣ୍ଡ ଟେକିବାରେ ଲାଗିଲା: ପଇଁଚାଳିଶ ଗୋଟି ଟନେଲ ଯାହାକି ପ୍ରକଳ୍ପର ପ୍ରାୟ ଏକ ତୃତୀୟାଂଶ ସଙ୍ଗେ ସମାନ, ୧୫୦ ଗୋଟି ସେତୁ, ବାଲାଷ୍ଟ ଲେସ୍ ଟ୍ରାକ୍ ମଧ୍ୟ ଟନେଲ ସେକ୍ସନ ମଧ୍ୟଦେଇ ବିଛାଯାଇ ପାରିଲା। ଏହା ଏଭଳି ଭାବରେ ଡିଜାଇନ୍ କରାଗଲା ଯେ, ସେଥିରେ ୧୦୦ କିଲୋମିଟର ପର୍ଯ୍ୟନ୍ତ ବେଗରେ ଦେଶର ସବୁଠାରୁ ବିପଦପୂର୍ଣ୍ଣ ଦୁର୍ଗମ ସ୍ଥାନରେ ମଧ୍ୟ ଟ୍ରେନ୍ ଚଳାଚଳ କରିପାରିବ । ଏଥିରେ ଚାରିଗୋଟି ନୂଆ ଷ୍ଟେସନ, ହୋରଟୋକି, କନପୁଇ, ମୁଆଲଖାଙ୍ଗ ଏବଂ ସାଇରାଙ୍ଗ ନିର୍ମାଣ ଫଳରେ ଦୀର୍ଘ ଦିନରୁ ଅପହଞ୍ଚ ହୋଇ ରହିଥିବା ଜନଜାତିର ଲୋକମାନଙ୍କୁ ରେଳପଥ ସହିତ ସଂଯୋଗ କରିପାରିଲା । ଇଞ୍ଜିନିୟରିଂ ଛଡ଼ା, ପ୍ରକଳ୍ପ ପଛରେ ଆହୁରି ଅନେକ ଗଭୀର ସତ୍ୟ ମଧ୍ୟ ଜଡ଼ିତ ଥିଲା । ସେହି କ୍ଷେତ୍ରର ଦୁର୍ବଳ ଭୂଗଠନକୁ ପରିଚାଳନା କରିବାର ଥିଲା, ମୌସୁମୀକୁ ଦେଖି ପ୍ରକଳ୍ପ କାର୍ଯ୍ୟର ଯୋଜନା ପ୍ରସ୍ତୁତ କରାଯିବାର ଥିଲା ଏବଂ ଲଜିଷ୍ଟିକ୍ସ ବ୍ୟବସ୍ଥାକୁ ତଦନୁସାରେ ମଜଭୁତ କରିବାର ଥିଲା। ଯାହା ସର୍ବୋପରି ପରିଣାମକୁ ନିର୍ଦ୍ଧାରିତ କରୁଥିଲା ତାହା ହେଉଛି ବିଭିନ୍ନ ଅନୁଷ୍ଠାନମାନଙ୍କର ସମନ୍ୱୟ, ନିଷ୍ପତ୍ତି ଗ୍ରହଣ ଏବଂ କାର୍ଯ୍ୟ କରିବାର ସାମର୍ଥ୍ୟ । ଉତ୍ତର ପୂର୍ବାଞ୍ଚଳ କ୍ଷେତ୍ରର ଏହି ପ୍ରକଳ୍ପର ପ୍ରଭାବ ବ୍ୟତୀରେକ, 'ପ୍ରଗତି' ପୋର୍ଟାଲର ଦେଶବ୍ୟାପୀ ପ୍ରଗତି ଉପରେ ମଧ୍ୟ ଆକଳନୀୟ ପ୍ରଭାବ ରହିଛି । କାରଣ ତାହା ମାଧ୍ୟମରେ ନିଷ୍ପତ୍ତି ଗ୍ରହଣ ଏବଂ ସମନ୍ୱୟକୁ ସୁଦୃଢ଼ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇପାରୁଛି। ଏହା ଫଳରେ ଭିତ୍ତିଭୂମିର ସାରା ଦେଶରେ ସମ୍ପ୍ରସାରଣ ସହଜ ହୋଇପାରୁଛି । ନିକଟରେ ଏକ ସାମ୍ବାଦିକ ସମ୍ମିଳନୀରେ କ୍ୟାବିନେଟ ସଚିବ 'ପ୍ରଗତି' ବ୍ୟବସ୍ଥାର ସକ୍ରିୟତାର ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ ଦର୍ଶାଇଥିଲେ ଯେ, ୨୦୨୫ ମସିହା ଡିସେମ୍ବର ମାସ ସୁଦ୍ଧା, ୩୮୨ ଗୋଟି ପ୍ରମୁଖ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ପ୍ରଗତି' ବ୍ୟବସ୍ଥା ମାଧ୍ୟମରେ ସମୀକ୍ଷା କରିଛନ୍ତି । 'ପ୍ରଗତି' ଇକୋସିଷ୍ଟମ ଉଲ୍ଲେଖନୀୟ ଭାବରେ ପ୍ରାୟ ୮୫ ଲକ୍ଷ କୋଟିଟଙ୍କା (ଆନୁମାନିକ ୮୫୦ ବିଲିୟନ ଆମେରିକୀୟ ଡଲାର) ମୂଲ୍ୟର ଭିତ୍ତିଭୂମି ପ୍ରକଳ୍ପର ପ୍ରବର୍ତ୍ତନକୁ ତ୍ୱରାନ୍ୱିତ କରାଯାଇ ପାରିଛି । ସରକାରୀ ସୂତ୍ର ଅନୁସାରେ, ଏହି ଅବଧି ମଧ୍ୟ ଭିତ୍ତିଭୂମି କ୍ଷେତ୍ରରେ ସରକାରୀ ଅର୍ଥ ବ୍ୟୟରେ ହୋଇଥିବା ବ୍ୟାପକ ଅଭିବୃଦ୍ଧିକୁ ସୂଚୀତ କରେ। ୨୦୧୪-୧୫ ମସିହାରେ ଏଥିରେ ପ୍ରାୟ ୧.୯୭ ଲକ୍ଷ କୋଟି ବ୍ୟୟ ହେଉଥିବା ବେଳେ ୨୦୨୫-୨୬ ମସିହାରେ ତାହା ପ୍ରାୟ ପାଞ୍ଚ ଗୁଣରୁ ଅଧିକ ବୃଦ୍ଧି ପାଇ ୧୧.୨୧ ଲକ୍ଷ କୋଟି ଟଙ୍କା ଛୁଇଁଛି । କେନ୍ଦ୍ର ବଜେଟର ଏକ ଅଂଶ ବିଶେଷ ସ୍ୱରୂପ, ଭିତ୍ତିଭୂମି ପୁଞ୍ଜି ବ୍ୟୟ ୧୨ ପ୍ରତିଶତରୁ ପ୍ରାୟ ୨୨ ପ୍ରତିଶତକୁ ବୃଦ୍ଧି ପାଇ ଦ୍ୱିଗୁଣିତ ହୋଇଛି । କ୍ୟାବିନେଟ ସଚିବଙ୍କ ସୂଚନା ଅନୁସାରେ, 'ପ୍ରଗତି' ଏକ ବ୍ୟାପକ, ସମନ୍ୱିତ ଡିଜିଟାଲ ଇକୋସିଷ୍ଟମ ଭାବରେ କାର୍ଯ୍ୟ କରିଥାଏ ଏବଂ ଏଥିରେ ପ୍ରଧାନମନ୍ତ୍ରୀ ଗତି ଶକ୍ତି, ପରିବେଶ ଏବଂ ପ୍ରକଳ୍ପ ମନିଟରିଂ ଗ୍ରୁପ୍ (ପିଏମଜି)କୁ ସାମିଲ କରାଯାଇଛି । ସାମଗ୍ରିକ ଭାବରେ ଦେଖିଲେ, ଭୂମିଗତ ପର୍ଯ୍ୟବେକ୍ଷଣ, ସ୍ଥାନିକ ଫଳାଫଳ ଏବଂ ଆର୍ଥିକ ସୂଚକଗୁଡ଼ିକ ଏକତ୍ର ସୂଚାଇ ଦିଏ ଯେ, ଭାରତରେ ଭିତ୍ତିଭୂମି ଖର୍ଚ୍ଚକୁ ବ୍ୟବସ୍ଥାଗତ ଭାବେ ବୃଦ୍ଧି କରାଯାଇ ପ୍ରଭାବଶାଳୀ ଭାବରେ ପରିଚାଳିତ କରାଯାଇଛି। ଫଳରେ ଏହା ଅଭିବୃଦ୍ଧିରେ ଏକ ସ୍ଥିର ଅବଦାନକାରୀ ଭାବରେ ନିଜର ଭୂମିକାକୁ ସୁଦୃଢ଼ କରିଥାଏ।

ଶ୍ରୀ ବରୁଣ ଅଧିକାରୀ

(ଲେଖକ ଜଣେ ପ୍ରମୁଖ ଇଞ୍ଜିନିୟରିଂ ଭୂତତ୍ତ୍ୱବିତ୍ ଯାହାଙ୍କର ସାରା ଭାରତରେ ଜଟିଳ ଭୂତଳ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ୧୭ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି।)

ଦେବ ଦର୍ଶନ

ଶିବ ପ୍ରସାଦ ଧଳ

'ସେ ଈଶ୍ୱର ଥିଲେ'

'ହଁ, ସେ ହିଁ ଈଶ୍ୱର ଥିଲେ ।'

ଶ୍ରବଣର ଏପରି କଥା ଶୁଣି ତା' ମା' ପୁଣି ତାକୁ ଗାଳି ଦେଲେ । ଏମିତି ବାୟାଙ୍କ ପରି କାହିଁକି ହେଉଛୁ ? ଏଇ ବୟସରେ ତୋ ପାଇଁ ଝିଅ ଦେଖି ବୋହୂ ଆଣିବାର ସ୍ୱପ୍ନ ତୁ କାହିଁକି ଧୂଳିସାତ କରୁଛୁ ? ବାଡ଼ିପଟୁ ଭାଉଜ ଚିଗୁଲେଇ କହୁଥିଲେ, ସେ ଥିଲେ ତ ବର କାହିଁ ମାଗିଲା ? ଶ୍ରବଣ କିନ୍ତୁ ନିର୍ବିକାର । ସାହାଯ୍ୟ ବଦଳେ ବର ମାଗିବା ତ ସ୍ୱାର୍ଥପରଙ୍କ ପ୍ରବୃତ୍ତି । ସେ କେଉଁ ବଡ଼ କାମ କରିଦେଇଛି ଯେ ! କିନ୍ତୁ ତା'ର ଦୃଢ଼ୋକ୍ତିଭରା ସ୍ୱରରେ ସେ ବାରମ୍ୱାର କହୁଥିଲା, ସେ ଈଶ୍ୱର ଥିଲେ ।

ଶ୍ରବଣକୁ ଏବେ ଚାଳିଶ ପାଖାପାଖି ବୟସ। ମନୋବିଜ୍ଞାନରେ ପିଏଚଡ଼ି କରି ଏବେ ଘରେ ବସିଛି । କେଉଁ ବିଶ୍ୱବିଦ୍ୟାଳୟ ଅବା ମହାବିଦ୍ୟାଳୟରେ ତାକୁ ଅଧ୍ୟାପନା କରିବା କଥା, ମାତ୍ର ସେ ସବୁକୁ ଆଡ଼େଇ ଏମିତି କାହିଁକି ହେଉଛି ? ଭାଇ, ଭାଉଜଙ୍କ ଉପରେ ବୋଝ ହେଉଛି । ବାପା ଅନ୍ୟ ଜାତିର ମାଇକିନା ଧରି ଉତ୍ତୀର୍ଣ୍ଣ ବୟସରେ ସଂସାର ଗଢ଼ିଲେ ବୋଲି କ'ଣ ଶ୍ରବଣ ପାଗଳ ହୋଇଗଲା କି ? ମାଆକୁ ଛାଡ଼ି କୁଆଡ଼େ ଯିବାକୁ ନାରାଜ । ଭାଉଜ କେମିତି ମାଆକୁ ଖଟାଏ ସେକଥା ସେ ଠିକ୍ ଜାଣେ; କିନ୍ତୁ ସେ ନାଚାର । ହାତରେ ରୋଜଗାର ନାହିଁ । ଏମିତିରେ ମାଆକୁ ନେଇ କୁଆଡ଼େ ଯିବ ? ଖୁବ୍ ମେଧାବୀ ପିଲାଟା ଏମିତି ପାଗଳ ପ୍ରାୟ କାହିଁକି ହେଉଛି ତା'ର ଉତ୍ତର ଖୋଜି ଖୋଜି ମାଆକୁ ଏବେ ଉଚ୍ଚ ରକ୍ତଚାପ ରୋଗ ।

ଶ୍ରବଣ ତ ବେଶ୍ ପରିଷ୍କାର ପରିଚ୍ଛନ୍ନ, କଥାବାର୍ତ୍ତା ଖୁବ୍ ସଂଯମ । ବେଶଭୂଷା, ବାଳ, ନଖ ସବୁ ସଫାସୁତୁରା । ପୁଣି କାହିଁକି ସେ ପାଗଳ ହେବ ? କିନ୍ତୁ କୁଆଡ଼େ ଯାଏ ଆସେ କେହି ଜାଣିପାରନ୍ତିନି । କେତେ କେତେ ରାତି ମାଆ ତାକୁ ଏମିତି ଉଜାଗର ରହିବା, ମନେ ମନେ କାନ୍ଦିବା ଦେଖିଛି । ସେ କାହାକୁ କିଛି କହେନି । ଫୁଟବଲ ଖେଳୁଥିବା, କବିତା ଲେଖୁଥିବା ପିଲାଟା ପାଗଳ କେମିତି ହେଲା ? ମାଆ ସେଦିନ ରାତିରେ ତାକୁ କୋଠରୀରେ ଖାଇବା ଦେଇଗଲେ । ପୁଣି ଫେରିଆସି ତା' ପାଖରେ ବସିଲେ । ଆଦରରେ ତା'ର ମୁଣ୍ଡ ଆଉଁସି ଦେଲେ । ପଚାରିଲେ, କୋଉଠି ଦେଖିଲୁରେ ବାୟା ଈଶ୍ୱରଙ୍କୁ ? ଶ୍ରବଣ ଉତ୍ତର ଦେଲା, ରାସ୍ତାକଡ଼ ଗଛମୂଳରେ । ମାଆ ସ୍ମିତହାସ୍ୟ ଦେଇ ଉଠିଯିବାକୁ ଉଦ୍ୟତ ହେଲା ବେଳେ ଶ୍ରବଣ ତାଙ୍କ ହାତଧରି ବସାଇଦେଲା । ତୁ ତ ମୋତେ ବିଶ୍ୱାସ କର ମାଆ, ସେ ହିଁ ଈଶ୍ୱର ଥିଲେ । ଏତେ କଷ୍ଟ ପାଇ ମଧ୍ୟ ମୁହଁରେ ବିଷର୍ଣ୍ଣତାର ଛାପ ନଥିଲା । ମୋତେ ଏମିତି ଅନେଇ ରହିଥିଲେ ସତେ କି ମୁଁ ତାଙ୍କର ଆତ୍ମୀୟ । ତୁ ବିଶ୍ୱାସ କର ମାଆ- ଶ୍ରବଣ ଜୋର୍ ଦେଇ କହୁଥିଲା ।

ରାସ୍ତା କଡ଼ରେ ମୁଁ ତାଙ୍କୁ ଦେଖିଥିଲି । କୁଷ୍ଠ ରୋଗରେ ହାତଗୋଡ଼ ଘା' ଭର୍ତ୍ତି । ପାଖ ଟ୍ୟୁବେଲରୁ ପାଣି ନେଇ ଧୋଇଲି । ମୋର ପୁରୁଣା ଲୁଗା ନେଇ ପିନ୍ଧେଇଲି । ମଲମ ଲଗାଇଦେଲି । ଖୁବ୍ କ୍ଷୀଣ ଦେଖାଯାଉଥିଲେ ସେ । ତାଙ୍କୁ ପାଣି ଆଉ ପାଉଁରୁଟି ଦେଇଥିଲି । ପାଖରେ ଥିବା ଯାତ୍ରୀ ବିଶ୍ରାମଗାରରେ ବସାଇ ମୁଁ ଡାକ୍ତରଖାନା ପଟେ ଗଲି । ତାଙ୍କୁ କେବେ ବି ଆଗରୁ ଆମ ଗାଁରେ ଦେଖିନଥିଲି । ଔଷଧ ନେଇ ଆସିଥିଲି ମାତ୍ର ସେ ନ ଥିଲେ । ଏତେ କ୍ଷୀଣ ଶରୀରରେ ସେ ବେଶୀ ଦୂର ଯାଇ ନଥିବେ ବୋଲି ଖୁବ୍ ଖୋଜିଲି; କିନ୍ତୁ ପାଇଲିନି । ମାଆର ହାତକୁ ଜାବୁଡ଼ି ଶ୍ରବଣ ପୁଣି ଦୋହରାଇଲା- ସେ ଈଶ୍ୱର ହିଁ ଥିଲେ । ମାଆ ପୁଣି ତା' ମୁଣ୍ଡ ଆଉଁସି କହିଲେ, ଶୋଇପଡ଼ ରାତି ଅନେକ ହେଲାଣି ।

ପରଦିନ ସକାଳୁ ଶ୍ରବଣକୁ ମାଆ ବିଛଣା ଛାଡ଼ିବା ଦେଖି ନଥିଲେ । କେତେବେଳେ ସେ ଉଠି କୁଆଡ଼େ ଚାଲି ଯାଉଛି । ଏମିତିରେ ତ ସେ କାଙ୍କୁ କିଛି କହେନି । ତେଣୁ ସମସ୍ତେ ନିଜ ନିଜ କାମରେ ବ୍ୟସ୍ତ ରହିଲେ । ଖାଇବା ବେଳକୁ ବି ତା'ର ଦେଖାନାହିଁ । ମାଆ ଭାବୁଥିଲେ, ପାଗଳଟା ପୁଣି କୁଆଡ଼େ ଯାଇଥିବ ସେଇ କୁଷ୍ଠରୋଗୀକୁ ଖୋଜୁଥିବା ସମୟ ହେଲେ ସେ ଆସିଯିବ । ରାତିରେ ବି ତା'ର ଦେଖାନାହିଁ । ତା' ପରଦିନ ଯାଇ ମାଆ ଭାଇ ଭାଉଜଙ୍କୁ ଜଣାଇଲେ । ପ୍ରଥମେ କେହି ବ୍ୟସ୍ତ ହେଲେନି, କିନ୍ତୁ ଦୁଇଦିନ ବିତିଯିବା ପରେ ସମସ୍ତେ ଚିନ୍ତାରେ ପଡ଼ିଲେ । ଭାଇ ପୋଲିସର ସହାୟତା ନେବାପାଇଁ ଥାନାକୁ ଗଲେ । ସେଇଠି ଯାଇ ଜଣାପଡ଼ିଲା, ଶବାଗାରରେ ଗୋଟିଏ ଅଚିହ୍ନା ଶବ ପଡ଼ିଛି । ସମସ୍ତେ ଶବାଗାରକୁ ଧାଇଁଲେ । ସମସ୍ତଙ୍କ ଆଖିରେ ଲୁହ । ସେ ହିଁ ଶ୍ରବଣ ଥିଲା ।

ଗାଁଟା ସାରା ହୁରି ପଡ଼ିଲା । ଶ୍ରବଣ ଦୁର୍ଘଟଣାରେ ଆରପାରିକି ଚାଲିଗଲା । ତାଙ୍କ ଘରେ ଭିଡ଼ ଜମିଲା । ଗାଁରେ ଏମିତି କେହି ନଥିଲା ଯାହାକୁ ଶ୍ରବଣ ସାହାଯ୍ୟ କରି ନଥିଲା । ଚିହ୍ନା ଲୋକଙ୍କଠାରୁ ଅଚିହ୍ନା ମୁହଁ ସବୁରେ ବେଶୀ ଆତ୍ମୀୟତାର ଲୁହ ଥିଲା । ଭିଡ଼ ଭିତରୁ ଜଣେ ବୃଦ୍ଧଲୋକ ହାତରେ ଫୁଲମାଳ ଓ କିଛି ଗୋଲାପ ପାଖୁଡ଼ା ଆଣି ତା' ଶବ ଉପରେ ଦେଲା । ଏହା ଶ୍ରବଣର ଇଚ୍ଛା ଥିଲା । ମୁଁ ପାଖ ପାର୍କରେ ମାଳୀ କାମ କରେ । ସମୟ ଦେଖି ଶ୍ରବଣ ପାର୍କକୁ ଯାଉଥିଲା। ବୃଦ୍ଧ ମାଳୀକୁ ସାହାଯ୍ୟ କରୁଥିଲା, ଚାରା ରୋପୁଥିଲା, ଶୁଖିଲା ପତ୍ର ସଫା କରୁଥିଲା, ପାଣି ଦେଉଥିଲା । ବୃଦ୍ଧ ଜଣକ ଏହାର ପ୍ରତିବଦଳେ କ'ଣ ଦେଇପାରିବି ପଚାରିବାରୁ ସେ କହିଥିଲା, ମୁଁ ମରିଗଲେ ମୋ ମୃତ ଶରୀର ଉପରେ ଏଇ ପାଖୁଡ଼ା ବିଛେଇ ଦେବ । ମୁଁ ଖୁସି ହେବି । ତା' ମାଆ ଆହୁରି ଭୋ ଭୋ ହୋଇ କାନ୍ଦି ଉଠିଲେ ।

ସତରେ ଶ୍ରବଣ କେବେ ନିଜ ସାହାଯ୍ୟର ହିସାବ ରଖୁନଥିଲା । ତା' କାମ ଯେ ମୂଲ୍ୟବାନ କି ମୂଲ୍ୟହୀନ ଏକଥା ଭାବିବାକୁ ତା'ର ସମୟ ନଥିଲା । ଛୋଟ ପିଲାମାନଙ୍କୁ ଗୁଡ଼ି, ରକେଟ, ଡଙ୍ଗା ତିଆରି କରି ଦେଉଥିଲା । ତାଙ୍କ ଖୁସିରେ ଖୁସି ହେଉଥିଲା । ବୁଲା କୁକୁର, ଗାଈ, ବିଲେଇଙ୍କୁ ବିସ୍କୁଟ କିଣି ଖୁଆଉଥିଲା । ଛୋଟ ପିଲାମାନଙ୍କୁ, ବୃଦ୍ଧ ଲୋକଙ୍କୁ ରାସ୍ତା ପାରି ହେବାରେ ସାହାଯ୍ୟ କରୁଥିଲା । କାହା ପାଇଁ ପୂଜା ଫୁଲ ତୋଳୁଥିଲା, କାହାର ଭଙ୍ଗା ଚଷମା ସଜାଡ଼ି ଆଣୁଥିଲା, କିଏ ଖଣ୍ଡିଆ ହେଲେ ଔଷଧ ଦେଉଥିଲା, କାହାକୁ ରକ୍ତଦାନ କରୁଥିଲା... ଏମିତି ତ ଚାଲିଥିଲା ତା' ଜୀବନ । ପୁଣି କାହିଁକି ସେ ପାଗଳ ହେଲା ?

ଭିଡ଼କୁ ଆଡ଼େଇ ଜଣେ ଝିଅ ଧାଇଁ ଆସିଲା । ସିଧା ଯାଇ ଶ୍ରବଣର ପାଦକୁ ଧରିଲା । କାହିଁକି ସେ ଉଠୁନି ବୋଲି କାନ୍ଦ ବୋବାଳି କରୁଥିଲା । ଶବ ପରି ଦିନେ ସେ ଶୋଇଥିବା ସମୟରେ କେମିତି ଏଇ ଶ୍ରବଣ ଦେବପୁରୁଷ ସାଜି ତାକୁ ଉଦ୍ଧାର କରିଥିଲା, ଉଲଗ୍ନ ଦେହରେ ନିଜ ସାର୍ଟ ଘୋଡ଼ାଇ ଦେଇଥିଲା ଓ ଚେତା ଫେରିଲା ପରେ ତାକୁ ଘରେ ଛାଡ଼ି ଦେଇଆସିଲା ସେ କଥା କହୁ କହୁ ତା' କୋହ ସମ୍ଭାଳି ପାରୁନଥିଲା । ଏତେ ଲୋକଙ୍କୁ ସାହାଯ୍ୟ କରିଥିବା, ଜୀବନ ଦେଇଥିବା ମଣିଷ- 'ସେ ତ ଈଶ୍ୱର ଥିଲେ।' ଝିଅଟି ବାରମ୍ବାର ଦୋହରାଉଥିଲା, 'ସେ ହିଁ ଈଶ୍ୱର ଥିଲେ ।'

ଅଲରା, ନରସିଂହପୁର, କଟକ

ଦୂରଭାଷ : ୯୯୩୭୭୮୨୦୭୯

ମାତୃଭାଷା

ଗର୍ଭବତୀଙ୍କ ମଧ୍ୟରେ ବଢ଼ୁଛି ହୃଦ୍‌ରୋଗ ସମସ୍ୟା

ଗର୍ଭାବସ୍ଥା ପ୍ରତିଟି ମହିଳାଙ୍କ ପାଇଁ ଚ୍ୟାଲେଞ୍ଜଭରା । ଏହି ସମୟରେ ମହିଳାଙ୍କ ଶରୀରରେ ବିଭିନ୍ନ ସମସ୍ୟା ଦେଖାଦେଉଛି । ପ୍ରକଳ୍ପରେ । ଗର୍ଭାବସ୍ଥାରେ ମହିଳାଙ୍କ ସୁରକ୍ଷିତ ଚିକିତ୍ସା ପ୍ରକଳ୍ପର ଏକମାତ୍ର ଲକ୍ଷ୍ୟ । ଡାକ୍ତରଙ୍କ କହିବା କଥା, ଏହି ସର୍ଭେ ରିପୋର୍ଟ ଗର୍ଭବତୀଙ୍କୁ

ଏବେ ଗର୍ଭବତିଙ୍କ ମଧ୍ୟରେ ବଢ଼ୁଛି ହୃଦ୍ ରୋଗ । ଆଇସିଏମଆର ବା ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ରିସର୍ଚ୍ଚ ପକ୍ଷରୁ ଏସସିବି ମେଡିକାଲ କଲେଜ ଦେଢ଼ ବର୍ଷ ଭିତରେ ଏଭଳି ତଥ୍ୟ ଉଦବେଗର କାରଣ ହୋଇଛି ।
ହୃଦ୍‌ରୋଗ କେତେବେଳେ କାହାକୁ ହେବ, ତାହା କେହି କହିପାରିବେ ନାହିଁ । ପୂର୍ବ ତୁଳନାରେ ଏହା ଅଧିକ ବଢ଼ି ବଢ଼ି ଚାଲିଛି । ବିଶେଷକରି ଗର୍ଭବତୀ, ହୃଦ୍‌ରୋଗରେ ଆକ୍ରାନ୍ତ ହେବା ଅଧିକ ଚିନ୍ତାଜନକ । ଏସ୍‌ସିବିରେ ଆଇସିଏମ୍‌ଆରର ଏକ ଅନୁଧ୍ୟାନ ପ୍ରକଳ୍ପ ରିପୋର୍ଟରେ ଯେଉଁ ତଥ୍ୟ ଆସିଛି, ତାହା ଆଖି ଖୋସିଦେଲା ଭଳି । ପ୍ରାୟ ୧ ହଜାର ଗର୍ଭବତୀଙ୍କ ମଧ୍ୟରୁ ୯୪ ଜଣ ହୃଦ୍‌ରୋଗର ଶିକାର ହୋଇଥିବା ଜଣାପଡ଼ିଛି । ଏଥିରୁ ୪ ଜଣଙ୍କ ମୃତ୍ୟୁ, ୮ ଜଣଙ୍କର ହୃଦ୍‌ରୋଗଜନିତ ଅସ୍ତ୍ରୋପଚାର ହୋଇଛି ଏବଂ ଜଣେ ମହିଳାଙ୍କର ପେସ୍ ମେକର୍ ଲଗାଯାଇଛି । ୮ ଜଣ ମହିଳାଙ୍କ ହୃଦ୍‌ରୋଗ ଜଟିଳ ହୋଇପଡ଼ିଥିବାରୁ ଗର୍ଭପାତ କରାଯାଇଛି । ଏସ୍‌ସିବିରେ ୪ ବର୍ଷ ଧରି ଚାଲିବ ଏହି ଅନେକ ସହାୟତା କରିବ ।

ପ୍ରଥମେ ମାଡ୍ରାସ ମେଡିକାଲ କଲେଜରେ ଗର୍ଭବତୀ ମହିଳାଙ୍କ ଦ୍ୱାରା ଦେଖାଯାଉଥିବା ହୃଦରୋଗକୁ ନେଇ ଅନୁଧ୍ୟାନ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ସାରା ଭାରତର ୫୦ଟି ମେଡିକାଲ କଲେଜରେ ଅନୁଧ୍ୟାନ ଆରମ୍ଭ ହୋଇଥିଲା । ଏସସିବିର ହୃଦରୋଗ ବିଭାଗ ଓ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗର ମିଳିତ ଉଦ୍ୟମରେ ଏହି ପ୍ରକଳ୍ପ ଉପରେ କାମ କରାଯାଉଛି । ସାଧାରଣତଃ ଗର୍ଭବତୀ ସମୟରେ ଶ୍ୱାସକ୍ରିୟାରେ ସମସ୍ୟା, ଧଇଁସଇଁ ଲାଗିବା, ଗୋଡ଼ହାତ ଫୁଲିବା, ଛାତିରେ ଯନ୍ତ୍ରଣା, ମୂର୍ଚ୍ଛା ହୋଇଯିବା ଭଳି ଲକ୍ଷଣ ଦେଖାଯାଇଥାଏ । ଏସସିବିରେ ହୃଦରୋଗ ଚିହ୍ନଟ ହେଲେ, ସେମାନଙ୍କ ଚିକିତ୍ସା ଆରମ୍ଭ ସହିତ ସ୍ୱାଭାବିକ ପ୍ରସବ ନକରି ଅସ୍ତ୍ରୋପଚାର ମାଧ୍ୟମରେ ପ୍ରସବ କରାଯାଉଛି । ଅସ୍ତ୍ରୋପଚାର ବେଳେ ହୃଦରୋଗ ଜନିତ ସମସ୍ତ ଔଷଧ ପ୍ରଦାନ କରାଯାଉଛି । ଗର୍ଭବତୀ ମହିଳା ମହିଳା କ୍ଷେତ୍ରରେ ହୃଦରୋଗ ବଢ଼ୁଥିବାରୁ ସତର୍କ ରହିବା ଜରୁରୀ ହୋଇପଡିଛି ।

ମହିଳାଙ୍କ କେଉଁଠି କଳାଜାଇ ଥିଲେ ଶୁଭ

ଅନେକଙ୍କ ଶରୀରରେ ତିଳ ବା କଳାଜାଇ ଚିହ୍ନ ରହିଥାଏ । ଏହା ଶାରୀରିକ ସୌନ୍ଦର୍ଯ୍ୟ ବଢ଼ାଇଥାଏ । ତେବେ ଏହି ତିଳ ଚିହ୍ନ ସାମୁଦ୍ରିକ ଶାସ୍ତ୍ର ଅନୁଯାୟୀ ସମ୍ପୃକ୍ତ ବ୍ୟକ୍ତିର ସ୍ୱଭାବ ଏବଂ ଭବିଷ୍ୟତ ସମ୍ପର୍କରେ ମଧ୍ୟ ଅନେକ ସୂଚନା ଦେଇଥାଏ । ତିଳ ଚିହ୍ନର କେଉଁ ଅଙ୍ଗରେ କେଉଁଠାରେ ରହିଛି ତାହା ଉପରେ ନିର୍ଭର କରେ ଏହି ସଙ୍କେତ । ନାଭି ନିକଟରେ ବା ନାଭି ମଧ୍ୟରେ ଯଦି ତିଳ ଚିହ୍ନ ଥାଏ,ତାହା ସେହି ବ୍ୟକ୍ତି ସମ୍ପର୍କରେ କି ସୂଚନା ଦେଇଥାଏ ଜାଣିବା ଆସନ୍ତୁ.. ।



ସାମୁଦ୍ରିକ ଶାସ୍ତ୍ର ଅନୁଯାୟୀ ଯେଉଁମାନଙ୍କର ନାଭି ପାଖରେ ତିଳ ରହିଛି, ସେମାନେ ସାଧାରଣତଃ ଧନବାନ୍ ତଥା ସୌଭାଗ୍ୟଶାଳୀ ହୋଇଥାନ୍ତି । ଅଭାବ ସେମାନଙ୍କ ଜୀବନକୁ ଆକ୍ରାନ୍ତ କରିପାରେ ନାହିଁ । ସେମାନେ ମଧ୍ୟ ବହୁତ ବିଶ୍ୱାସଯୋଗ୍ୟ ବ୍ୟକ୍ତିତ୍ୱ । ନିଜ ସମ୍ପର୍କିତ ଅନେକ ରହସ୍ୟକୁ ଅନ୍ୟମାନଙ୍କଠାରୁ ସଫଳତାର ସହ ଗୁପ୍ତ ରଖିପାରିଥାନ୍ତି । ନୂଆନୂଆ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟ ଖାଇବାରେ ସେମାନଙ୍କର ବିଶେଷ ରୁଚି ରହିଥାଏ । ଅନ୍ୟପକ୍ଷରେ ବିଳାସପୂର୍ଣ୍ଣ ଜୀବନଶୈଳୀ ବିଶେଷ ପସନ୍ଦ ।

ନାଭି ନିକଟରେ ରହିଥିବା କଳାଜାଇ ଉପର କିମ୍ବା ତଳକୁ ରହିବା ନେଇ ମଧ୍ୟ ବିଶେଷତା ରହିଛି । ଯଦି ଏହି ଚିହ୍ନ ନାଭିର ଠିକ୍ ଉପରକୁ ରହିଛି ତେବେ ସମ୍ପୃକ୍ତ ପୁରୁଷ ବୁଦ୍ଧିମାନ୍ ତଥା ଦାୟିତ୍ୱବାନ୍ । ମହିଳାଙ୍କ ଶରୀରରେ ଏପରି ସ୍ଥାନରେ କଳାଜାଇ ରହିଥିଲେ, ସମ୍ପୃକ୍ତ ମହିଳା ଅତି ଫୁର୍ତ୍ତି ସ୍ୱଭାବର ହୋଇଥାନ୍ତି ଏବଂ କାର୍ଯ୍ୟକ୍ଷେତ୍ରରେ ଖୁବ୍ ଶୀଘ୍ର ସଫଳତା ହାସଲ କରିପାରିଥାନ୍ତି । ଏମାନଙ୍କ ପ୍ରେମ ଜୀବନ ମଧ୍ୟ ବୁଝାମଣା ଭରା ହୋଇପାରିଥାଏ ।

ନାଭିର ତଳ ଭାଗରେ କଳାଜାଇ ଚିହ୍ନ ରହିଥିଲେ ବ୍ୟକ୍ତିଜଣକ ସନ୍ତୁଷ୍ଟ ସ୍ୱଭାବର ହୋଇଥିବା ଦର୍ଶାଇଥାଏ । ପୁରୁଷଙ୍କୁ ଉଭୟ ସଫଳତା ତଥା ସମ୍ପତ୍ତି ମିଳୁଥିବାବେଳେ ମହିଳାମାନେ ଖୁସ୍ ମିଜାଜର ହୋଇଥିବାରୁ ପରିବାର ତଥା ସମାଜରେ ସେମାନେ ଅଧିକ ଶ୍ରଦ୍ଧାଭାଜନ ହୋଇପାରିଥାନ୍ତି ।

ବୈବାହିକ ଜୀବନକୁ ସୁଖମୟ କରିବାକୁ ଚାହୁଁଥିଲେ...

"ଘରସଂସାର କରିବା ପରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ଦୃଢ଼ ରହିବା ଦରକାର । ଉଭୟେ ପରସ୍ପରକୁ ସହଯୋଗ କରିବା ସହ ପ୍ରତିଟି କଥାକୁ ଦୁହେଁ ମିଶି ସୁଚାରୁ ରୂପେ ତୁଲାଇପାରିଲେ ବୈବାହିକ ଜୀବନ ଆନନ୍ଦମୟ ହୋଇଉଠିଥାଏ । ତେବେ ଏହାକୁ ସବୁବେଳେ ମଧୁର କରିବାକୁ କେତୋଟି ବିଷୟ ପ୍ରତି ନଜର ଦେବାକୁ ପଡ଼େ ।" ବୈବାହିକ ଜୀବନକୁ ସୁଖମୟ ରଖିବାକୁ ହେଲେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟର ଉତ୍ତମ ବୁଝାମଣା ଏବଂ ସହଯୋଗର ଆବଶ୍ୟକତା ରହିଛି । ଜଣେ ଆଉ ଜଣଙ୍କ କଥା ବୁଝିବା ବ୍ୟତୀତ ଆଉ ବି କିଛି କଥା ମଧ୍ୟ ରହିଛି ଯାହା ବୈବାହିକ ଜୀବନକୁ ଆହୁରି ଆନନ୍ଦରେ ଭରି ଦେଇଥାଏ । ତେବେ ସେହି କଥାଗୁଡ଼ିକ କ'ଣ ସେ ସମ୍ପର୍କରେ ସୂଚନା...

-ପୁରୁଷମାନେ ସାଧାରଣତଃ ତାକୁ ଭଲପାଆନ୍ତି ଯିଏ ତାଙ୍କର ସବୁ କଥା ବୁଝିଥାଏ, ତାଙ୍କ କଥାକୁ ଗୁରୁତ୍ୱ ଦେଇଥାଏ । ଧ୍ୟାନରଖନ୍ତୁ, ଯେତେ ସମଝଦାରି ଦେଖାଇବେ ସେତିକି ଭଲପାଇବା ପାଇବେ ।
-କେବେ କେବେ ଦୁଇଜଣ ପାର୍ଟନର ଜଣେ ଅନ୍ୟ ଜଣକ ଆବଶ୍ୟକତାକୁ ଲକ୍ଷ୍ୟକରି ଜଣେ ଅନ୍ୟ ଜଣଙ୍କର ଅଭ୍ୟାସ ବଦଳାଇଥାନ୍ତି । ଏହାଦ୍ୱାରା ପାର୍ଟନର ମଧ୍ୟରେ ଅସନ୍ତୁଷ୍ଟି ଦେଖିବାକୁ ମିଳିଥାଏ । ଏହି ପରିସ୍ଥିତିରେ ରକ୍ଷା ପାଇବାକୁ ହେଲେ ଜଣେ ଅନ୍ୟ ଜଣଙ୍କ ଲାଗି ବଦଳିବା ବଦଳରେ ଯିଏ ଯେପରି ସେହି ଅନୁଯାୟୀ ତାଙ୍କୁ ଆପଣାନ୍ତୁ ।
-ସବୁବେଳେ ଗୋଟେ କଥା ଧ୍ୟାନରେ ରଖନ୍ତୁ, ସବୁକିଛି ଆମ ହିସାବରେ ଚାଲି ନ ଥାଏ । ଏଥିପାଇଁ ଉଦାସ ନ ହୋଇ କିଛି କଥା ପାର୍ଟନରଙ୍କୁ ନିଜ ହିସାବରେ କରିବାକୁ ଦିଅନ୍ତୁ ।
-ସବୁବେଳେ ମୁହଁରେ ହସ, ଫ୍ରେଶ୍ ରୁହନ୍ତୁ । ଖାସ୍‌କରି ସ୍ୱାମୀଙ୍କ ସାମ୍ନାରେ ଏହାଦ୍ୱାରା ଦୁଇଜଣଙ୍କ ମଧ୍ୟ ଭଲପାଇବା ବଢ଼ିବ ।
-ପ୍ରତିଟି କଥାକୁ ୨ ଜଣ ପରସ୍ପର ମଧ୍ୟରେ ଆଲୋଚନା କଲେ ଭଲ । ଦୁହେଁ ଦୁହିଁଙ୍କୁ କଦାପି ସନ୍ଦେହ ନଜରରେ ଦେଖନ୍ତୁ ନାହିଁ । ଏହାଦ୍ୱାରା ପରସ୍ପର ଭିତରେ ତିକ୍ତତା ବୃଦ୍ଧି ପାଇଥାଏ ।
-ଦାମ୍ପତ୍ୟ ଜୀବନରେ ସବୁଠାରୁ ମହତ୍ୱପୂର୍ଣ୍ଣ କଥା ହେଲା ଦୁଇଜଣଙ୍କ ମଧ୍ୟରେ ଉତ୍ତମ ସହଯୋଗ । କପଲ୍‌ଙ୍କୁ ନିଜ ମଧ୍ୟରେ ଅଫିସ୍‌ଠାରୁ ଆରମ୍ଭକରି ଘର କଥା ପର୍ଯ୍ୟନ୍ତ ସବୁ କିଛି ଶେୟାର କରିବା ଆବଶ୍ୟକ ।
-ଜଣେ ପାର୍ଟନର ଅନ୍ୟଜଣେ ପାର୍ଟନରଙ୍କ ହବିରେ ରୁଚି ରଖନ୍ତୁ । କେବେ କେବେ ତାଙ୍କୁ ଖୁସିକରିବା ପାଇଁ, ତାଙ୍କ ଯୋଗ କ୍ଲାସ୍, ଫଟୋଗ୍ରାଫ୍ କ୍ଲାସ୍ କିମ୍ବା ତାଙ୍କ ସହ ଜିମ୍ ଜଏନ୍ କରନ୍ତୁ । ଯଦି ସେ ୱାକ୍‌ରେ ଯାଉଥାନ୍ତି ତେବେ ଆପଣ ମଧ୍ୟ ତାଙ୍କ ସହ ଯାଆନ୍ତୁ । ସାଙ୍ଗହୋଇ ସବୁ ଆକ୍ଟିଭିଟି କରିବା ଦ୍ୱାରା ପରସ୍ପର ପ୍ରତି ଭଲପାଇବା ବଢ଼ିଥାଏ କଥାବାର୍ତ୍ତା ଦ୍ୱାରା ସମସ୍ୟାର ବାଟ ମଧ୍ୟ ମିଳିଯାଏ ।
-ବେଳେବେଳେ ପାର୍ଟନର ଜଣେ ଆଉ ଜଣଙ୍କ ଓଜନ ବୃଦ୍ଧି ବା ଓବେସିଟିକୁ ନେଇ ଉପହାସ

କରିଥାନ୍ତି । ଏପରି କରିବା ଠିକ୍ ? ନୁହେଁ । ଯଦିଓ ପାର୍ଟନରଙ୍କ ଓଜନ ବଢ଼ିଯାଇଛି ଏପରି କହିବା ଠିକ୍ ନୁହେଁ । ଆପଣ ବଢ଼ୁଥିବା ଓଜନରେ ବି କେତେ ସ୍ମାର୍ଟ ଦେଖାଯାଉଛନ୍ତି ତାଙ୍କୁ ସେ ବିଷୟରେ କୁହନ୍ତୁ । ଏହାଦ୍ୱାରା ତାଙ୍କର ଆତ୍ମବିଶ୍ୱାସ ବଢ଼ିବ । ସେ ନିଜର ଓଜନ କିପରି ନିୟନ୍ତ୍ରଣରେ ରଖିବେ ସେ ନେଇ ସହଯୋଗର ହାତ ବଢ଼ାନ୍ତୁ ।
-ଜରୁରୀ ନୁହେଁ କି କେବଳ ବାର୍ଥ ଡେ କିମ୍ବା ଆନିଭର୍ସାରି ତାଙ୍କୁ ଗିଫ୍ଟ ଦେବେ । ଯେତେବେଳେ ବି ପାର୍ଟନରଙ୍କୁ କୌଣସି ଜିନିଷ ପାଇଁ ଥାଙ୍କ୍ସ କହିବାକୁ ଚାହୁଁଛନ୍ତି ସେତେବେଳେ ତାଙ୍କୁ ନିହାତି ଏକ ଗିଫ୍ଟ ଦେବା ସହ କମ୍ପ୍ଲିମେଣ୍ଟ ନିହାତି ଦିଅନ୍ତୁ ।
-ପତିପତ୍ନୀ ନିଜ ଶାଶୁମା'ଙ୍କ ଜନ୍ମଦିନ କିମ୍ବା ଆନିଭର୍ସାରି ଡେଟ୍‌ର ମନେପକାନ୍ତୁ । ଉପହାର କିଣିବା ସମୟରେ ତାଙ୍କୁ ସାହାଯ୍ୟ କରନ୍ତୁ । ଏହାଦ୍ୱାରା ତାଙ୍କୁ ଲାଗିବ ଯେ କେବଳ ତାଙ୍କୁ ଧ୍ୟାନଦେବା ସହ ତାଙ୍କ ପରିବାରକୁ ମଧ୍ୟ ଭଲପାଉଛନ୍ତି ।
-ବେଳେବେଳେ ମହତ୍ତ୍ୱପୂର୍ଣ୍ଣ କଥାକୁ ନେଇ ଛୋଟ ଛୋଟ କଥା କରିବାକୁ ଭୁଲିଯାନ୍ତି । କଥା ସେ ବଡ଼ ହେଉ କି ଛୋଟ ନିଜ ଭୁଲ୍ ସ୍ୱୀକାର କରିବାରେ କୁଣ୍ଠାବୋଧ କରନ୍ତୁ ନାହିଁ । ଯଦି କେବେ କିଛି ଭୁଲ୍ କରିଛନ୍ତି ସରି କହି ଦିଅନ୍ତୁ । ଏହାଦ୍ୱାରା ରାଗ ଥିଲେ ମନ ନିହାତି ରୂପେ ତରଳିବ ।
-ଦେଖାଯାଏ ଜଣେ ଆଉ ଜଣଙ୍କ ସମ୍ପର୍କରେ ଗପର ପେଡ଼ି ଖୋଲିଦିଅନ୍ତି । କାହାର ଭଲ ଦେଖି ହୁଏନି । କାହାର ଭଲ ଦେଖିଲେ ଦେହ ସହି ହୁଏନି ।
-ପରସ୍ପର ଦୁଇଜଣଙ୍କୁ କାମରେ ସାହାଯ୍ୟ କରନ୍ତୁ । ପତି କେବେ କେବେ ପତ୍ନୀ ପାଇଁ ଭଲ ରୋଷେଇ କରନ୍ତୁ କିମ୍ବା ଚା' ପ୍ରସ୍ତୁତ କରି ପିଇବାକୁ ଦିଅନ୍ତୁ । ଏପରି ସ୍ତ୍ରୀ ମଧ୍ୟ ବ୍ୟାଙ୍କ କାମ ହେଉକି ଅନ୍ୟ କାମ ଯାହା ସ୍ୱାମୀଙ୍କ କାମ ତାକୁ ଆପଣ କରି ଦିଅନ୍ତୁ । ଏହାଦ୍ୱାରା ୨ଜଣଙ୍କ ମଧ୍ୟରେ ବୁଝାମଣା ଆହୁରି ଦୃଢ଼ ହେବ ।
-କେବେ କେବେ ମହିଳାମାନେ ନିଜ ବଜେଟ ନ ଦେଖି ନିଜ ଇଚ୍ଛା ଅନୁଯାୟୀ ଶପିଂ କରିଥାନ୍ତି । ସ୍ୱାମୀ ଯଦିଓ କିଛି କହି ନ ଥାନ୍ତି, କିନ୍ତୁ ତାଙ୍କୁ ନିହାତି ରୂପେ ଖରାପ ଲାଗିଥାଏ ।
-ଯଦି ଆପଣଙ୍କ ପାର୍ଟନର ବହୁଦିନରୁ ଗୋଟିଏ ଜିନିଷ କିଣିବେ ବୋଲି ତାଙ୍କର ଇଚ୍ଛା ଥିଲା କିନ୍ତୁ କୌଣସି କାରଣବଶତଃ ସେ କିଣିପାରୁ ନ ଥିଲେ ତେବେ ସେ ଚାହୁଁଥିବା ଜିନିଷ ତାକୁ କିଣି ସରପ୍ରାଇଜ୍ ଦିଅନ୍ତୁ ।
-ସବୁବେଳେ ଘରର ଜିନିଷକୁ ସଫାସୁତୁରା ରଖିବା ସହ ବ୍ୟବସ୍ଥିତ ରଖନ୍ତୁ । ଏହାଦ୍ୱାରା ସ୍ୱାମୀ ଘର ଦେଖି ଖୁସି ହେବେ । ଯଦି ଘର ଅପରିଷ୍କାର ହୋଇ ପଡ଼ି ରୁହେ ତେବେ ମନରେ ଚିଡ଼ିଚିଡ଼ାପଣ ଦେଖାଯାଏ ।
-କେବେକେବେ ରାଗିକି ବହୁ କିଛି କଥା କହିଦେଇଥାନ୍ତି । ଯାହା ପରସ୍ପର ମଧ୍ୟରେ ସମ୍ପର୍କରେ ତିକ୍ତତା ଆଣିଥାଏ ।
-ଦେଖାଯାଏ ମହିଳାମାନେ ସ୍ୱାମୀଙ୍କ ସାମ୍ନାରେ ନିଜର ଶାଶୁଘର ଲୋକଙ୍କ ବିଷୟରେ କେତେ କଥା କହିଥାନ୍ତି । ଏମିତି ଜମା ବି କରନ୍ତୁ ନାହିଁ । ସ୍ୱାମୀ ବି ସ୍ତ୍ରୀଙ୍କ ପରିବାର ଲୋକଙ୍କ ବିଷୟରେ ଇଆଡୁ ସିଆଡୁ କିଛି କଥା ହୁଅନ୍ତୁ ନାହିଁ । ଏହାଦ୍ୱାରା ସମ୍ପର୍କରେ ଫାଟ ଦେଖାଯିବାର ସମ୍ଭାବନା ରହିଛି ।
-ବେଳେବେଳେ ଦେଖାଯାଏ ସ୍ୱାମୀ ସ୍ତ୍ରୀଙ୍କ ଝଗଡ଼ା ମଝିରେ ତୃତୀୟ ଲୋକ ମୁଣ୍ଡ ଖେଳାଇବାକୁ ଚେଷ୍ଟା କରିଥାନ୍ତି । ଏଥିପାଇଁ ଆପଣ ନିଜ ସମସ୍ୟାକୁ ତୃତୀୟ ଲୋକ ସାମ୍ନାରେ ସମାଧାନ ନ କରି ଏହାର ସମାଧାନ ନିଜ ଭିତରେ କରନ୍ତୁ ।
-ସରି ପରି ଥ୍ୟାଙ୍କ୍ୟୁ କହିବାକୁ କେବେ ପଛାନ୍ତୁ ନାହିଁ । ଏହାଦ୍ୱାରା ଦୁଇଜଣଙ୍କ ମଧ୍ୟରେ ଭଲପାଇବା ବଢ଼ିବ ।

ଡାଏଟ୍‌ରେ ସୁଧୁରିବ ଚେହେରା

ନିସ୍ତେଜ ଓ ଫିକା ହୋଇପଡିଥିବା ତ୍ୱଚାର କାରଣ କେବଳ ବୟସ ବା କ୍ରୀମ୍ ନୁହେଁ, ବରଂ ଆପଣଙ୍କ ନିୟମିତ ଖାଦ୍ୟପାନୀୟ ଅଭ୍ୟାସ ମଧ୍ୟ ଅନେକ ମାତ୍ରାରେ ଦାୟୀ । ପାଣିର ଅଭାବ, ଅଧିକ ମିଠା ଓ ପୋଷଣର ଅଭାବ ଅନ୍ୟତମ କାରଣ । ଅନେକ ଲୋକଙ୍କ ତ୍ୱଚାରେ ଥକ୍କାପଣ ଓ ନିସ୍ତେଜତା ଦେଖିବାକୁ ମିଳିଥାଏ । ଯାଞ୍ଚ କରିବା ପରେ ଜଣାପଡିଥାଏ ସାଧାରଣ ଖାଦ୍ୟପାନୀୟର ଅଭ୍ୟାସ ତ୍ୱଚାର ପ୍ରାକୃତିକ ଚମକକୁ ନଷ୍ଟ କରିଦେଇଥାଏ ।



କମ୍ ପାଣି ପିଇବା: ଶରୀରରେ ପାଣିର ଅଭାବ ହେଲେ ତ୍ୱଚା ଖାଉଁଳି ପଡିଥାଏ । ଅଧିକ ଚା', କଫି ବା ମିଠା ପାନୀୟ ପିଇବା ଦ୍ୱାରା ଶରୀରରେ ଜଳୀୟଅଂଶ ଅଭାବ ଦେଖିବାକୁ ମିଳିଥାଏ । ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ଶରୀରରୁ ବିଷାକ୍ତ ପଦାର୍ଥ ବାହାରକୁ ବାହାରିଥାଏ । ଫଳରେ ତ୍ୱଚାର କୋଷିକାଗୁଡିକ ପୂର୍ଣ୍ଣ ହୋଇଥାଏ । ନିୟମିତ ୩/୪ ଲିଟର ପାଣି ପିଇବା ଜରୁରି । ପାଣିରେ ଲେମ୍ବୁ ଓ କାକୁଡି ମିଶାଇପାରିବେ । ଏହି ପାଣି ଶରୀରକୁ କ୍ଷତି ପହଞ୍ଚାଉଥିବା ତ୍ୱଚାର କୋଷିକା ସହ ଲଢ଼ିବାରେ ସହଯୋଗ କରିବ ।

ଅଧିକ ମିଠା ଖାଇବା: ଅଧିକ ମିଠା ଖାଇବା ଦ୍ୱାରା ତ୍ୱଚାକୁ କ୍ଷତି ପହଞ୍ଚିଥାଏ । ଫଳରେ ତ୍ୱଚା ହଳଦିଆ ଓ ଢିଲା ଦେଖାଯାଏ । ମିଠା ପରିବର୍ତ୍ତେ ଫଳମୂଳ ଓ ପନିପରିବା ଖାଇଲେ ତ୍ୱଚା ମଜଭୁତ ଓ ସୁସ୍ଥ ରୁହେ ।

ଓମେଗା-୩ ଫ୍ୟାଟି ଏସିଡ୍ ?ର ଅଭାବ: ଯଦି ଆଖରୋଟ, ଅଳସୀ ବୀଜ ବା ମାଛ ପରି ଖାଦ୍ୟ ଖାଉ ନଥାନ୍ତି, ତେବେ ତ୍ୱଚାର ଉପରେ ଆସ୍ତରଣର ସୁରକ୍ଷା କ୍ରମଶଃ କମିଚାଲେ । ଫଳରେ ତ୍ୱଚା ରୁକ୍ଷ ଓ ଫିକା ଲାଗିଥାଏ । ଏପରିକି ଶରୀରରେ ପ୍ରଦାହ ବଢିଚାଲେ ।

ଆଣ୍ଟିଅକ୍ସିଡାଣ୍ଟକୁ ଅଣଦେଖା: ଖରା ଓ ପ୍ରଦୂଷଣରୁ ହେଉଥିବା କଣିକା ସହ ଲଢିବା ପାଇଁ ସବୁଜ ଓ ରଙ୍ଗିନ୍ ପନିପରିବା ଖାଇବା ଜରୁରି । ପାଳଙ୍ଗ, ଗାଜର ଓ ଟମାଟୋ ପରି ପରିବା ନ ଖାଇବା ଦ୍ୱାରା ତ୍ୱଚାର ରଙ୍ଗ ପାଉଁଶିଆ ଓ ନିସ୍ତେଜ ଦେଖା ଯାଇଥାଏ । ତେଣୁ ନିୟମିତ ଭୋଜନରେ ଏସବୁ ସାମିଲ୍ କରିବା ଆବଶ୍ୟକ ।

ଅଧିକ ଡାଏଟିଂ: ବାରମ୍ବାର ଉପବାସ କରିବା କିମ୍ବା ଅତ୍ୟଧିକ ଡାଏଟିଂ କରିବା ଦ୍ୱାରା ଶରୀରର ପୋଷଣ ସନ୍ତୁଳନ ବିଗିଡି ଯାଇଥାଏ । ଫଳରେ ଚିନ୍ତା ବଢାଉଥିବା ହର୍‌ମୋନ୍ ବଢିଯାଇଥାଏ । ଫଳରେ ତ୍ୱଚାକୁ କ୍ଷତି ପହଞ୍ଚିଥାଏ । ତେଣୁ ସନ୍ତୁଳିତ ଭୋଜନ ସାଙ୍ଗକୁ ଭଲ ତେଲ ଓ ଦହି ପରି ପାଚନ ସୁଧାରକ ଖାଦ୍ୟକୁ ଡାଏଟ୍‌ରେ ସାମିଲ୍ କରିବା ଆବଶ୍ୟକ । ପାଚନତନ୍ତ୍ର ଠିକ୍ ରହିବା ଦ୍ୱାରା ତ୍ୱଚାରେ ଏହାର ଝଲକ୍ ଦେଖିବାକୁ ମିଳିଥାଏ ।

ପ୍ରୋଟିନ୍‌ର ଅଭାବ: ପ୍ରୋଟିନ୍‌ର ଅଭାବ ଯୋଗୁ ତ୍ୱଚାର ମରାମତି ଠିକ୍ ଭାବେ ହୋଇପାରେନା । ଡାଲି, ଦୁଧ ଓ ଅଣ୍ଡାରେ ପର୍ଯ୍ୟାପ୍ତ ପରିମାଣର ପ୍ରୋଟିନ୍ ରହିଥାଏ । ପର୍ଯ୍ୟାପ୍ତ ପ୍ରୋଟିନ୍ ନ ମିଳିବା ଦ୍ୱାରା ତ୍ୱଚାରେ ଡେଡ୍ ସ୍କିନ୍ ଆସ୍ତରଣ ପରି ଜମିଚାଲେ ।

ବାରମ୍ବାର ଚୁଟିକୁ କଲର କରୁଛନ୍ତି କି ?

ଫ୍ୟାସନ ସେତେବେଳେ ସୁନ୍ଦର ଲାଗେ ଯେତେବେଳେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଶରୀର ଉପରେ ପଡ଼ିନଥାଏ । କିନ୍ତୁ ଥରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଗଲେ ସେହି ଫ୍ୟାସନ୍ ବେକର ଫାଶ ପରି ଲାଗେ । ଆଜିର ସମୟରେ ସମସ୍ତେ ନିଜ ପ୍ରିୟ ଅଭିନେତା ତଥା ଅଭିନେତ୍ରୀଙ୍କ ପରି ଦେଖାଯିବାକୁ ଚାହାନ୍ତି । ହିରୋଇନଙ୍କ ପରି ଦେଖାଯିବା ପାଇଁ ସେମାନଙ୍କର ଫ୍ୟାଶନ୍ ଏବଂ ସୌନ୍ଦର୍ଯ୍ୟ ଟିପ୍ସକୁ ଅନୁସରଣ କରନ୍ତି । ଏହି ବିୟୁଟି ଟିପ୍ସରେ ଚୁଟିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥାଏ । ସେଲିବ୍ରେଟିଙ୍କ ପରି ଦେଖାଯିବାକୁ ଚୁଟିକୁ ରଙ୍ଗବେରଙ୍ଗ କରି କଲର୍ କରାନ୍ତି ଯୁବପିଢ଼ି । କିନ୍ତୁ ବାରମ୍ବାର ଚୁଟିରେ ରଙ୍ଗ କରିବା କେତେ କ୍ଷତିକାରକ ଆପଣ ଜାଣିଛନ୍ତି କି ? ୬ ମାସ ପୂର୍ବରୁ ଚୀନରେ ଏକ ଏମିତି ଘଟଣା ଘଟିଥିଲା ଯାହା ସେଠାକାର ଯୁବପିଢ଼ିଙ୍କୁ ଭୟଭୀତ କରିଥିଲା । ଜଣେ ୨୦ ବର୍ଷୀୟା ଝିଅ ନିଜ ପ୍ରିୟ ସେଲିବ୍ରିଟିଙ୍କ ପରି ଦେଖାଯିବା ପାଇଁ କେମିତି ଚୁଟି ରଙ୍ଗ କରି କିଡନି ରୋଗରେ ପୀଡ଼ିତ ହେଲେ ତାହା ସମସ୍ତଙ୍କୁ ଚକିତ କରିଥିଲା ।

ବାରମ୍ବାର ଚୁଟି କଲର୍ କରିବା ପରେ ଯେତେବେଳେ ଶରୀରରେ ସମସ୍ୟା ସୃଷ୍ଟି ହେଲା ଝିଅଟି ଡାକ୍ତରଖାନାକୁ ଯାଇଥିଲେ ସେଠାରେ ତାଙ୍କର କିଡନି ଖରାପ ଥିଲା ବୋଲି ଜଣାପଡ଼ିଥିଲା । ହୁଆ ନାମକ ୨୦ ବର୍ଷୀୟ ଯୁବତୀ ପ୍ରତି ମାସରେ ସାଲୁନକୁ ଯାଇ ନିଜ ପ୍ରିୟ ସେଲିବ୍ରିଟିଙ୍କ ପରି କେଶ ରଙ୍ଗ କରୁଥିଲେ । କିଛି ସମୟ ପରେ ସେ ପେଟ ଏବଂ ଗଣ୍ଠି ଯନ୍ତ୍ରଣାରେ ପୀଡ଼ିତ ହେଲେ । ତାଙ୍କ ଗୋଡ଼ରେ ଲାଲ ଦାଗ ହେବାକୁ ଲାଗିଲା । ଯେତେବେଳେ ସେ ଡାକ୍ତରଙ୍କ ପାଖକୁ ଗଲେ ତାଙ୍କୁ କିଡନି ରୋଗ ହୋଇଥିବା ଜଣାପଡ଼ିଲା । ଚୀନର ଝେଙ୍ଗଝୋ ପିପୁଲ୍ସ ହସ୍ପିଟାଲର ଡାକ୍ତର ତାଓ ଚେନୟାଙ୍ଗ ଅନ୍ତର୍ଜାତୀୟ ଗଣମାଧ୍ୟମ ସଂସ୍ଥାକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ ବାରମ୍ବାର କେଶ ରଙ୍ଗ କରିବା ଦ୍ୱାରା ଶରୀରରେ

ମୁଣ୍ଡ ମାଧ୍ୟମରେ ବିଷାକ୍ତ ପଦାର୍ଥ ଜମା ହୋଇପାରେ ଯାହା ଫୁସଫୁସ୍ ଏବଂ କିଡନିକୁ କ୍ଷତି ପହଞ୍ଚାଇ କର୍କଟ ରୋଗର ଆଶଙ୍କା ବୃଦ୍ଧି କରିପାରେ । ବଜାରରେ ମିଳୁଥିବା ଅନେକ ରଙ୍ଗ ଏବଂ ରଙ୍ଗରେ ସୀସା ଓ ପାରଦ ଭଳି ବିପଦଜନକ ଉପାଦାନ ରହିଛି । କୋରିଆନ୍ ପପ୍ ଷ୍ଟାରଙ୍କୁ ଫଲୋ କରି ଝିଅଟି

ନିଜ ଲୁକ୍ ଏବଂ ପ୍ରମୋସନ୍ ପାଇଁ କେଶର ରଙ୍ଗ ପରିବର୍ତ୍ତନ କରୁଥିଲେ । ଏହା ପୂର୍ବରୁ ଆମେରିକାରେ ପୂର୍ବତନ ହେୟାରଷ୍ଟାଇଲିଷ୍ଟ ହେକ୍ଟର କର୍ଭେରା ୨୦୨୫ ପ୍ରାରମ୍ଭରେ ଲସ୍ ଆଞ୍ଜେଲସରେ ୧୦ଟି କମ୍ପାନି ବିରୁଦ୍ଧରେ ଅଭିଯୋଗ ଆଣିଥିଲେ । ସେ ଦାବି କରିଥିଲେ ଯେ ଚୁଟି ରଙ୍ଗ କରିବା ପରେ ତାଙ୍କୁ କର୍କଟ ରୋଗ ସୃଷ୍ଟି କରୁଥିବା ରାସାୟନିକ ପଦାର୍ଥର ସଂସ୍ପର୍ଶରେ ଆସିବା ଯୋଗୁ ତାଙ୍କୁ ମୂତ୍ରାଶୟ କର୍କଟ ରୋଗ ହୋଇଥିଲା । ତେବେ ଆପଣ ବି ଯଦି ବାରମ୍ବାର କେଶକୁ ରଙ୍ଗ କରୁଛନ୍ତି ତେବେ ଏହି ଟିପ୍ସଗୁଡ଼ିକ ମନେ ରଖନ୍ତୁ ଭବିଷ୍ୟତରେ ହଇରାଣ ହେବାକୁ ପଡ଼ିବ ନାହିଁ ।

ଏସଆଇ କେଳେଙ୍କାରୀ ମାମଲାରେ ଆଉ ୧୦ ପରୀକ୍ଷାର୍ଥୀଙ୍କୁ ସମନ

ଭୁବନେଶ୍ୱର: ପୋଲିସ ଏସଆଇ ମହାକେଳେଙ୍କାରୀ ମାମଲା । ପୁଣି ଆଜି ଆଉ ୧୦ଜଣ ଆଶାୟୀ ପରୀକ୍ଷାର୍ଥୀଙ୍କୁ ସମନ । ସମନ ଜରିଆରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗତକାଲି ୭ଜଣ ପରୀକ୍ଷାର୍ଥୀ ସିବିଆଇରେ ହାଜର ହୋଇ ନିଜର ପକ୍ଷ ରଖିଥିଲେ । ମୋଟ ୪୫୦ଜଣ ପରୀକ୍ଷାର୍ଥୀଙ୍କ ତାଲିକା କରିଛି ସିବିଆଇ । ଯେଉଁମାନେ ଦଲାଲ ମାନଙ୍କ ସଂସ୍ପର୍ଶରେ ଆସିଥିଲେ ।

ଝାରସୁଗୁଡ଼ା ରେଳ ଷ୍ଟେସନରେ ଅଗ୍ନିକାଣ୍ଡ

ଝାରସୁଗୁଡା: ଝାରସୁଗୁଡା ରେଳ ଷ୍ଟେସନ ୧ ନମ୍ବର ପ୍ଲାଟଫର୍ମରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ବିଦ୍ୟୁତ ସର୍ଟସର୍କିଟ ଯୋଗୁଁ ନିଆଁ ଲାଗିଥିବା ଜଣାପଡିଛି । ସୂଚନା ଅନୁସାରେ, ପୂର୍ବାହ୍ନରେ ଝାରସୁଗୁଡା ମୁଖ୍ୟ ରେଲୱେ ଷ୍ଟେସନ ପ୍ଲାଟଫର୍ମ ନମ୍ବର ୧ ରେ ବିଦ୍ୟୁତ ମରାମତି କାର୍ଯ୍ୟ ଚାଲିଥିବାବେଳେ ଏକ ବିଦ୍ୟୁତ ତାର ଛିଣ୍ଡି ଯାଇଥିଲା । ଯାହାଫଳରେ ସର୍ଟ ସର୍କିଟ ହୋଇ ପ୍ଲାଟଫର୍ମ ମଧ୍ୟରେ ଏବଂ ପ୍ଲାଟଫର୍ମ ବାହାରେ ଧୂଆଁମୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ନିଆଁ ଲାଗିବା ଜାଣିବା ପରେ ପ୍ରଥମେ ପ୍ଲାଟଫର୍ମକୁ ଖାଲି କରି ଦିଆଯାଇଥିଲା । ଖବର ପାଇ ଆରପିଏଫ, ଜିଆରପି ଓ ଝାରସୁଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଂଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ । ପରେ ରେଲୱେ ବିଭାଗର ବିଦ୍ୟୁତ କର୍ମଚାରୀ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ନିଆଁକୁ ଆୟତ କରିଥିଲେ । ଏଥିରେ କୌଣସି ଜୀବନ ହାନୀ ହୋଇନାହିଁ । ତେବେ ଅଗ୍ନିକାଣ୍ଡ ଯୋଗୁଁ ଡି.ଟି.ସି. ଚ୍ୟାମ୍ବର, ଟିକେଟ୍ କାଉଂଟର ଓ ରେଲୱେ ଲାଇନ୍ କ୍ଷତିଗ୍ରସ୍ତ ହୋଇଛି ।

ଧାନ ଉଠାଣ ପାଇଁ ପିଉଳ ମଣ୍ଡିରେ ଚାଷୀ ଓ ମିଲରଙ୍କ ମଧ୍ୟରେ ଆଲୋଚନା

ଗଂଜାମ: ପିତଳ ଧାନ ମଣ୍ଡିରୁ ଚାଷୀଙ୍କ ଠାରୁ ସୁବିଧା ଓ ସୁରୁଖୁରୁ ଧାନ ସଂଗ୍ରହ କରିବାକୁ ମିଲର ଓ ଚାଷୀମାନଙ୍କ ମଧ୍ୟରେ ଆଲୋଚନା ହୋଇଯାଇଛି । ଏଥିରେ ନୋଡାଲ ଅଫିସର ମଧୁସୂଦନ ବିଷୋଇ, ପିଉଳ ସେବା ସମବାୟ ସମିତି ସଭାପତି ପ୍ରମୋଦ କୁମାର ପାତ୍ର, ସଂପାଦକ କୃଷ୍ଣ ଚନ୍ଦ୍ର ନାୟକ, କୃଷକ ନେତା ହୀନ ବେହେରା, ବିଜେଡି ନେତା ଶରତ ଚନ୍ଦ୍ର ପାତ୍ରଙ୍କ ସମେତ ଚାରିଜଣ ମିଲର ଓ ବହୁ କୃଷକ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ଏକତରଫା ପ୍ରେମରୁ ଅପହରଣ କରି ଭ୍ୟାନିଟି ଜାଳି ଦେବା ଅଭିଯୋଗ

ଭୁବନେଶ୍ୱର: ପ୍ରେମରେ ବିଫଳ ହେବାରୁ ଜଣେ ନୃତ୍ୟାଙ୍ଗନାଙ୍କୁ ନିର୍ଯାତନା ଦେବା ସହ ତାଙ୍କ ଭ୍ୟାନିଟି ଜାଳିଦେବା ଓ ଜୀବନରୁ ମାରିଦେବାକୁ ଧମକ ଦେବା ଅଭିଯୋଗରେ

ଅଭିଯୁକ୍ତ ପ୍ରେମିକ ଗିରଫ

ଖାରବେଳନଗର ଥାନା ପୁଲିସ ଜଣେ ନୃତ୍ୟଶିଳ୍ପୀଙ୍କୁ ଗିରଫ କରିଛି । ସେ ହେଲେ ଖାରବେଳନଗର ଥାନା ୟୁନିଟ୍-୩ ମାଳି କଲୋନୀର ଆର୍ଯ୍ୟ ଓରଫ ଡ଼ିଜୟ ରେଡ୍ଡି(୩୦) ।

ପୁଲିସ ସୂଚନା ଅନୁଯାୟୀ, ଶୁଭଶ୍ରୀ ମଲ୍ଲିକ ନାମ୍ନୀ ଜଣେ ନୃତ୍ୟାଙ୍ଗନା ଆର୍ଯ୍ୟଙ୍କୁ ୨ ବର୍ଷ ହେବ ଚିହ୍ନିଥିଲେ । ସେମାନେ ଗୋଟିଏ ନୃତ୍ୟ ସଂସ୍ଥାର ସଦସ୍ୟ ଥିଲେ । ସେମାନେ ଉଭୟ ମିଶି ନୃତ୍ୟ ପ୍ରଦର୍ଶନ କରୁଥିଲେ । ଇତି ମଧ୍ୟରେ ଆର୍ଯ୍ୟ ଶୁଭଶ୍ରୀଙ୍କୁ ଏକପାଖିଆ ଭଲପାଇ ବସିଥିଲେ । ପ୍ରେମ ନିବେଦନ କରିବାରୁ ଶୁଭଶ୍ରୀ ପ୍ରତ୍ୟାଖ୍ୟାନ କରିଥିଲେ । କ୍ଷୁବ୍ଧ ହୋଇ ଆର୍ଯ୍ୟ ଶୁଭଶ୍ରୀଙ୍କୁ ୩ ମାସ ଧରି ନିର୍ଯାତନା ଦେଇ ଆସୁଥିଲେ । ଗତକାଲି ଅପରାହ୍ଣରେ ଶୁଭଶ୍ରୀ ଭବାନୀପାଟଣାରୁ ଭୁବନେଶ୍ୱର ଆସି ଅପରାହ୍ଣ ସାଢ଼େ ୪ଟାବେଳେ ପଳାଶୁଣି ଛକରେ ଓହ୍ଲାଇଥିଲେ । ଏହି ସମୟରେ ଆର୍ଯ୍ୟ ସେଠାରେ ପହଞ୍ଚି ଶୁଭଶ୍ରୀଙ୍କ ହାତରୁ ମୋବାଇଲ ଛଡ଼ାଇ ନେବା ସହ ତାଙ୍କୁ ଏକ ଅଟୋରେ ଜୋର ଜବରଦସ୍ତ ବସାଇ ରାମ ମନ୍ଦିର ନିକଟକୁ ନେଇ ଆସିଥିଲେ । ସେଠାରେ ତାଙ୍କୁ ମାଡ଼ ମାରି ତାଙ୍କ ମୁହଁ ଫୁଲାଇ ଦେଇଥିଲେ । ତାଙ୍କ ଭ୍ୟାନିଟି ଛଡ଼ାଇ ନିଆଁ ଲଗାଇ ଦେଇଥିଲେ । ଭ୍ୟାନିଟିରେ ୫ ହଜାର ଟଙ୍କା ସହ ଡ୍ରେସ୍ ଏବଂ କିଛି ରୁପା ଅଳଙ୍କର ଥିଲା । ଯାହାକି ପୋଡ଼ି ନଷ୍ଟ ହୋଇ ଯାଇଥିଲା । ଶୁଭଶ୍ରୀ ଏନେଇ ଖାରବେଳନଗର ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁକରି ଆଜି ଆର୍ଯ୍ୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ଅର୍ପିତାଙ୍କୁ ଅନ୍ତରୀଣ ସୁରକ୍ଷା

କଟକ: ହ୍ୟୁମାନ ସାଗରଙ୍କ ମୃତ୍ୟୁ ଘଟଣାରେ ହାଇକୋର୍ଟ ଅର୍ପିତା ଏବଂ ସୋମେଶ ଶତପଥୀଙ୍କୁ ଅନ୍ତରୀଣ ସୁରକ୍ଷା ଦେଇଛନ୍ତି । ସୋମେଶ ଓ ଅର୍ପିତାଙ୍କ ତରଫରୁ ଦାୟର ଆଗୁଆ ଜାମିନ ଆବେଦନର ହାଇକୋର୍ଟ ପ୍ରାରମ୍ଭିକ ଶୁଣାଣି କରି ରାଜ୍ୟ ସରକାରଙ୍କୁ କେସ୍ ଡାଏରି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାରେ ହ୍ୟୁମାନଙ୍କ ମା' ସେଫାଳି ସୁନାଙ୍କୁ ପକ୍ଷଭୁକ୍ତ କରିବାକୁ ଆବେଦନକାରୀଙ୍କୁ ହାଇକୋର୍ଟ ଅନୁମତି ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ମର୍କତନଗର ଥାନାର ଏହି ମାମଲାରେ ଆବେଦନକାରୀଙ୍କୁ ହେପାଜତକୁ ନ ନେବାକୁ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତକାରୀ ଏଜେନ୍ସିକୁ ତଦନ୍ତରେ ଆବେଦନକାରୀ ସହଯୋଗ କରିବେ ବୋଲି ହାଇକୋର୍ଟ କହିଛନ୍ତି । ଫେବ୍ରୁଆରୀ ୧୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ରହିଛି ।

ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ

ବାଲେଶ୍ୱର(ମାନିସ): ନୀଳଗିରି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆଜି ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୋଟ ୬୧ ଜଣ ଅଭିଯୋଗକାରୀ ନିଜ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ଏହି ଅଭିଯୋଗ ମଧ୍ୟରେ ୫୪ ଗୋଟି ବ୍ୟକ୍ତିଗତ ଭାବେ ରାସନ କାର୍ଡ,ବାର୍ଦ୍ଧକ୍ୟ ଭତ୍ତା,ସାସ୍ଥ୍ୟ ଚିକିତ୍ସା ସହାୟତା ଏବଂ ୦୪ ଗୋଟି ସାମୂହିକ ଭାବେ ରାସ୍ତା ଘାଟ ପାନୀୟ ଜଳ ବିଦ୍ୟୁତ୍ ବିଲ ସମସ୍ୟା,ଉଦ୍ୟାନ କୃଷି,ଜଙ୍ଗଲ ଜମି ପଟ୍ଟା,ହାତୀ ଦ୍ୱାରା ଫସଲ କ୍ଷତିଗ୍ରସ୍ତ,ଆଇନ ଶୃଙ୍ଖଳା ସମ୍ପର୍କିତ ଥିଲା । ଏହି ମିଳିତ ଜନଶୁଣାଣୀ ଶିବିରରେ ୧୦ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିବା ସଙ୍ଗେ ସଙ୍ଗେ ୩ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ପ୍ରଦାନ

କରାଯାଇଥିଲା ।

ଏହି ଜନ ଶୁଣାଣୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା ପ୍ରଭାତ କୁମାର ବେହେରା, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଡ଼ ମଧୁସ୍ମିତା ସାମନ୍ତରାୟ, ସ୍ଥାନୀୟ ଉପ ଜିଲ୍ଲାପାଳ ଶୁଭଶ୍ରୀ ରଥ, ବି୍ ଡି୍ଓ୍ ବିକ୍ରମ କେଶରୀ ପରିଡ଼ା ପଞ୍ଚାୟତ ସମିତି ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ ସମେତ ଜିଲ୍ଲା ଏବଂ ଉପଖଣ୍ଡସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ ।

ଲମତାପୁଟ ବସଷ୍ଟାଣ୍ଡ ଉଦ୍‌ଘାଟିତ

ଜୟପୁର: କୋରାପୁଟ ଜିଲ୍ଲା ଲମତାପୁଟ ଠାରେ ଅଟଳ ବସଷ୍ଟାଣ୍ଡ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଆଭାସୀ ମାଧ୍ୟମରେ ଶୁଭ ଉଦଘାଟନ ହୋଇଯାଇଛି ଓ ଏହି ବସଷ୍ଟାଣ୍ଡ ଉଦଘାଟନ ଅବସରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ।

୧.୨ ଏକର ବିସ୍ତୃତ ଏହି ବସଷ୍ଟାଣ୍ଡରେ ଅତ୍ୟାଧୁନିକ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ରହିଛି ଓ ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ବସିବା ବ୍ୟବସ୍ଥା ଠାରୁ ଆରମ୍ଭ କରି ଉଭୟ ପୁରୁଷ ଓ ମହିଳାଙ୍କ ନିମନ୍ତେ ଶୌଚାଳୟ ବ୍ୟବସ୍ଥା ରହିଛି ଓ ଦୁଇଟି ଗେଟ ପ୍ରବେଶ ଓ ପ୍ରସ୍ଥାନପାଇଁ ଅଲଗା ଅଲଗା, ଦୁଇଟି ଟିକେଟ କାଉଂଟର, ଅଫିସର ଚେମ୍ବର, ମିଶନ ଶକ୍ତି କେଫେ ତଥା ଗାଡି ଡ୍ରାଇଭର ଓ କଣ୍ଡକ୍ଟରଙ୍କ ବିଶ୍ରାମ ଗୃହ ଉଭୟ ପୁରୁଷ ଓ ମହିଳାଙ୍କ ନିମନ୍ତେ ଅଲଗା ଅଲଗା ରହିଛି ଓ ବସଷ୍ଟାଣ୍ଡ ମଧ୍ୟରେ ୪ଟି ଷ୍ଟଲ, ସ୍ୱତନ୍ତ୍ର ଗାଡି ଧୋଇବା ବ୍ୟବସ୍ଥା, ଇଭି ଚାର୍ଜିଙ୍ଗ ଷ୍ଟେସନ, ଫାୟାର ଫାଇଟିଂଗ ସିଷ୍ଟମ, ୩ଟି ଷ୍ଟୋର ରୁମ, ଡିଜି ସେଟ, ପିଏ ସିଷ୍ଟମ ଘୋଷଣା କରିବା ପାଇଁ ରହିଛି ଓ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସିସିଟିଭି ବ୍ୟବସ୍ଥା ସହ ଆଇଡିଆଲ ପାର୍କିଂ ବ୍ୟବସ୍ଥା କରଯାଇଛି ଓ ଏହି ବସଷ୍ଟାଣ୍ଡ ପ୍ରାୟ ୫୦ ହଜାର ଲୋକଙ୍କୁ ସୁବିଧା ଯୋଗାଇବା ସହ ୧୧୭ଟି ଗ୍ରାମ, ୧୧ଟି ଗ୍ରାମପଂଚାୟତକୁ ଉପକୃତ କରିବ ଓ ବସଷ୍ଟାଣ୍ଡ ଉଦଘାଟନ ଅବସରରେ ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବ୍ରାନ ମହାଜନ ଓ ମୁଖ୍ୟମନ୍ତ୍ରୀ ଆଭାସି ମାଧମରେ ଦୁଇ ଜଣ ହିତାଧିକାରୀଙ୍କ ସହ କଥା ହୋଇ ବସଷ୍ଟାଣ୍ଡର ଅତ୍ୟାଧୁନିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ ଓ ମହିଳା ହିତାଧିକାରୀ ସୁମିତ୍ରା ବେହେରା ବସଷ୍ଟାଣ୍ଡରେ ସିସି ଟିଭି ଲାଗିଥିବାରୁ ସୁରକ୍ଷିତ ମନେ କରୁଛନ୍ତି ତେଣୁ ମୁଖ୍ୟମନ୍ତ୍ରୀଙ୍କୁ ବିଶେଷ ଧନ୍ୟବାଦ ଜ୍ଞାପନ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଲମତାପୁଟ ଫଂଚାୟତ ଅଦକ୍ଷ ତାପସ କୁମାର ଚାଲାଣ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବେଣୁଧର ଶବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟନ୍ତ କୁମାର ମେହେର, ଲମତାପୁଟ ତହସିଲଦାର ଦିବାକର ବାଘ, ଆଂଚଳିକ ପରିବହନ ଅଧିକାରୀ ରାଜେଶ ମାରାଣ୍ଡି, ଜିଲ୍ଲା ପରିବହନ ବିଭାଗର ପରିଚାଳକ ଅରଶ୍ରୀ ସାହୁ, ସହାୟକ ପରିଚାଳକ ପ୍ରକାଶ କୁମାର ନାୟକ, ବ୍ଲକ ସୁପରଭାଇଜର ସୁଦୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ଓ ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ରାଧାରାଣୀ ସରକାର ମଂଚ ପରିଚାଳନା କରିଥିଲେ ।

କୋରାପୁଟ ଜିଲ୍ଲାରେ ଡ୍ରପ ଆଉଟ ହାର ଉଦବେଗଜନକ

ଜୟପୁର: କୋରାପୁଟ ଜିଲାରେ ଡ୍ରପ ଆଉଟ ହାର ଉଦବେଗଜନକ ସ୍ଥିତିରେ ରହିଛି । କୋରାପୁଟ ଜିଲ୍ଲାରେ ୭ ରୁ ୧୮ ବର୍ଷ ବୟସ ମଧ୍ୟରେ ଡ୍ରପ ଆଉଟ ୧୭୯୨୩ । ସେଥି ମଧ୍ୟରୁ ୧୯ମୃତ, ବୟସ୍କ ୮୧୮, ନକଲି ୮୨୦ । ଏହି ସଂଖ୍ୟାରେ ସର୍ବାଧିକ ଡ୍ରପ ଆଉଟ ରହିଛି ବୈପାରୀଗୁଡା ବ୍ଲକରେ । ଗତ ସେପ୍ଟେମ୍ବରରେ ଡ୍ରପ ଡ୍ରପଆଉଟ୍ ଥିଲା ୧୯ ହଜାରରୁ ଅଧିକ । ସେହିପରି ରାୟଗଡା ୮୧ତମ ଜିଲ୍ଲା ପରିଷଦ ବୈଠକର ସୂଚନା ଅନୁସାରେ । ରାୟଗଡ଼ା ଜିଲ୍ଲାରୁ ଅଧାରୁ ପାଠ ଛାଡିଥିବା ସଂଖ୍ୟା ୧୨ ହଜାର୫୩୮ ଜଣରୁ ବିଦ୍ୟାଳୟ ଯାଇନଥିବା ସଂଖ୍ୟା ୫ ହଜାର ୩୮୬ ସମୁଦାୟ ୧୭୯୨୪ କ୍ଷଶିକ୍ଷା ବିଭାଗର ନିର୍ଦ୍ଦେଶ ପରେ ପ୍ରତ୍ୟେକ ଗାଁ ଗାଁ କୁ ଯାଇ ସଚେତନ କରୁଥିବା ଜିଲ୍ଲା ଶିକ୍ଷା ବିଭାଗ କହୁଥିବା ବେଳେ ବାସ୍ତବିକ ସେମିତି କିଛି ଦେଖିବାକୁ ମିଳୁନାହିଁ । କେଉଁଠି ପାଠ ପଢ଼ା ଛାଡ଼ି ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ତ ଆଉ କେଉଁଠି ଅଧାରୁ ପାଠ ଛାଡ଼ି ବାଲ୍ୟବିବାହ କରୁଥିବା ଓ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି କ୍ଷ ସେହିପରି ନବରଙ୍ଗପୁର: ଜିଲ୍ଲାରେ ୨୦୨୩ ମସିହାରେ ମାଟ୍ରିକ ପରୀକ୍ଷାରେ ନବରଙ୍ଗପୁର ଜିଲ୍ଲା ଡ୍ରପଆଉଟ ରେ ପ୍ରଥମ ରହିଥିଲା ବେଳେ ଧୀରେ ଧୀରେ ଡ୍ରପ ଆଉଟ ସଂଖ୍ୟା କମିବାରେ ଲାଗିଛି କ୍ଷ୨୦୨୩ ମସିହାରେ ୯୬୩ ଛାତ୍ରଛାତ୍ରୀ ଡ୍ରପ ଆଉଟ ହୋଇଥିବା ଚି୍ହ୍ନଟ ହୋଇଥିବା ବେଳେ ୨୦୨୪ ମସିହାରେ ୮୭୫ ଓ ୨୦୨୫ ମସିହାରେ ୫୮୭ ରହିଛି । ନବରଙ୍ଗପୁର ଶିକ୍ଷା ବିଭାଗ ତରଫରୁ ୨୦୨୪ ମସିହାରେ ଘରକୁ ଘର ଶିକ୍ଷକ ମାନେ ଯାଇ ୩୧୦୦ ପିଲାଙ୍କୁ ବିଭିନ୍ନ ସ୍କୁଲ, ଏସଆଇଓଏସ କିମ୍ବା ଏନଆଇଓଏସରେ ନାମ ଲେଖାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା (୨୦୨୫/୨୬ ଶିକ୍ଷା ବର୍ଷ ରେ) ଏହାର ସଂଖ୍ୟା ବଢ଼ି ୪୩୦୦ ପିଲା ନାମ ଲେଖାଇଛନ୍ତି । ବର୍ତ୍ତମାନ ଜିଲ୍ଲାରେ ଡ୍ରପ ଆଉଟ କମାଇବା ପାଇଁ ଗରଶବ ରଭକ୍କକ୍ଷକ୍ଷଞ୍ଜରଭଗ୍ମ ଉକ୍ସସଙ୍ଗର(ମେଗା ଏନରୋଲମେଂଟ ଡ୍ରାଇଭ) କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷକ ମାନେ ଘରକୁ ଘର ଯାଇ ପିଲାଙ୍କୁ ବିଦ୍ୟାଳୟ ମୁହାଁ କରିବାକୁ ଚେଷ୍ଟା କରୁଛନ୍ତି କ୍ଷ ଜିଲ୍ଲାରେ ଥିବା ୧୪ ବର୍ଷରୁ ୧୮ ବର୍ଷର ପିଲା ମାନଙ୍କୁ ମାଗଣାରେ ଏସଆଇଓଏସ (ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ) ଓ ଏନଆଇଓଏସ (ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ) ରେ ଭର୍ତ୍ତି କରାଯାଉଛି । ଜିଲ୍ଲାରେ ବାଲ୍ୟ ବିବାହ ସଂଖ୍ୟା ଅଧିକ ଥିବାରୁ ବାଳିକାମାନେ ପାଠ ନ ପଢ଼ି ବିବାହ କରୁଥିବାରୁ ଡ୍ରପ ଆଉଟ ସଂଖ୍ୟା ବଢୁଥିବା ସହ ଅଧିକାଂଶ ସ୍କୁଲ ପିଲା ବାପା, ମାଆଙ୍କୁ ସାହାଯ୍ୟ କରିବା ପାଇଁ ଜମି ସହ ଅନ୍ୟଠି କାମ କରୁଛନ୍ତି ଓ କିଛି ଦାଦନ ଖଟିବାକୁ ମଧ ବାହାର ରାଜ୍ୟକୁ ଯାଉଥିବାରୁ ଡ୍ରପ ଆଉଟ ସଂଖ୍ୟା ବଢୁଥିବା ଆଶଙ୍କା କରାଯାଉଛି କ୍ଷ ମାଲକାନଗିରି ଜିଲ୍ଲାରେ ପ୍ରାୟ ୮୦୦୦ ଛାତ୍ର ଛାତ୍ରୀ ଡ୍ରପ ଆଉଟ୍ ଚିହ୍ନଟ କରାଯାଇଥିଲା । ସେଥିମଧ୍ୟରୁ ପ୍ରାୟ ୩୦୦୦ ଛାତ୍ର ଛାତ୍ରୀ ପୁଣି ସ୍କୁଲ ଫେରାଇ ଅଣାଯାଇଛି । ୧୪ ବର୍ଷରୁ ଅଧିକ ପିଲା ମାନେ ଜିଲ୍ଲା ବାହାରକୁ ଚାଲି ଯାଇଥିବାରୁ ସେମାନଙ୍କୁ ଯୋଗାଯୋଗ କରାଯାଉଛି । ଏହି ଅଭିଯାନ ଏବେବି ଜାରି ରହିଛି ।

ମହାନଗର ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ କଳାକାରଙ୍କ କମାଲ

ବ୍ରହ୍ମପୁର (ମାନିସ): ଗଞ୍ଜାମ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣ ରୁ ଆସିଥିବା କଳାକାର, ଜିଲ୍ଲା ସଂସ୍କୃତି ପରିଷଦ ଏବଂ ରାଜ୍ୟ ସଂସ୍କୃତି ବିଭାଗ ର କଳାକାର ଙ୍କ ନୃତ୍ୟ ଓ ସଂଗୀତରେ ଫାଟି ପଡୁଛି ୧୩ ତମ ମହାନଗର ମହୋତ୍ସବ୍ ମହାନଗର ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ୧୩ ତମ ମହାନଗର ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ପ୍ରଥମ ପର୍ଯ୍ୟାୟରେ ଉପସ୍ଥାପନା ହୋଇଥିଲା କବିତା ଆସର । ଏହି ଅବସରରେ ଚିକିଟି ସ୍ଥିତ ବାହୁଦା ସାହିତ୍ୟ ସଂସଦ ପକ୍ଷରୁ ସହିଁତା ମହାନ୍ତି ଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା କବିତା ଆସର୍ ଏଥିରେ ୩୦ଜଣ କବି, କାବ୍ୟୟତ୍ରୀ ନିଜ ନିଜ ସ୍ୱରଚିତ କବିତା ପାଠ କରିଥିଲେ । କବି ସାମ୍ପ୍ରତିକ ଯୁଗପୋଯୋଗୀ ପରିସ୍ଥିତି କୁ ଆଧାରିତ କବିତା କୁ ଉପସ୍ଥାପନା କରିଥିବା ବେଳେ କିଛି କବି ପୁରାତନ କଥାବସ୍ତୁ ଆଧାରିତ କରି କବିତା ଉପସ୍ଥାପନା କରିଥିଲେ୍ କବିତା ଆସର ର ଅନ୍ତିମ ପର୍ଯ୍ୟାୟରେ ସମସ୍ତ କବି ଓ କାବ୍ୟୟତ୍ରୀ ଙ୍କୁ ମାନପତ୍ର ଓ ଉପଢୌକନରେ ସମ୍ବର୍ଦ୍ଧନା ପ୍ରଦାନ କରିଥିଲା ମହାନଗର ମହୋତ୍ସବ କମିଟି ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ୍ଏହି ଅବସରରେ କମିଟି ସଭାପତି ଗୋପାଳ ପଟ୍ଟନାୟକ୍ନାଗେଶ୍ୱର ପୃଷ୍ଟି, ସମ୍ପାଦକ ନାରାୟଣ ମହାକୁଡ, ଉପସଭାପତି ଅନିଲ କୁମାର ପାତ୍ର, ମିହିର ତ୍ରିପାଠୀ ଏବଂ ରାମ ପ୍ରସାଦ ସାମଲ, ସହ ସମ୍ପାଦକ ଶିବ ନାରାୟଣ ପଣ୍ଡା, ଶଙ୍କର ଗୋସାମୀ, ସାଂସ୍କୃତିକ ସଂଯୋଜକ କାର୍ତ୍ତିକ ପାଣିଗ୍ରାହୀ, ସାଂସ୍କୃତିକ ସମ୍ପାଦକ ସୁଦିପ ସାହୁ, ମିଡ଼ିଆ ସଂଯୋଜକ ମୃତ୍ୟୁଞ୍ଜୟ ସାହୁ, ଅଭିରାମ ପାତ୍ର, ପ୍ରଶାନ୍ତ ପ୍ରତିନିଧି,ସୁଦର୍ଶନ ପରିଡ଼ା, ରୁଦ୍ର ନାରାୟଣ ନାୟକ, ଗୋକୁଳ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ମହାନଗର ମହୋତ୍ସବର ଚତୁର୍ଥ ସାଂସ୍କୃତିକ ସନ୍ଧ୍ୟାରେ ଦର୍ଶକଙ୍କ ମନ ମୋହିଥିଲେ ପୁଣି ଥରେ ସେହି ଶ୍ରୀ ବିବେକାନନ୍ଦ ବିଦ୍ୟା ମନ୍ଦିର ର ବାର୍ଷିକ ଉତ୍ସବ ଅବସରରେ କୁନି କୁନି କଳାକାର ମାନେ ପ୍ରଥମେ କିଛି ସଚେତନତା ଧର୍ମୀ ନାଟକ ଧର୍ମପଦ ପରିବେଷଣ କରିଥିଲେ୍ ଏହା ପରେ ପରେ କଳାକାର ମାନେ ବିଭିନ୍ନ ଆଧୁନିକ, ଶାସ୍ତ୍ରୀୟ, ଓଡିଶୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବାନ୍ଧି ରଖିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ସମସ୍ତ କଳାକାର ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରିଥିଲେ ମୁଖ୍ୟଅତିଥି ତଥା ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା୍ଏହି ଅବସରରେ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଦିଗପହଣ୍ଡିର ବିଚିତ୍ର ବର୍ଣ୍ଣାଳୀ ର କଳାକାର ଆଲୋକ ବିଷୋୟୀ ଏବଂ ସାଥି ପରିବେଷଣ କରିଥିଲେ ପଶୁମୁଖା ନୃତ୍ୟ । ମହାନଗର ମହୋତ୍ସବର ଚତୁର୍ଥ ରଜନୀର କାର୍ଯକ୍ରମକୁ ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ କାର୍ତ୍ତିକ ପାଣିଗ୍ରାହୀ । ମଙ୍ଗଳବାରର ପଞ୍ଚମ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ରହିଛି ଏମକେସିଜି କଲେଜ ଡାକ୍ତରୀ ଛାତ୍ରଛାତ୍ରୀ ଙ୍କ ବେଣ୍ଡ ରିଦମ ଏକ୍ସ ପରିବେଷଣ ।

ମାଞ୍ଜା ସୂତା ବିକ୍ରି ରୋକ୍ ପାଇଁ ସ୍ୱତନ୍ତ୍ର ଅଭିଯାନ

ପୁରୀ: ଗୁଡ଼ିର ମାଞ୍ଜା ସୂତା ଯୋଗୁ ବଡ଼ଦାଣ୍ଡରେ ଏକାଧିକ ଦୁର୍ଘଟଣା ଘଟିବା ସହ ଯାତ୍ରୀଙ୍କ ଜୀବନ ବିପଦରେ ପଡୁଛି । ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ପାଇଁ ମାଞ୍ଜା ସୂତା ସାଜିଛି ବିପଦ । ଏହାକୁ ରୋକ୍ ଲଗାଇବାକୁ

୭୦ ବଣ୍ଡଲ ମାଞ୍ଜା ସୂତା ଜବତ

ଗୁଡ଼ି ନ ଉଡ଼ାଇବାକୁ ଡାକବାଜିରେ ସଚେତନତା

ପୁଲିସ ଆହ୍ୱାନ୍ । ଏନେଇ ରବିବାର ଖବର ପ୍ରକାଶ ପରେ ଚେତିଛି ପୁଲିସ ପ୍ରଶାସନ । ସୋମବାର ପୁରୀ ପୁଲିସ ପକ୍ଷରୁ ଏକାଧିକ ସ୍ଥାନରେ ଚଢ଼ଉ କରି ଗୁଡ଼ି ଓ ମାଞ୍ଜା ସୂତା ଜବତ କରାଯାଇଛି । ହେଲେ ବି ସୁଦ୍ଧା ପୁଲିସ ଆଖିରେ ଧୂଳି ଦେଇ ରବିବାର ବିଭିନ୍ନ ସ୍ଥାନରେ ମାଞ୍ଜା ସୂତା ଗୁଡ଼ି ଉଡୁଥିବା ଦେଖିବାକୁ ମିଳିଥିଲା । ଯାହାର ପରିଣାମ ସ୍ୱରୂପ ଜନଗହଳି ପୂର୍ଣ୍ଣ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ରବିବାର ଅନ୍ୟ ଏକ ଅଘଟଣରେ ଜଣେ ବ୍ୟକ୍ତିଙ୍କର ହାତରେ ଗଭୀର କ୍ଷତ ପହଞ୍ଚିଛି । ପାଖାପାଖି ଅପରାହ୍ଣ ୩ଟା ୩୦ ସମୟରେ ବାଲିଗୁଆଳିରେ ରହୁଥିବା ଦେବାଶିଷ କୁମାର(୪୫) ବଡ଼ଦାଣ୍ଡରେ ଯାଉଥିବା ବେଳେ ଏକ ମାଞ୍ଜା ସୂତା ସମ୍ମୁଖକୁ ଚାଲି ଆସିଥିଲେ । ସେ ଏକ ମୋଟା ଶୀତବସ୍ତ୍ର ପିନ୍ଧିଥିଲେ ସୁଦ୍ଧା ମାଞ୍ଜା ସୂତାଟି ତାଙ୍କର ଜ୍ୟାକେଟକୁ କାଟି ତାଙ୍କର ଡାହାଣ ବାହୁକୁ ଗଭୀର କ୍ଷତି ପହଞ୍ଚାଇଥିଲା । ସେ ଜ୍ୟାକେଟ ନ ପିନ୍ଧିଥିଲେ ଆହୁରି ବଡ଼ ଅଘଟଣ ଘଟିଥାନ୍ତା ବୋଲି କହିବା ସହ ପୁରୀ ବଡ଼ଦାଣ୍ଡରେ ଏଭଳି ହେବା ଦୁଃଖର ବିଷୟ ବୋଲି ପ୍ରକାଶ କରିଛନ୍ତି । ପୁରୀକୁ ଦେଶ ତଥା ଦେଶ ବାହାରୁ ପର୍ଯ୍ୟଟକ ଆସୁଛନ୍ତି । ଏଣୁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ମାଞ୍ଜା ସୂତା ଗୁଡ଼ି ଉଡାଣ ଉପରେ ସମ୍ପୂର୍ଣ୍ଣ ରୋକ ଲାଗିବା ଆବଶ୍ୟକ ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ପୁରୀ ପୁଲିସ ପକ୍ଷରୁ ପୁରୀ ସହରର ବିଭିନ୍ନ ଅଞ୍ଚଳରେ ମାଞ୍ଜା ସୂତା ବିକ୍ରୟ ଓ ବ୍ୟବହାର ବିରୋଧରେ ଏକ ବିଶେଷ ଅଭିଯାନ ରବିବାରଠାରୁ ଆରମ୍ଭ କରାଯାଇଛି । ଏହି କ୍ରମରେ ବିଭିନ୍ନ ଗୁଡ଼ି ଦୋକାନ ଓ ବ୍ୟବସାୟୀଙ୍କ ପାଖରୁ ମୋଟ ୭୦ ବଣ୍ଡଲ୍ ମାଞ୍ଜା ଗୁଡ଼ି ସୂତା ଜବତ କରାଯାଇଛି । ଅବୈଧ ଭାବେ ମାଞ୍ଜା ସୂତା ବିକ୍ରୟ କରୁଥିବା ବ୍ୟକ୍ତିମାନଙ୍କୁ ଚେତାବନୀ ଦିଆଯାଇଛି । ଗୁଡ଼ି ଉଡ଼ାଉଥିବା ସମୟରେ ୧୨ ଜଣଙ୍କଠାରୁ ମଧ ଗୁଡ଼ି ଜବତ ହୋଇଛି । ୩୫ରୁ ଉର୍ଦ୍ଧ୍ୱ ମାଞ୍ଜା ସୂତା ଲାଗିଥିବା ଲଟେଇ ମଧ ପୁଲିସ ଜବତ କରିଛି । ପୁରୀ ପୁଲିସ ଦ୍ୱାରା ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ଡକାବାଜି ମାଧ୍ୟମରେ ଏହିପରି କାର୍ଯ୍ୟ ନ କରିବା ପାଇଁ ସୂଚନା ଦିଆଯାଉଛି ।

ପୁରୀ ପୁଲିସ ପକ୍ଷରୁ କୁହାଯାଇଛି ଯେ, ମାଞ୍ଜା ସୂତା ବିକ୍ରି ହେଉଥିବାର ନଜର ଆସିଲେ ସଂପୃକ୍ତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ । ମାଞ୍ଜା ସୂତା ବ୍ୟବହାର ଏବଂ ବିକ୍ରୟ ଆଇନତଃ ଅପରାଧ । ଏହା ମାନବ ଜୀବନ ସହିତ ପକ୍ଷୀ, ପଶୁ ଓ ପରିବେଶ ପାଇଁ ମଧ ଭୟଙ୍କର । ଏଣୁ ସହର ଓ ବଡ଼ଦାଣ୍ଡ ଅଞ୍ଚଳରେ ମାଞ୍ଜା ଲାଗିଥିବା ଗୁଡ଼ି ନ ଉଡାଇବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି । ଯଦି କେହି ମାଞ୍ଜା ସୂତା ବିକ୍ରି କିମ୍ବା ବ୍ୟବହାର କରୁଥିବା ଦେଖିବେ, ତେବେ ନିକଟସ୍ଥ ଥାନାକୁ କିମ୍ବା ୧୧୨କୁ କଲ କରି ସୂଚନା ଦେବାକୁ କୁହାଯାଇଛି ।

ଏଥର ଖଣ୍ଡଗିରି ଯାତ୍ରାରେ ଅଶ୍ଳୀଳତାକୁ ନା'

ଭୁବନେଶ୍ୱର: ଏଥର ଅଶ୍ଳୀଳତାକୁ ନା, ଶାନ୍ତିଶୃଙ୍ଖଳାର ସହ ପରିବେଷଣ ହେବ ଖଣ୍ଡଗିରି ଯାତ୍ରା । ପୂର୍ବ ବର୍ଷମାନଙ୍କରେ ଯାତ୍ରା ମଞ୍ଚ ତଳେ ୫ହଜାର ଚୌକି ପଡୁଥିଲା, ହେଲେ ଏଥରକ ତାହାର ଅଧା ଅର୍ଥାତ ଅଢେଇହଜାର ଚୌକି ପଡ଼ିବ । ଯାତ୍ରା ପରିବେଷଣ ବେଳେ ଦର୍ଶକମାନେ ଯେପରି ବସିବା ଓ ଯାତାୟାତରେ କୌଣସି ବାଧକ ନଆସିବ ସେଦିଗରେ ଗୁରୁତ୍ୱ ଦିଆଯିବ । ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ବୈଠକରେ ଯାତ୍ରାରେ ଅଶ୍ଳୀଳ ନୃତ୍ୟ ବନ୍ଦ ପାଇଁ ଜୋର ଦିଆଯାଇଥିବା ବେଳେ ଏହାକୁ କଡ଼ାକଡ଼ି ପାଳନ କରାଯିବ । ଖଣ୍ଡଗିରି ମେଳା ପୂର୍ବରୁ ସୋମବାର ୭ଟି ଯାତ୍ରା କମିଟି ଓ କମିଶନରେଟ୍ ପୁଲିସ ମଧ୍ୟରେ ବସିଥିବା ମିଳିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ବୈଠକରେ ୭ଟି କମିଟିର କର୍ମକର୍ତ୍ତା ଉପସ୍ଥିତ ରହି ମେଳା ଓ ଯାତ୍ରା ପରିବେଷଣ ବେଳେ ଉପୁଜୁଥିବା ସମସ୍ୟା ବାବଦରେ ପୁଲିସକୁ ଅବଗତ କରିଥିଲେ ।

ଶୃଙ୍ଖଳିତ ଯାତ୍ରା ଉପରେ କମିଟି ସବୁବେଳେ ଗୁରୁତ୍ୱ ଦେଇଆସୁଛି । କମିଟିର ସ୍ୱେଚ୍ଛାସେବୀମାନେ ମଧ ବହୁତ ପରିଶ୍ରମ କରିଥାନ୍ତି । କେମିତି ଦର୍ଶକ ଆସି ଚୌକିରେ ବସିବେ, ଯାତ୍ରା ଦେଖିବେ ସେଦିଗରେ ସଚେତନ ଥାଆନ୍ତି ବୋଲି କମିଟି

- **ଢୁଲୁକିବ ପେଣ୍ଡାଲ୍, କମ୍ପିବ ମଞ୍ଚ**
- **ଶାନ୍ତିଶୃଙ୍ଖଳାର ସହ ହେବ ପରିବେଷଣ**
- **ଭିଡିଓକରିପାରିବେନି ୟୁଟ୍ୟୁବର**

କର୍ମକର୍ତ୍ତାମାନେ କହିଥିଲେ । ଏଥରକ ବି ମେଳା ଶାନ୍ତି, ଶୃଙ୍ଖଳାରେ କେମିତି ହେବ, ସେଉପରେ କର୍ମକର୍ତ୍ତାମାନେ କାମ କରିବେ । ମେଳା, ଯାତ୍ରା ବେଳେ ଲୋକଙ୍କ ପାଇଁ ଆବଶ୍ୟକ ମୋବାଇଲ ଟଏଲଟ ସହ ପାର୍କିଂ ବ୍ୟବସ୍ଥା ପାଇଁ ବିଏମସି ସହ ଆଲୋଚନା ହେବ । ପୁଲିସ ବି ରାସ୍ତାରେ ପଇଣ୍ଡରା ମାରିବା ସହ ବିଶୃଙ୍ଖଳା ଉପରେ ନଜର ରଖିବ ।

ବଡ଼କଥା, ଯାତ୍ରା ମଞ୍ଚସ୍ଥ ହେଉଥିବା ବେଳେ କିଛି ୟୁଟୁବର ତଥା ପିଲାମାନେ ହାତରେ ମୋବାଇଲ ଧରି ନାଟକର ଦୃଶ୍ୟକୁ ଭିଡିଓ କରି ଭାଇରାଲ କରାନ୍ତି । ଫଳରେ ଯେଉଁମାନେ ନାଟକ ଦେଖିବାକୁ ଆସିବା ପାଇଁ ଇଚ୍ଛା କରିବେ, ସେମାନେ ଭିଡିଓ ଦେଖି ଘରେ ରହୁଛନ୍ତି । ତେଣୁ ଏଥରକ ଯାତ୍ରା ମଞ୍ଚ ତଳେ କମିଟିର ସଦସ୍ୟମାନେ ଏହିଦିଗ ଉପରେ ନଜର ଦେବେ ବୋଲି ନିଷ୍ପତ୍ତି ହୋଇଥିଲା । ବୈଠକରେ କମିଶନରେଟ୍ ପୁଲିସର ବରିଷ୍ଠ ଅଧିକାରୀଙ୍କ ସହ ଖଣ୍ଡଗିରି ଥାନା ପୁଲିସ, କର୍ପୋରେଟର ଅଶ୍ୱିନୀ ସୁନ୍ଦରାୟ, ହିମାଂଶୁ ଛୋଟରାୟ, ନୃସିଂହ ସୁନ୍ଦରାୟ, କୃଷ୍ଣଚନ୍ଦ୍ର ଜେନା, ରଘୁନାଥ ମହାନ୍ତି, ଚତୁର୍ଭୁଜ ମାଝୀ, ବାନାମ୍ବର ହାଟୁଆ, ଅଜୟ ପଟ୍ଟନାୟକ, ତପନ ଜେନା, ଅଶୋକ ଜେନା, ଗୁଗୁଲି ରଣସିଂ ଓ ଦିନବନ୍ଧୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ପୂର୍ବ ଶତ୍ରୁତାରୁ ଭୟଙ୍କର ପରିଣାମ, ଏସିଡ୍ ଫିଙ୍ଗିଲେ ଯୁବକ

ପଟ୍ଟାମୁଣ୍ଡାଇ: ଯୁବକଙ୍କୁ ଏସିଡ୍ ମାଡ଼ । ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଏସିଡ୍ ମାଡ଼ ହୋଇଛି । ଯେଉଁଥିରେ ଯୁବକ ଜଣଙ୍କ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ବାଛରା ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି ।



ଖବର ଅନୁଯାୟୀ, ଦୀର୍ଘ ସମୟରେ ଧରି ରବିନ୍ଦ୍ର ସାହୁ ଓ ବିଜୟ ସାହୁଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା । ଯାହାର ପରିଣତି ଏବେ ଏସିଡ୍ ଆଟାକ ହୋଇଛି । ବିଜୟ ସାହୁ ପୂର୍ବ ରାଗ ରଖି ରବିନ୍ଦ୍ର ସାହୁଙ୍କ ଉପରକୁ ଏସିଡ୍ ଆଟାକ କରିଥିଲେ । ଯେଉଁଥିରେ ରବିନ୍ଦ୍ର ସାହୁ ଗୁରୁତର ହୋଇଥିଲେ । ଏହାପରେ ତୁରନ୍ତ ତାଙ୍କୁ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ଅବସ୍ଥା ଗୁରୁତର ଥିବାରୁ ରବିନ୍ଦ୍ରଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି । ରବିନ୍ଦ୍ର ବର୍ତ୍ତମାନ କଟକ ସ୍ଥିତ ଏସସିବି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି ।

ସେପଟେ ଏସିଡ୍ ମାଡ଼ ଘଟଣା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ପ୍ରଥମେ ଏସିଡ ଆଟାକ କରିଥିବା ବିଜୟ ସାହୁଙ୍କ ଅଟକ ରଖିଛି । ଏହାସହ ଘଟଣାସ୍ଥଳରୁ ତିନି ବୋଲର ଏସିଡ୍ ମଧ ଜବତ କରିଛି । ତେବେ ଏସିଡ୍ ବିକ୍ରି ଉପରେ ସରକାର କଟକଣା ଲଗାଇଥିବା ବେଳେ ଏତେ ପରିମାଣର ଏସିଡ କେଉଁ ସ୍ଥାନରୁ ଆଣିଲେ । ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ପଟ୍ଟାମୁଣ୍ଡାଇ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଇଲଗ୍ ୨୦୨୬କୁ ସମ୍ବୋଧନ କଲେ ପ୍ରଧାନମନ୍ତ୍ରୀ

ଭାରତର ଯୁବପିଢ଼ି ଦେଶକୁ ଦାସତ୍ୱର ମାନସିକତାରୁ ମୁକ୍ତ କରିବା ପାଇଁ ସଂକଳ୍ପ ନେବା ଉଚିତ

ନୂଆଦିଲ୍ଲୀ(ପିଆଇବି): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀରେ ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଇଲଗ୍ ୨୦୨୬ର ସମାପନୀ ଅଧିବେଶନରେ ଉଦବୋଧନ ଦେଇଛନ୍ତି। ଏହି ଅବସରରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଥିଲେ ଯେ, ଯେତେବେଳେ ସେ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଇଥିଲେ, ଆଜିର ଯୁବ ନାଗରିକଙ୍କ ମଧ୍ୟରୁ ଅନେକ ଜନ୍ମ ହୋଇନଥିଲେ ଏବଂ ଯେତେବେଳେ ସେ ୨୦୧୪ରେ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଶିଶୁ ଥିଲେ। ସମୟ ବିତିବା ସତ୍ତ୍ୱେ, ଯୁବ ପିଢ଼ି ପ୍ରତି ତାଙ୍କର ବିଶ୍ୱାସ ସ୍ଥିର ଏବଂ ଅଟଳ ରହିଛି ବୋଲି ସେ କହିଛନ୍ତି। ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ, ମୁଁ ସର୍ବଦା ତୁମର ସାମର୍ଥ୍ୟ, ତୁମର ପ୍ରତିଭା, ତୁମର ଉର୍ଜ୍ଜାରୁ ଶକ୍ତି ଆହରଣ କରିଛି ଏବଂ ଆଜି ଦେଖନ୍ତୁ, ଆପଣମାନେ ସମସ୍ତେ ଏକ ବିକଶିତ ଭାରତ ପରିକଳ୍ପନାର ନିୟନ୍ତ୍ରଣ ନେଉଛନ୍ତି। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ୨୦୪୭ ପର୍ଯ୍ୟନ୍ତ ସମୟ, ଯେତେବେଳେ କି ଭାରତ ତାଛ୬୩୯;ର ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ, ସେହି ଅବଧି ଉଭୟ ଦେଶ ଏବଂ ତାର ଯୁବପିଢ଼ି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଅଟେ। ସେ କହିଥିଲେ ଯେ ଯୁବ ଭାରତୀୟଙ୍କ ଶକ୍ତି ଏବଂ ଦକ୍ଷତା, ଭାରତର ଶକ୍ତିକୁ ଆକାର ଦେବା ସହ ସେମାନଙ୍କ ସଫଳତା ଦେଶକୁ ନୂତନ ଉଚ୍ଚତାରେ ପହଞ୍ଚାଇବ। ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଇଲଗ'ର ଅଂଶଗ୍ରହଣକାରୀମାନଙ୍କୁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ ଏକ ବିକଶିତ ଭାରତର ସ୍ୱପ୍ନ ହାସଲ କରିବାରେ ଯୁବ ନେତୃତ୍ୱର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଏହି କାର୍ଯ୍ୟକ୍ରମ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମବାର୍ଷିକୀ ସହିତ ମେଳ ଖାଉଛି। ଆମେ ସ୍ୱାମୀ ବିବେକାନନ୍ଦଙ୍କ ସ୍ମୃତିରେ ପ୍ରତିବର୍ଷ ଜାନୁଆରୀ ୧୨ ତାରିଖରେ ଜାତୀୟ ଯୁବ ଦିବସ ପାଳନ କରୁ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ, ଜାନୁଆରୀ ୧୨ ତାରିଖକୁ ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଇଲଗ୍ ପାଇଁ ବାଛିଛୁ। ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଆମ ସମସ୍ତଙ୍କ ପାଇଁ ଏକ ମହାନ ମାର୍ଗଦର୍ଶିକା ଶ୍ରୀ ମୋଦୀ ଗୁରୁତ୍ୱାରୋପ କରି କହିଥିଲେ। ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଇଲଗର ବର୍ଦ୍ଧିଷ୍ଣୁ ଲୋକପ୍ରିୟତା ଉପରେ ସନ୍ତୋଷ ପ୍ରକାଶ କରି ଶ୍ରୀ ମୋଦୀ ଏହାକୁ ଏକ ଶକ୍ତିଶାଳୀ ମଞ୍ଚ ଭାବରେ ବର୍ଣ୍ଣନା କରିଥିଲେ ଯାହା ଭାରତର ବିକାଶ ଏଜେଣ୍ଡା ଗଠନରେ ଯୁବପିଢ଼ିଙ୍କ ପ୍ରତ୍ୟକ୍ଷ ଅଂଶଗ୍ରହଣକୁ ସକ୍ଷମ କରିଥାଏ। ଶ୍ରୀ ମୋଦୀ ଆଲୋକପାତ କରିଥିଲେ, ଛକ୍ତଙ୍କକ୍ଟ୍ସ;ଏହି ପ୍ରୟାସରେ କୋଟି କୋଟି ଯୁବକ ଯୋଗଦାନ କରିବା, ୫୦ ଲକ୍ଷରୁ ଅଧିକ ପଞ୍ଜୀକରଣ, ୩୦ ଲକ୍ଷରୁ ଅଧିକ ଯୁବକ ବିକଶିତ ଭାରତ ଚ୍ୟାଲେଞ୍ଜରେ ଅଂଶଗ୍ରହଣ କରିବା ଏବଂ ଦେଶର ବିକାଶ ପାଇଁ ସେମାନଙ୍କର ଚିନ୍ତାଧାରା ବାଣ୍ଟିବା ସହିତ, ଯୁବଶକ୍ତିର ଏତେ ବଡ଼ ପରିମାଣର ଯୋଗଦାନ ଅଭୂତପୂର୍ବ। ମିଳିଥିବା ଉତ୍ତମ ମତାମତଗୁଡ଼ିକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ, ବିଶେଷକରି; ମହିଳା ନେତୃତ୍ୱାଧୀନ ବିକାଶ ଏବଂ ଗଣତନ୍ତ୍ରରେ ଯୁବ ଅଂଶଗ୍ରହଣ; ଭଳି ପ୍ରମୁଖ ବିଷୟବସ୍ତୁ ଉପରେ ଉପସ୍ଥାପିତ ବିଚାରଗୁଡ଼ିକୁ ବିଶେଷ ଭାବରେ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମ ସମୟରେ ଦିଆଯାଇଥିବା ଉପସ୍ଥାପନା ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ ଏହା ଏକ ବିକଶିତ ରାଷ୍ଟ୍ର ନିର୍ମାଣ ପାଇଁ ଭାରତର ଅମୃତ ପିଢିଙ୍କ ଦୃଢ଼ ସଂକଳ୍ପକୁ ପ୍ରତିଫଳିତ କରେ। ପ୍ରଧାନମନ୍ତ୍ରୀ ଭାରତର 'ଜେନ-ଜି'ଙ୍କ ସୃଜନଶୀଳତା ଏବଂ ନବସୃଜନଶୀଳ ମନୋଭାବ ଉପରେ ମଧ ଗୁରୁତ୍ୱାରୋପ କରିଥିଲେ ଏବଂ ଆଲୋଚନାର ସଫଳ ପରିଚାଳନା ପାଇଁ ସମସ୍ତ ଯୁବ ଅଂଶଗ୍ରହଣକାରୀ ଏବଂ ମେରା ଯୁବା ଭାରତ ସଂଗଠନର ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

ପ୍ରଧାନମନ୍ତ୍ରୀ ୨୦୧୪ ପୂର୍ବ ସମୟକୁ ସ୍ମରଣ କରି ଏହାକୁ ନୀତିଗତ ଜଡ଼ତା, ଅତ୍ୟଧିକ ନାଲିଫିତା ଏବଂ ଯୁବପିଢ଼ି ପାଇଁ ସୀମିତ ସୁଯୋଗର ଯୁଗ ଭାବରେ ବର୍ଣ୍ଣନା କରିଥିଲେ। ନିଷ୍ପତ୍ତି ଗ୍ରହଣରେ ବିଳମ୍ବ ଏବଂ ନୀତିଗୁଡ଼ିକର ଦୁର୍ବଳ କାର୍ଯ୍ୟକାରିତା ଯୋଗୁଁ ସେତେବେଳେ ଯୁବପିଢ଼ିଙ୍କୁ ଚାକିରି, ପରୀକ୍ଷା ଏବଂ ବ୍ୟବସାୟ ଆରମ୍ଭ କରିବା ପାଇଁ ଅନେକଗୁଡ଼ିଏ ଜଟିଳ ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡୁଥିଲା। ସେ ଗୁରୁତ୍ୱାରୋପ କରିଥିଲେ ଯେ ଆଜି ଯାହା ଅଜବ ମନେହେଉଛି ତାହା ଏକ ଦଶନ୍ଧି ପୂର୍ବେ ଏକ ନିତିଦିନିଆ ବାସ୍ତବତା ଥିଲା । ଏବେ ଶାସନରେ ଅଣାଯାଇଥିବା ସଂସ୍କାର କିପରି ଭାରତର ଯୁବପିଢ଼ିଙ୍କ ଅଭିଜ୍ଞତାକୁ ପରିବର୍ତ୍ତନ କରିଛି ତାହା ଉପରେ ସେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ପରିବର୍ତ୍ତନର ଏକ ଉଦାହରଣ ଭାବରେ ଉଲ୍ଲେଖ କରି କହିଥିଲେ ଯେ ଦଶନ୍ଧି ଧରି ବିଶ୍ୱସ୍ତରରେ ଷ୍ଟାର୍ଟଅପ୍ ସଂସ୍କୃତିରେ ଅଭିବୃଦ୍ଧି ସତ୍ତ୍ୱେ, ୨୦୧୪ ପୂର୍ବରୁ ଭାରତରେ ଷ୍ଟାର୍ଟଅପ୍ଗୁଡ଼ିକୁ ବହୁତ ସୀମିତ ଧ୍ୟାନ ଦିଆଯାଉଥିଲା। ଛକ୍ତଙ୍କକ୍ଟ୍ସ;୨୦୧୪ ପର୍ଯ୍ୟନ୍ତ, ଦେଶରେ ୫୦୦ ରୁ କମ୍ ପଞ୍ଜୀକୃତ ଷ୍ଟାର୍ଟଅପ୍ ଥିଲେ। ଷ୍ଟାର୍ଟଅପ୍ ସଂସ୍କୃତିର ଅଭାବ ସହ ପ୍ରତ୍ୟେକ କ୍ଷେତ୍ରରେ ଅତ୍ୟଧିକ ସରକାରୀ ହସ୍ତକ୍ଷେପ ରହୁଥିଲା । ଆମର ଯୁବ ପ୍ରତିଭା, ସେମାନଙ୍କର ସମ୍ଭାବନା, ସେମାନଙ୍କର ସ୍ୱପ୍ନ ପୂରଣ କରିବାର ସୁଯୋଗ ପାଇ ନଥିଲେ ଶ୍ରୀ ମୋଦୀ କହିଥିଲେ। ପ୍ରଧାନମନ୍ତ୍ରୀ ଭାରତର ଯୁବପିଢ଼ିଙ୍କ ଦକ୍ଷତା ଉପରେ ତାଙ୍କର ବିଶ୍ୱାସ କଥା ଉଲ୍ଲେଖ କରି କହିଛନ୍ତି ଯେ ଏହି ଆତ୍ମବିଶ୍ୱାସ ଯୁବ ଉଦ୍ଭାବକମାନଙ୍କୁ ସଶକ୍ତ କରିବା ଉପରେ କେନ୍ଦ୍ରିତ ଏକ ନୂତନ ବିକାଶ ଆଭିମୁଖ୍ୟକୁ ଜନ୍ମ ଦେଇଛି। ସେ ଷ୍ଟାର୍ଟଅପ୍ ଇଣ୍ଡିଆ, ଡିଜିଟାଲ୍ ଇଣ୍ଡିଆ, ବ୍ୟବସାୟ କରିବାର ସହଜତା ଏବଂ ଟିକସ ତଥା ଅନୁପାଳନର ସରଳୀକରଣ ଭଳି ପ୍ରମୁଖ ସଂସ୍କାର ଓ ପଦକ୍ଷେପଗୁଡ଼ିକ ସମ୍ପର୍କରେ କହିଥିଲେ, ଯାହା ପୂର୍ବରୁ ସରକାରୀ-ଆଧିପତ୍ୟ ଥିବା କ୍ଷେତ୍ରଗୁଡ଼ିକୁ ଉଦ୍ୟୋଗିତା ପାଇଁ ଖୋଲି ଦେଇ ଭାରତର ଷ୍ଟାର୍ଟଅପ୍ ବିପ୍ଲବକୁ ଇନ୍ଧନ ଯୋଗାଇଛି। ସେ ପ୍ରତିରକ୍ଷା କ୍ଷେତ୍ରରେ ପ୍ରମୁଖ ସଂସ୍କାର ମଧ ଉଲ୍ଲେଖ କରିଥିଲେ, ଯାହା ପୂର୍ବରୁ ସରକାରୀ କ୍ଷେତ୍ରର ଉଦ୍ୟୋଗ ଦ୍ୱାରା ପ୍ରାଧାନ୍ୟ ପାଇଥିଲା। "ଆଜି, ଭାରତରେ ୧୦୦୦ ରୁ ଅଧିକ ପ୍ରତିରକ୍ଷା ଷ୍ଟାର୍ଟଅପ୍ କାର୍ଯ୍ୟ କରୁଛନ୍ତି। ଜଣେ ଯୁବକ ଡ୍ରୋନ୍ ନିର୍ମାଣ କରୁଛନ୍ତି, ଅନ୍ୟ ଜଣେ ଡ୍ରୋନ୍ ନିରୋଧୀ ସିଷ୍ଟମ୍ ବିକଶିତ କରୁଛନ୍ତି, ଆଉ କେହି ଜଣେ ଏଆଇ-ଚାଳିତ କ୍ୟାମେରା ତିଆରି କରୁଛନ୍ତି, ପୁଣି ଅନ୍ୟମାନେ ରୋବୋଟିକ୍ସରେ କାମ କରୁଛନ୍ତି," ଶ୍ରୀ ମୋଦୀ କହିଥିଲେ। ପ୍ରଧାନମନ୍ତ୍ରୀ ନୂତନ ପିଢ଼ିର ସୃଷ୍ଟିକର୍ତ୍ତାଙ୍କୁ ପୋଷଣ କରିବା ଏବଂ ସଂସ୍କୃତି, ବିଷୟବସ୍ତୁ ଏବଂ ସୃଜନଶୀଳତା ଉପରେ କେନ୍ଦ୍ରିତ ଭାରତର 'ନାରଙ୍ଗୀ ଅର୍ଥନୀତି'ର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ଡିଜିଟାଲ୍ ଇଣ୍ଡିଆ ପଦକ୍ଷେପର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ, "ଭାରତ 'ନାରଙ୍ଗୀ ଅର୍ଥନୀତି' ଅର୍ଥାତ୍ ସଂସ୍କୃତି, ବିଷୟବସ୍ତୁ ଏବଂ ସୃଜନଶୀଳତାରେ ଅଭୂତପୂର୍ବ ଅଭିବୃଦ୍ଧି ଦେଖୁଛି। ଭାରତ ମିଡିଆ, ଫିଲ୍ମ, ଗେମିଂ, ସଙ୍ଗୀତ, ଡିଜିଟାଲ୍

ବିଷୟବସ୍ତୁ ଏବଂ ଭିଆର-ଏକ୍ସଆର ଭଳି କ୍ଷେତ୍ରଗୁଡ଼ିକରେ ଏକ ପ୍ରମୁଖ ଗ୍ଲୋବାଲ ହବ ଭାବରେ ଉଭା ହେଉଛି।" ଶ୍ରୀ ମୋଦୀ ଆହୁରି କହିଛନ୍ତି, ବିଶ୍ୱ ଅଡିଓ-ଭିଜୁଆଲ୍ ଏବଂ ମନୋରଞ୍ଜନ ସମ୍ମିଳନୀ (ୱେଭ୍ସ) ଯୁବ କ୍ରିଏଟରମାନଙ୍କ ପାଇଁ ଏକ ପ୍ରମୁଖ ଲଞ୍ଚପ୍ୟାଡ୍ ପାଲଟିଛି। ଅନ୍ୟ ପ୍ରକାରେ କହିଲେ, କ୍ଷେତ୍ର ନିର୍ବିଶେଷରେ, ଆଜି ଭାରତରେ ଅସୀମ ସୁଯୋଗର ଦ୍ୱାର ଖୋଲିଯାଉଛି। ସେ ଯୁବପିଢ଼ିଙ୍କୁ ସାହସିକ ଭାବରେ ସେମାନଙ୍କର ଚିନ୍ତାଧାରା ଅନୁସରଣ କରିବାକୁ ଆହ୍ୱାନ କରିଥିଲେ ଏବଂ ସେମାନଙ୍କ ପ୍ରତି ସରକାରଙ୍କ ନିରନ୍ତର ସମର୍ଥନର ଆଶ୍ୱାସନା ଦେଇଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଗତ ଦଶନ୍ଧିରେ ଆରମ୍ଭ ହୋଇଥିବା ସଂସ୍କାର ଏଜେଣ୍ଡାର କେନ୍ଦ୍ରରେ ଯୁବପିଢ଼ି ଅଛନ୍ତି ଏବଂ ଏହା ତ୍ୱରାନ୍ୱିତ ହୋଇଛି। ସେ ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ଏବଂ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କର ରିହାତି ଭଳି ପଦକ୍ଷେପଗୁଡ଼ିକୁ ଉଲ୍ଲେଖ କରିଥିଲେ, ଯାହା ପ୍ରକ୍ରିୟାଗୁଡ଼ିକୁ ସରଳ କରିଥାଏ ଏବଂ ଯୁବ ବୃତ୍ତିଗତ ଏବଂ ଉଦ୍ୟୋଗୀମାନଙ୍କ ପାଇଁ ସଞ୍ଚୟ ବୃଦ୍ଧି କରିଥାଏ। ଏଆଇ ଏବଂ ଉନ୍ନତ ଉତ୍ପାଦନ ଦ୍ୱାରା ପରିଚାଳିତ ଶକ୍ତିର ବର୍ଦ୍ଧିତ ଚାହିଦା ଉପରେ ଗୁରୁତ୍ୱାରୋପ କରି, ସେ ଉଲ୍ଲେଖ କରିଥିଲେ ଯେ ବେସାମରିକ ପରମାଣୁ ଶକ୍ତିରେ ସଂସ୍କାରଗୁଡ଼ିକ ନିର୍ଭରଯୋଗ୍ୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା, ବଡ଼ ପରିମାଣରେ ନିଯୁକ୍ତି ସୃଷ୍ଟି କରିବା ଏବଂ ଅର୍ଥନୀତିରେ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ଲକ୍ଷ୍ୟରେ କରାଯାଇଛି। ପ୍ରଧାନମନ୍ତ୍ରୀ ବିଶ୍ୱସ୍ତରରେ କର୍ମଶକ୍ତି ଅଭାବ ଉପରେ ଆଲୋକପାତ କରିଥିଲେ ଏବଂ ଭାରତର ଯୁବପିଢ଼ିଙ୍କୁ ଅନ୍ତର୍ଜାତୀୟ ସୁଯୋଗ ପାଇଁ ପ୍ରସ୍ତୁତ କରିବା ପାଇଁ ଭାରତର ରଣନୀତି ଉପରେ ଗୁରୁତ୍ୱାରୋପ କରିଥିଲେ। ଆମର ପ୍ରୟାସ ହେଉଛି ଭାରତର ଯୁବପିଢ଼ି ବିଶ୍ୱବ୍ୟାପୀ ଉଦୀୟମାନ ସୁଯୋଗ ପାଇଁ ପ୍ରସ୍ତୁତ ହେବା ନିଶ୍ଚିତ କରିବା। ତେଣୁ, ଦକ୍ଷତା ବିକାଶ ସହିତ ଜଡିତ କ୍ଷେତ୍ରରେ ନିରନ୍ତର ସଂସ୍କାର କରାଯାଉଛିଛକ୍ତଙ୍କକ୍ଟ୍ସ;, ଶ୍ରୀ ମୋଦୀ କହିଥିଲେ। ସେ ଆହୁରି ମଧ କହିଥିଲେ ଯେ ନୂତନ ଜାତୀୟ ଶିକ୍ଷା ନୀତି ପରେ, ବର୍ତ୍ତମାନ ଉଚ୍ଚଶିକ୍ଷା ସହିତ ଜଡିତ ନିୟମାବଳୀ ସଂଶୋଧନ କରାଯାଉଛି। "ବିଦେଶୀ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ ଭାରତରେ ସେମାନଙ୍କର କ୍ୟାମ୍ପସ ଖୋଲୁଛନ୍ତି। ସମ୍ପ୍ରତି ହଜାର ହଜାର କୋଟି ଟଙ୍କା ନିବେଶରେ ପ୍ରଧାନମନ୍ତ୍ରୀ ସେତୁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହା ଅଧୀନରେ, ହଜାର ହଜାର ଆଇଟିଆଇକୁ ଉନ୍ନତ କରାଯିବ ଯାହା ଦ୍ୱାରା ଯୁବପିଢ଼ିଙ୍କୁ ଶିଳ୍ପର ବର୍ତ୍ତମାନ ଏବଂ ଭବିଷ୍ୟତ ଆବଶ୍ୟକତା ଅନୁଯାୟୀ ତାଲିମ ଦିଆଯାଇପାରିବ" ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ । ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଦେଶକୁ ଆତ୍ମନିର୍ଭରଶୀଳ ଏବଂ ବିକଶିତ କରିବା ପାଇଁ ଆତ୍ମବିଶ୍ୱାସ ଜରୁରୀ। ମୈକାଲେଙ୍କ ଔପନିବେଶିକ ଯୁଗର ଶିକ୍ଷା ନୀତିଗୁଡ଼ିକ ବିଷୟରେ ଉଲ୍ଲେଖ କରି ସେ କହିଥିଲେ ଯେ ତାହା ଭାରତୀୟମାନଙ୍କ ମଧ୍ୟରେ ନିଜସ୍ୱ ଐତିହ୍ୟ, ଉତ୍ପାଦ ଏବଂ କ୍ଷମତା ପ୍ରତି ହୀନମନ୍ୟତା ସୃଷ୍ଟି କରିଥିଲା । ଏହି ମାନସିକତାରୁ ବାହାରି ଆସିବା ପାଇଁ ଭାରତର ଯୁବପିଢ଼ିଙ୍କୁ ସାମୂହିକ ଭାବରେ ସଂକଳ୍ପ ନେବାକୁ ଆହ୍ୱାନ କରି ଶ୍ରୀ ମୋଦୀ କହିଥିଲେ, "ଦଶ ବର୍ଷ ମଧରେ ମୈକାଲେଙ୍କ ଏହି ଦୁରାଭିସନ୍ଧିପୂର୍ଣ୍ଣ ନୀତି ୨୦୦ ବର୍ଷ ପୂରଣ କରିବ, ତେଣୁ ଦେଶର ପ୍ରତ୍ୟେକ ଯୁବକ ଭାରତକୁ ଏହି ମାନସିକତାରୁ ମୁକ୍ତ କରିବା ପାଇଁ ସଂକଳ୍ପ ନେବା ଉଚିତ।"

ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ 'ନିଶାମୁକ୍ତ କ୍ୟାମ୍ପସ ଅଭିଯାନ'ର ଶୁଭାରମ୍ଭ

'ନିଶାମୁକ୍ତ କ୍ୟାମ୍ପସ ଅଭିଯାନ'କୁ ସଫଳ କରିବା ପାଇଁ ନେବା ଦୃଢ଼ ସଂକଳ୍ପ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ: ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପରିସରରେ ଆଜି ଭାରତର ମାନ୍ୟବର ଉପରାଷ୍ଟ୍ରପତି ଶ୍ରୀ ସି.ପି. ରାଧାକ୍ରିଷ୍ଣନ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ 'ନିଶାମୁକ୍ତ କ୍ୟାମ୍ପସ ଅଭିଯାନ' ଶୁଭାରମ୍ଭ ହୋଇଯାଇଛି ।

ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହା କେବଳ ଏକ ଅଭିଯାନ ନୁହେଁ, ବରଂ ଆମର ଯୁବଶକ୍ତି, ସମାଜ ଏବଂ ରାଷ୍ଟ୍ର ପ୍ରତି ଏକ ଦୃଢ଼ ସଂକଳ୍ପ । ଦିଲ୍ଲୀ ବିଶ୍ୱବିଦ୍ୟାଳୟ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ, ବରଂ ଏହା ନୂତନ ଚିନ୍ତାଧାରା ଏବଂ ମୂଲ୍ୟବୋଧ ସୃଷ୍ଟିର ଏକ ସଶକ୍ତ କେନ୍ଦ୍ର । ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଶା ସେବନ ଭଳି ଏକ ଗମ୍ଭୀର ଚ୍ୟାଲେଞ୍ଜର ସମାଧାନ ପାଇଁ ନିଆଯାଇଥିବା ଏହି ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ । ଏହି ଅଭିଯାନ ମାଧମରେ ବିଶ୍ୱବିଦ୍ୟାଳୟ ଏକ ଅତ୍ୟନ୍ତ ଗମ୍ଭୀର ଏବଂ ଯୁବ-କୈନ୍ଦ୍ରିକ ଆହ୍ୱାନର ସମାଧାନ ଦିଗରେ ଏକ ସଫଳ ପଦକ୍ଷେପ ଗ୍ରହଣ କରିଛି । ଏଭଳି ପରିପ୍ରେକ୍ଷୀରେ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଏହି ଅଭିଯାନ ନିଶା ବିରୋଧରେ ଚାଲିଥିବା ଦେଶବ୍ୟାପୀ ଆନ୍ଦୋଳନର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବରେ ଉଭା ହେବ ।

ଶ୍ରୀ ପ୍ରଧାନ କହିଛନ୍ତି, ନିଶା କେବଳ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ନୁହେଁ, ବରଂ ଏହା ଦେଶର ଭବିଷ୍ୟତ ତଥା ଦକ୍ଷ ନାଗରିକ ଗଠନ ପଥରେ ଏକ ବଡ଼ ବିପଦ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ'ର ସ୍ୱପ୍ନ ସେତେବେଳେ ସଫଳ ହେବ, ଯେତେବେଳେ ଆମର ଯୁବପିଢ଼ି ସୁସ୍ଥ, ସଚେତନ, ଆତ୍ମନିର୍ଭର ହେବା ସହ ସମାଜରେ ସକରାତ୍ମକ ପରିବର୍ତ୍ତନ ପାଇଁ ଉଦ୍ଦେଶ୍ୟ ରଖିବେ । 'ବିକଶିତ ଭାରତ'ର ମାର୍ଗ 'ନିଶାମୁକ୍ତ ଯୁବଶକ୍ତି' ଦେଇ ହିଁ ଗତି କରିଥାଏ । ଏହି ଦୂରଦର୍ଶୀ ଏବଂ ପ୍ରେରଣାଦାୟୀ ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ଶୁଭେଚ୍ଛା ଜଣାଇବା ସହ ଏହି ଅଭିଯାନରେ ସକ୍ରିୟ ଅଂଶଗ୍ରହଣ କରି ଏହାକୁ ଏକ 'ଜନ-ଆନ୍ଦୋଳନ'ରେ ପରିଣତ କରିବାକୁ ଆହ୍ୱାନ ଦେଇଛନ୍ତି । ନିଶାମୁକ୍ତ, ସୁସ୍ଥ ତଥା ସଶକ୍ତ ଭାରତ ନିର୍ମାଣରେ ନିଜର ଅଗ୍ରଣୀ ଭୂମିକା ନିର୍ବାହ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ।

ଏହି ଅବସରରେ ମାନ୍ୟବର ଉପରାଷ୍ଟ୍ରପତି 'ନିଶାମୁକ୍ତ ପରିସର ଅଭିଯାନ' ଅଧୀନରେ ଏକ ସ୍ୱତନ୍ତ୍ର ଇ-ଶପଥ ପ୍ଲାଟଫର୍ମ (https://pledge.du.ac.in/home) ଏବଂ ମୋବାଇଲ୍ ଆପ୍ଲିକେସନର ମଧ ଶୁଭାରମ୍ଭ କରିଛନ୍ତି। ଏଥିସହ ସେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଏଥିରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଏବଂ ନିଶାମୁକ୍ତ କ୍ୟାମ୍ପସ ପାଇଁ ଶପଥ ନେବାକୁ ଆହ୍ୱାନ କରିଛନ୍ତି । ଏହି 'ନିଶାମୁକ୍ତ କ୍ୟାମ୍ପସ ଅଭିଯାନ' ଯେପରି ସମସ୍ତ କେନ୍ଦ୍ରୀୟ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେବ, ତାହା ନିଶ୍ଚିତ କରିବାକୁ ସେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପରାମର୍ଶ ଦେଇଛନ୍ତି ।

ବିଦ୍ୟାଳୟ ବାର୍ଷିକ କ୍ରୀଡା ଉତ୍ସବରେ ୬ ଛାତ୍ରୀ ଗୁରୁତର : ମେଡିକାଲରେ ଭର୍ତ୍ତି

ଧାମନଗର(ମାନିସ): ବାର୍ଷିକ କ୍ରୀଡା ଉତ୍ସବର ଦ୍ୱିତୀୟ ଦିନରେ କ୍ରୀଡା ପ୍ରତିଯୋଗିତା ହେଉଥିବା ସମୟରେ ହଟାତ ୬ ଜଣ ଛାତ୍ରୀ ଅସୁସ୍ଥତା ହେବା ଫଳରେ ପ୍ରଥମେ ପ୍ରାଥମିକତା ଚିକିତ୍ସା ଓ ପରେ ଅତ୍ୟଧିକ ଗୁରୁତର ହେବାରୁ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମୁଖ୍ୟ ଡାକ୍ତଖାନାକୁ ସ୍ଥାନାନ୍ତର ହେବା ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି।ସୂଚନା ମୁତାବକ ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତର କୋରୁଆ ଉଚ୍ଚ ପ୍ରାଥମିକ ସରକାରୀ ବିଦ୍ୟାଳୟ ସାମ୍ନାରେ ଥିବା ପଡ଼ିଆରେ ଗତ ଦୁଇ ଦିନ ଧରି ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହେଉଥିଲା । ଏହି କ୍ରୀଡା ପ୍ରତିଯୋଗିତା ମଧ୍ୟରେ ବିଦ୍ୟାଳୟରେ ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀ ବିଭିନ୍ନ ଖେଳରେ ଅଂଶଗ୍ରହଣ କରିଥିଲେ । ମଙ୍ଗଳବାର ଅନ୍ତିମ ଦିବସରେ ପୁଚି ଖେଳ ପ୍ରତିଯୋଗିତାରେ ଭାଗ ନେଇଥିବା ୬, ୭ ଓ ୮ ମ ଶ୍ରେଣୀର ମୋଟ ୬ ଜଣ ଛାତ୍ରୀ ହଟାତ ମୁଣ୍ଡ ବୁଲେଇବା ସହ ଅଚେତ ହୋଇ

ପଡ଼ିଥିଲେ। ଉପସ୍ଥିତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ତୁରନ୍ତ ଛାତ୍ରୀମାନଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରାଇଥିଲେ । ତେବେ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଗୁରୁତର ହେବାରୁ ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅସୁସ୍ଥ ଛାତ୍ରୀ ମାନେ ହେଲେ ଲକ୍ଷ୍ମି ବେହୁରିଆ, ଶ୍ରୀୟାରାଣୀ ନାଥ, ଶ୍ରୀୟା ବେହୁରିଆ, ସୁଭସ୍ମିତା ନାଥ, ଦୀପଶିଖା ମହାକୁଡ଼, ସିଦ୍ଧି ମିଶ୍ର । ଏହି ଅଭାବନୀୟ ଘଟଣାର ଖବର ପାଇ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଧାମନଗର ପ୍ରତିନିଧି ଅଶୋକ କୁମାର ପୁହାଣ ,ପ୍ରାକ୍ତନ ବ୍ଲକ ଅଧକ୍ଷ ଅଶୋକ ନାୟକ, ବିଜେପି ମଣ୍ଡଳ ସଭାପତି ଶ୍ରୀକାନ୍ତ ନାୟକ ପ୍ରମୁଖ ମେଡିକାଲରେ ପହଞ୍ଚି ଅସୁସ୍ଥ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିଲେ।ଉଲ୍ଲେଖଯୋଗ୍ୟ ଯେ ଏହି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହୋଇଥାଏ। ଘଟଣା ସମ୍ପର୍କରେ ପ୍ରଧାନ ଶିକ୍ଷକ ଉଦୟକର ଦାସ କହିଛନ୍ତି ପୁଚି ଖେଳିବା ସମୟରେ ୬ ଜଣ ଛାତ୍ରୀଙ୍କ ହଟାତ ମୁଣ୍ଡ ବୁଲେଇ ଥିଲା, ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିଲା, ହେଲେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି । ଖବର ଲେଖା ହେବା ବେଳକୁ ସମସ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ରହିଛି, ଡାକ୍ତରଙ୍କ ପରାମର୍ଶ କ୍ରମେ ରାତି ସୁଧା ସେମାନଙ୍କୁ ଘରକୁ ଯିବେ। ତେବେ ଖେଳର ଆବଶ୍ୟକ ସରଞ୍ଜାମ ନରହିବା ସହ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଉପଯୁକ୍ତ ଯତ୍ନବାନ ନନେବା ଫଳରେ ଏପରି ଅଘଟଣ ଘଟିଲା ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

ତିନି ଅନାଥ ପିଲାଙ୍କୁ ହସ୍ତାନ୍ତର କଲେ ସମାଜ ସେବୀ ରଜନୀ

ବଲାଣି (ମାନସି): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅଧୀନରେ ଥିବା ସହିଦ ନଗର ୱାର୍ଡ ନମ୍ବର ୭ର ବାସିନ୍ଦା ଅଜୟ ମହାକୁଡ଼ ଙ୍କ ତିନି ସନ୍ତାନ ସୁରଜ ମହାକୁଡ଼, କାନିଆଁ ମହାକୁଡ଼, ଶିବରାଜ ମହାକୁଡ଼, ଙ୍କୁ ଆଜି ସମାଜ ସେବୀ ରଜନୀ ରାଉ ସେରେଣ୍ଡା ସ୍ଥିତ ଆଦିବାସୀ ବିକାଶ ସମିତି ଆଶ୍ରମରେ ଭର୍ତ୍ତି କରିଲେ କ୍ଷସୂଚନା ମୁତାବକ ଅଜୟ ମହାକୁଡ଼ ଚାରିବର୍ଷ ତଳେ ଅଜଣା ରୋଗରେ ଆକ୍ରାନ୍ତ ହୋଇ ତାଙ୍କର ମୃତ୍ୟୁ ହୋଇଥିଲା, ମୃତ୍ୟୁ ର କିଛି ମାସପରେ ସ୍ତ୍ରୀ ଅନ୍ୟ ପୁରୁଷଙ୍କ ସହ ବିଭାଗ କରି ଫେରାର ହୋଇଗଲେ, ତିନି ସନ୍ତାନ ଙ୍କ ସେବା ଯତ୍ନ ତାଙ୍କ ଆଈ କରୁଥିଲେ କିନ୍ତୁ ତିନିମାସ ପୂର୍ବରୁ ତାଙ୍କ ଆଈ ଙ୍କ ମୃତ୍ୟୁ ହେଲା କ୍ଷତିନି କମଳଜାତ ଶିଶୁ ଛକ ବଜାରରେ ଭିକ୍ଷା ବୃତ୍ତି କରି

ନିଜର ଗୁଜୁରାଣ ମେଣ୍ଟାଉଥିଲେ, ଭିକ୍ଷା କରି ଯାହା ମିଳିଲା ତାହା ତିନିଜଣ ବାଣ୍ଟି ଖାଆନ୍ତି, ଏଣୁ ସମାଜ ସେବୀ ରଜନୀ ରାଉ ତିନି ଜଣଙ୍କ ପାଇଁ ପିନ୍ଧିବା ବସ୍ତ୍ର କିଣିଦେଇ ଆଜି ପଦ୍ମଶ୍ରୀ ଡକ୍ଟର ତୁଳସୀ ମୁଣ୍ଡା ଙ୍କ ଆଶ୍ରମରେ ଭର୍ତ୍ତି କରାଇଲେ କ୍ଷରଜନୀ ରାଉ ଏଭଳି କାର୍ଯ୍ୟ କରିଥିବାରୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା ର ସୁଅ ଛୁଟୁଛି ।

ଆଦାନୀ ଫାଉଣ୍ଡେସନ ପକ୍ଷରୁ ସେପାକ୍ ଟାକ୍ରେ ଆସୋସିଏସନକୁ ସହାୟତା

ଧାମରା: କ୍ରୀଡ଼ା ଓ ଯୁବ ପ୍ରତିଭାକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ସମୟରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଅତ୍ୟାବଶ୍ୟକ କ୍ରୀଡ଼ା ଉପକରଣ ଯୋଗାଇ ଦିଆଯାଉଅଛି । ତୃଣମୂଳ ସ୍ତରରେ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଏବଂ ସ୍ଥାନୀୟ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଆଦାନୀ ଫାଉଣ୍ଡେସନର ଏହା ଏକ ନିରନ୍ତର ପ୍ରୟାସ । ଏହି କ୍ରମରେ ଭଦ୍ରକ ଜିଲା ସେପାକ୍ ଟାକ୍ରେ ଆସୋସିଏସନ୍କୁ କ୍ରୀଡ଼ା ଉପକରଣ ସହାୟତା ଯୋଗାଇ ଦିଆଯାଇଛି । ଆଦାନୀ ଫାଉଣ୍ଡେସନର ଏହି ସହାୟତା ଆକାଂକ୍ଷୀ ସେପାକ୍ ଟାକ୍ରେ ଖେଳାଳିମାନଙ୍କ ପାଇଁ ତାଲିମ ସୁବିଧାକୁ ଅଧିକ ସୁଦୃଢ଼ କରିବ । ଏହା ଦ୍ୱାରା ସେମାନଙ୍କର ଦକ୍ଷତା ବୃଦ୍ଧି ହେବା ସହ ଜିଲା, ରାଜ୍ୟ ଏବଂ ଜାତୀୟ ସ୍ତରରେ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ



ବୋଲି ଆଶା କରାଯାଉଛି । ବର୍ତ୍ତମାନ ୧୫ ଜଣ ପୁଅ ଓ ୧୫ ଜଣ ଝିଅଙ୍କ ସମେତ ୩୦ ଜଣ ଖେଳାଳିଙ୍କ ଏକ ଉତ୍ସର୍ଗୀକୃତ ଦଳ ଉଚ୍ଚସ୍ତରରେ ପ୍ରଦର୍ଶନ ଏବଂ ପ୍ରତିନିଧିତ୍ୱ ହାସଲ କରିବା ଲକ୍ଷ୍ୟରେ ସକ୍ରିୟ ଭାବରେ ତାଲିମ ନେଉଛନ୍ତି । ଭଦ୍ରକ ଜିଲା ସେପାକ୍ ଟାକ୍ରେ ଆସୋସିଏସନ୍ର ସଦସ୍ୟମାନେ ଆଦାନୀ ଫାଉଣ୍ଡେସନକୁ ନିରନ୍ତର ସମର୍ଥନ ପାଇଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ସହାୟତା ଖେଳାଳିମାନଙ୍କ ପାଇଁ ପ୍ରେରଣା ହୋଇ ଏକ ଦୃଢ଼ ଉତ୍ସ ଭାବେ କାର୍ଯ୍ୟ କରିବ ଏବଂ ଏହି ଅଞ୍ଚଳରେ ସେପାକ୍ ଟାକ୍ରେର ସାମଗ୍ରିକ ବିକାଶ ଏବଂ ପ୍ରୋତ୍ସାହନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆସୋସିଏସନ ପକ୍ଷରୁ କୁହାଯାଇଛି ।

MINISTRY OF SKILL DEVELOPMENT
& ENTREPRENEURSHIP
GOVERMENT OF INDIA

Skill India
कौशल भारत - कुशल भारत

ଭାରତ ସରକାର

ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ

****

ନ୍ୟାସନାଲ କାଉନସିଲ ଫର୍ ଭୋକେସନାଲ୍ ଏଜୁକେସନ୍ ଆଣ୍ଡ୍ ଟ୍ରେନିଂ (ଏନସିଭିଇଟି), ନୂଆ ଦିଲ୍ଲୀ, (କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର ପ୍ରଶାସନିକ ନିୟନ୍ତ୍ରଣ ଅଧୀନରେ ଏକ ଅଣ-ସାମ୍ବିଧାନିକ ନିୟାମକ ପ୍ରାଧିକରଣ) ଖାଲିଥିବା ଗୋଟିଏ (୦୧) ଟି କାର୍ଯ୍ୟନିର୍ବାହୀ ସଦସ୍ୟ ପଦବୀ ପାଇଁ ଆବେଦନ ଆମନ୍ତ୍ରିତ କରାଯାଉଛି।

ଯୋଗ୍ୟତା ମାନଦଣ୍ଡ, ନିର୍ଦ୍ଧାରିତ ପ୍ରୋଫର୍ମା ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସୂଚନା ସହିତ ବିସ୍ତୃତ ବିଜ୍ଞାପନ ଏହି ମନ୍ତ୍ରଣାଳୟର ୱେବସାଇଟରେ (http://www.msde.gov.in) ଉପଲବ୍ଧ। ଆଗ୍ରହୀ ପ୍ରାର୍ଥୀମାନେ ସେମାନଙ୍କର ସମସ୍ତ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଆବେଦନପତ୍ର ନିର୍ଦ୍ଧାରିତ ଫର୍ମାଟରେ ଯୁଗ୍ମ ନିର୍ଦ୍ଦେଶକ (ଇଏଣ୍ଡପି ଉଇଙ୍ଗ୍)ଙ୍କୁ ଇମେଲ ecopol-msde@gov.in ମାଧ୍ୟମରେ କିମ୍ବା ଡାକରେ ୦୯ ମାର୍ଚ୍ଚ, ୨୦୨୬ ସନ୍ଧ୍ୟା ୫:୩୦ରେ କିମ୍ବା ପୂର୍ବରୁ ପଠାଇପାରିବେ।

ସ୍ଥାନ: ନୂଆଦିଲ୍ଲୀ
ତାରିଖ: ୧୨ ଜାନୁଆରୀ, ୨୦୨୬

ସା/-
ଯୁଗ୍ମ ନିର୍ଦ୍ଦେଶକ,
ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ

CBC- 63101/11/0013/2526

MBA/25-26/0554

ଶିଶିର ସରସ ୨୦୨୬ ଚତୁର୍ଥ ଦିନ କର୍ମଶାଳା

ବଜାର ସଫଳତା ପାଇଁ ପ୍ୟାକେଜିଂର ଗୁରୁତ୍ୱ

ଭୁବନେଶ୍ୱର: ଭୁବନେଶ୍ୱରସ୍ଥିତ ଇଡ୍କୋ ପଡ଼ିଆରେ ଚାଲିଥିବା ବାର୍ଷିକ ଶିଶିର ସରସ-୨୦୨୬ରେ ପ୍ରତିଦିନ କୌଣସି ବିଷୟବସ୍ତୁକୁ ନେଇ କର୍ମଶାଳା ଆୟୋଜନ କରାଯାଉଅଛି ,ଯାହାକି ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ କରିବାରେ ସହାୟକ ହେଉଛି । ଏହି କ୍ରମରେ ଆଜି ଏହି ମେଳାର ୪ର୍ଥ ଦିନରେ 'ବଜାର ସଫଳତା ପାଇଁ ପ୍ୟାକେଜିଂ: ଗ୍ରାମୀଣ ପଣ୍ୟର ଶେଲ୍ଫ ଲାଇଫ୍ ବୃଦ୍ଧି, ବ୍ରାଣ୍ଡିଂ ଓ ପ୍ରତିସ୍ପର୍ଦ୍ଧାକୁ ସୁଦୃଢ କରିବା' ବିଷୟ ଆଧାରିତ କର୍ମଶାଳା ଆୟୋଜିତ ହୋଇଥିଲା । ଏହି କର୍ମଶାଳା ଓରମାସ୍ ଦ୍ୱାରା ଆୟୋଜିତ ହୋଇଥିବା ବେଳେ, ମୁମ୍ବାଇସ୍ଥିତ ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ପ୍ୟାକେଜିଂ (ଆଇଆଇପି) ପକ୍ଷରୁ



ବୈଷୟିକ ସହଯୋଗ ମିଳିଥିଲା। ଆଇଆଇପି ର ବିଶେଷଜ୍ଞ ଡ. ବାବୁରାଓ ଗୁଡୁରି ଓ ଡ. ସୁବୋଧ ଜୟକର ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧନ କରି ବୈଜ୍ଞାନିକ ଓ ନୂତନ ପ୍ୟାକେଜିଂ ପଦ୍ଧତି ଦ୍ୱାରା ଉତ୍ପାଦର ସେଲ୍ଫ ଲାଇଫ୍ ବୃଦ୍ଧି, ସୁରକ୍ଷା, ଆକର୍ଷଣୀୟ ବ୍ରାଣ୍ଡ ପରିଚୟ ଓ ଗ୍ରାହକଙ୍କ ଆକର୍ଷଣ ବଢ଼ିଥାଏ ବୋଲି ଉଲ୍ଲେଖ କରିଥିଲେ ।

କର୍ମଶାଳାର ଅଧିବେଶନରେ ବିଭିନ୍ନ ଜିଲାରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, ଗ୍ରାମୀଣ ଉଦ୍ୟୋଗୀ ଏବଂ ଅନ୍ୟାନ୍ୟ ସହଭାଗୀମାନେ ସକ୍ରିୟ ଭାଗ ନେଇଥିଲେ । ବିଶେଷଜ୍ଞମାନେ ଆଧୁନିକ ପ୍ୟାକେଜିଂ ପଦ୍ଧତି, କମ୍ ଖର୍ଚ୍ଚର ସାମଗ୍ରୀ ବ୍ୟବହାର, ଲେବଲିଂ ମାନଦଣ୍ଡ ଓ ବଜାରମୁଖୀ ଉତ୍ପାଦ ପ୍ରସ୍ତୁତି ବିଷୟରେ ଜ୍ଞାନ ପ୍ରଦାନ କରିଥିଲେ । ଅଂଶଗ୍ରହଣକାରୀଙ୍କ କ୍ଷମତା ବୃଦ୍ଧି କରି ଗ୍ରାମୀଣ ପଣ୍ୟକୁ ରାଜ୍ୟ ଓ ଜାତୀୟ ସ୍ତରରେ ମାର୍କେଟିଂ ଓ ପ୍ରତିସ୍ପର୍ଦ୍ଧାମନୋଭାବ ଦ୍ୱାରା ଜୀବିକା ଓ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ।

ସଂଘବଦ୍ଧ ଆକ୍ରମଣରେ

ନାବାଳକ ଆହତ, ୨ ଗିରଫ

ବାରଙ୍ଗ(ମାନିସ): ବାରଙ୍ଗ ଥାନା ଅନ୍ତର୍ଗତ ଗଦେଇକୁଦ ଠାରେ ସଙ୍ଘବଦ୍ଧ ଆକ୍ରମଣରେ ଜଣେ ନାବାଳକ ଆହତ ହୋଇ ଥିବା ଫୁଲପୋଖରୀ ଗ୍ରାମର ଶୁଭମ ପାଣି (୧୭) ଲିଖିତ ଅଭିଯୋଗ ଭର୍ତ୍ତି କରିଥିଲେ , ସୀତାରାମ ବଜାରର ୨ଜଣ ଯୁବକଙ୍କୁ ବାରଙ୍ଗ ଥାନା ପୋଲିସ ଗିରଫ କରିଛି । ସୂଚନା ମୁତାବକ ଶୁଭମ ପାଣିଙ୍କୁ ରାହୁଲ ଶ୍ରୀଚନ୍ଦନ ଏବଂ ତାଙ୍କର ତିନି ଜଣ ସହଯୋଗୀ ଗଦେଇକୁଡା ଖେଳ ପଡ଼ିଆ ନିକଟରେ ତାଙ୍କୁ ଲୁହା ରଡ଼ ସାହାଯ୍ୟ ନିର୍ମମ ଭାବରେ ଆକ୍ରମଣ କରିଥିଲେ। ଯାହା ଫଳରେ ତାଙ୍କ ହାତ, ଗୋଡ ଏବଂ ମୁଣ୍ଡରେ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକମାନେ ପାଣି ଛିଞ୍ଚି ତାଙ୍କୁ ଚେତା ଆଣିବା ସହିତ ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ମଙ୍ଗଳ ବାର ଦିନ ରାହୁଲ ଚନ୍ଦନ ଓ ବୁଟୁ ରାଉତଙ୍କ ସମେତ ଆକର୍ମଣ ବେବହାର ଲୁହା ରଡ଼ ଉଦ୍ଧାର କରି ଦୁଇ ଅଭିଯୁକ୍ତ ଗିରଫ କରାଯାଇ କୋର୍ଟକୁ ପଠାଯାଇଛି ବୋଲି ସୂଚନା ପ୍ରଦାନ କରିଛନ୍ତି ବାରଙ୍ଗ ଥାନା ଭାର ପ୍ରାପ୍ତ ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ।

e-mail ID – eephctcii@gmail.com
sephdctc521@gmail.com

GOVERNMENT OF ODISHA

OFFICE OF THE SUPERINTENDING ENGINEER,
P. H. DIVISION, CUTTACK

e-procurement Notice for Bid Identification No. SEPH-DIVISION, CTC- 52 of 2025-26

1.	Name of the work	:- 1 No PH Work
2.	Estimated cost	:- Rs. 43.39 Lakh
3.	Period of completion	:- 1 month
4.	Date & time of availability of bid document in the portal	:- 16.01.2026 from 11.00 AM to 27.01.2026 upto 5.00 PM
5.	Last date & time of seeking clarification	:- 20.01.2026 upto 5.00 P.M
6.	Last date / time of receipt of bids in the portal	:- 27.01.2026 upto 5.00 PM
7.	Date & time of opening of bids	:- 28.01.2026 at 11.00 AM
8.	Name and address of the officer inviting bid	:- I/C Superintending Engineer P.H. Division, Cuttack-753004, Odisha. Ph. (0671) 2441063, email :- eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in

Sd/-
I/C Superintending Engineer
P.H. Division, Cuttack

OIPR- C- 2064

MBA/25-26/0555

ମାତୃଭାଷା

୬୯ତମ ଜାତୀୟ ବିଦ୍ୟାଳୟ ସମୂହ ତୀରନ୍ଦାଜ୍ ପ୍ରତିଯୋଗିତାରେ ଓଡ଼ିଶାର ସଫଳତା

ଭୁବନେଶ୍ୱର, ୧୩।୧: ଝାଡ଼ଖଣ୍ଡ ରାଂଚିଠାରେ ଆୟୋଜିତ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ତୀରନ୍ଦାଜ୍ ପ୍ରତିଯୋଗିତାରେ ଓଡ଼ିଶାର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ମୋଟ୍ ୪ ଟି ସ୍ୱର୍ଣ୍ଣ, ୫ ଟି ରୌପ୍ୟ ଓ ୧ ଟି ବ୍ରୋଞ୍ଜ ପଦକ ହାସଲ୍ କରିପାରିଛି । ଏଥିସହ ଓଡ଼ିଶା ଜାତୀୟସ୍ତରରେ ଓଭରଅଲ୍ ରନର୍ସଅପ୍ ଭାବେ ଯୋଗ୍ୟତା ଅର୍ଜନ କରିଛି । ଏହି ପ୍ରତିଯୋଗିତାରେ ମହାରାଷ୍ଟ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଡ଼ିଶା ଦ୍ୱିତୀୟ ଏବଂ ଝାଡ଼ଖଣ୍ଡ ତୃତୀୟ ସ୍ଥାନ ଅଧିକାର କରିଛି । ଏହି ପ୍ରତିଯୋଗିତା ଜାନୁଆରୀ ୬ ରୁ ୧୦ ତାରିଖ ଯାଏଁ ଆୟୋଜିତ ହୋଇଥିଲା ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ପକ୍ଷରୁ ମୋଟ ୧୮ ଜଣ ପ୍ରତିଯୋଗୀ, ଯେଉଁଥିରେ ୧୧ ଜଣ ବାଳିକା ଓ ୭ ଜଣ ବାଳକ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଓଡ଼ିଶାର ଏହି ଉଲ୍ଲେଖନୀୟ ପ୍ରଦର୍ଶନ ରାଜ୍ୟର ଯୁବ କ୍ରୀଡ଼ା ପ୍ରତିଭାମାନଙ୍କୁ ଆଗାମୀ ଦିନରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆହୁରି ସଫଳତା ହାସଲ୍ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଆଶା କରାଯାଉଛି ।

ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲ୍ଲା ବାରିପଦାସ୍ଥିତ ଯୁଜିପି ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ରୋହିତ କୁମାର ମାରାଣ୍ଡି ୩୦ ମିଟର୍ ଇଣ୍ଡିଆ ରାଉଣ୍ଡ, ଅଲମ୍ପିକ୍ ରାଉଣ୍ଡ ଓ ମିକ୍ସ ରାଉଣ୍ଡରେ ୩ ଟି ସ୍ୱର୍ଣ୍ଣ ପଦକ ଏବଂ

୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ୍ ସହ ଓଡ଼ିଶା ରନର୍ସଅପ୍

ଓଭରଅଲ୍ ୩୦ ଓ ୨୦ ମିଟରରେ ଗୋଟିଏ ରୌପ୍ୟ ପଦକ ଜିତି ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବେଳେ ଭୁବନେଶ୍ୱର କିସ୍ ବିଦ୍ୟାଳୟର ରେଶମା ମଲ୍ଲିକ ୩୦ ମିଟର୍ ମିକ୍ସ ରାଉଣ୍ଡରେ ରୋହିତଙ୍କ ସହ ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ସେହିପରି କେନ୍ଦୁଝର ଜିଲ୍ଲାର ସୁନୀତା ନାଏକ ୬୦ ମିଟର୍ ରିକର୍ଭ) ରାଉଣ୍ଡରେ ଗୋଟିଏ ରୌପ୍ୟ, ୬୦ ଇଣ୍ଡିଭିଜୁଆଲ୍ ରାଉଣ୍ଡରେ ଗୋଟିଏ ବ୍ରୋଞ୍ଜ୍ ପଦକ ଜିତିଛନ୍ତି । ୬୦ ମିଟର୍ ରିକର୍ଭରାଉଣ୍ଡରେ କେନ୍ଦୁଝର ଜିଲ୍ଲାର ସାବିତ୍ରୀ ପାତ୍ର, ସୁନ୍ଦରଗଡ଼ ଜିଲ୍ଲାର ଟେନିସ୍ ମେହେର୍ ଏବଂ ଭୁବନେଶ୍ୱରର ପାଂଖି ଭଦ୍ରା ରୌପ୍ୟ ପଦକ ହାସଲ୍ କରିଛନ୍ତି ।

ବାଂଲାଦେଶର ଦାବିକୁ ଅଗ୍ରାହ୍ୟ କଲା ଆଇସିସି

ନୂଆଦିଲ୍ଲୀ, ୧୩।୧: ୨୦୨୬ ଟି-୨୦ ବିଶ୍ୱକପକୁ ଆଉ ମାସେରୁ କମ ସମୟ ବାକି ରହିଛି । ହେଲେ ଏ ପର୍ଯ୍ୟନ୍ତ ବାଂଲାଦେଶ ପ୍ରସଙ୍ଗର ସମାଧାନ ହୋଇ ପାରି ନାହିଁ । ଆଇପିଏଲରୁ ବାଂଲାଦେଶୀ ଖେଳାଳି ମୁସ୍ତାଫିଜୁର ରେହମାନଙ୍କୁ ବାହାର କରାଯିବା ପରେ ବାଂଲାଦେଶ କ୍ରିକେଟ୍ ବୋର୍ଡ(ବିସିବି) ଭାରତରେ ଟି-୨୦ ବିଶ୍ୱକପ୍

• ଏବେ ବିସିବି ପାଖରେ କେବଳ ଦୁଇଟି ବିକଳ୍ପ

• ୨୦୨୬ ବିଶ୍ୱକପରେ ଆସିଲା ନୂଆ ମୋଡ଼

ଖେଳିବ ନାହିଁ ବୋଲି ନିଷ୍ପତ୍ତି ନେଇଥିଲା । ଭାରତରେ ଖେଳାଯିବାକୁ ଥିବା ମ୍ୟାଚ୍ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଆଇସିସି ନିକଟରେ ଦାବି କରିଥିଲା । ଏହାର ପଛରେ ସୁରକ୍ଷା କାରଣ ଦର୍ଶାଇଥିଲା ବିସିବି । ଏବେ ଆଇସିସି ବାଂଲାଦେଶର ଦାବିକୁ ଅଗ୍ରାହ୍ୟ କରି କହିଛି ଯେ, ଭାରତରେ ସୁରକ୍ଷାର କୌଣସି ବିପଦ ନାହିଁ । ଏଥିରୁ ସ୍ପଷ୍ଟ ଯେ ଆଇସିସି ବାଂଲାଦେଶର ମ୍ୟାଚ୍ ଭାରତରୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପ୍ରସ୍ତୁତ ନୁହେଁ ।

ଆଇସିସି ନିଜ ରିପୋର୍ଟରେ କହିଛି ଯେ, ଭାରତରେ ସୁରକ୍ଷା ନେଇ ସେମିତି କୌଣସି କାରଣ ବି ନାହିଁ । ବାଂଲାଦେଶ ପ୍ରତି ଭାରତରେ ସେମିତି କୌଣସି ବିପଦ ନାହିଁ । ଏହା ଯେ କୌଣସି ମ୍ୟାଚ୍ର ଆୟୋଜନ ପାଇଁ ସ୍ୱାଭାବିକ ଏବଂ ପରିବେଶ ଅନୁକୂଳ ସ୍ଥାନ ଅଟେ । ତେବେ ଆଇସିସି କୌଣସି ଆନୁଷ୍ଠାନିକ ବୟାନ ଜାରି କରି ନାହିଁ । ଅନ୍ୟପଟେ ୨୦୨୬ ଟି-୨୦ ବିଶ୍ୱକପ୍ ଫେବୃଆରୀ ୭ରେ ଆରମ୍ଭ ହେବାକୁ ଯାଉଛି ।

ରିପୋର୍ଟ ଅନୁଯାୟୀ, ମଙ୍ଗଳବାର ବିସିବି ଓ ଆଇସିସି ଭିଡିଓ କନଫରେନ୍ସରେ ଟି-୨୦ ବିଶ୍ୱକପ୍ ୨୦୨୬କୁ ନେଇ ଆଲୋଚନା କରିଛନ୍ତି । ହେଲେ ବିସିବି ନିଜ ଜିଦରେ ଅଟଳ ରହିଛି । ଏହି ଆଲୋଚନା ସମୟରେ ବିସିବି ନିଜର ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍ ଭାରତରୁ ଶ୍ରୀଲଙ୍କା ସ୍ଥାନାନ୍ତର କରିବାକୁ ଅନୁରୋଧ କରିଛି ।

ବିସିବି ତରଫରୁ ଅଧକ୍ଷ ମହମ୍ମଦ ଅମୀନୁଲ ଇସଲାମ, ଉପାଧକ୍ଷ ମହମ୍ମଦ ଶକବତ ହୁସେନ ଓ ଫାରୁକ ଅହମ୍ମଦ, ନିର୍ଦ୍ଦେଶକ ତଥା କ୍ରିକେଟ୍ ପରିଚାଳନା କମିଟିର ଅଧକ୍ଷ ନଜମୁଲ ଆବେଦୀନ ଓ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ନିଜାମୁଦ୍ଦୀନ ଚୌଧୁରୀ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ବିସିବି ପୁଣି ଥରେ ନିଜର ଅନୁରୋଧ ପଛରେ ସୁରକ୍ଷା ସମ୍ବନ୍ଧିତ ଚିନ୍ତାର କାରଣ ଦର୍ଶାଇଛି ।

ଏହାର ଜବାବରେ ଆଇସିସି କହିଛି ଯେ, ଟୁର୍ଣ୍ଣାମେଣ୍ଟର କାର୍ଯ୍ୟସୂଚୀ ପୂର୍ବ ନିର୍ଦ୍ଧାରିତ ହିସାବରେ ଖେଳାଯିବ । ଏହା ସହ ଆଇସିସି ବିସିବିକୁ ନିଜର ଆଭିମୁଖ୍ୟ ଉପରେ ପୁନଃବିଚାର କରିବାକୁ ଅନୁରୋଧ କରିଛି । ହେଲେ ବିସିବିର ଅଧିକାରୀଙ୍କ ପ୍ରେସ ବିବୃତି ଅନୁସାରେ, ବାଂଲାଦେଶ କ୍ରିକେଟ୍ ବୋର୍ଡର ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ଆସିନି । ଆଇସିସି ସହ ନିଜର ଅନୁରୋଧ ଉପରେ ଆଲୋଚନା ଜାରି ରହିଛି ।

ଏ ପର୍ଯ୍ୟନ୍ତ ମାମଲାରେ ସ୍ପଷ୍ଟ ଯେ, ଆଇସିସି ବାଂଲାଦେଶର ଦାବିକୁ ସ୍ୱୀକାର କରିବ ନାହିଁ । ଏହା ପଛର କାରଣ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଆଉ ଅଧିକ ସମୟ ନାହିଁ । ଏହା ସହିତ ହୋଟେଲ୍ ବୁକିଂ, ଖେଳାଳି ଓ ସପୋର୍ଟିଂ ଷ୍ଟାଫଙ୍କ ଭିସା ଏବଂ ବାକି ସମସ୍ତ ଜରୁରୀ କାମ ପୂର୍ବରୁ ହୋଇ ସାରିଛି । ଏବେ ଅଚାନକ ଏଥିରେ ପରିବର୍ତ୍ତନ ଅସମ୍ଭବ ଲାଗୁଛି । ଏମିତିରେ ବାଂଲାଦେଶ ପାଖରେ କେବଳ ଦୁଇଟି ବିକଳ୍ପ ରହିଛି । ପ୍ରଥମ ବାଂଲାଦେଶ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଟୁର୍ଣ୍ଣାମେଣ୍ଟ ଖେଳୁ, ନଚେତ୍ ନିଜେ ବାହାରି ଯାଉ ।

ଯଦି ବାଂଲାଦେଶ ଖେଳିବ ନାହିଁ ଏବଂ ଟୁର୍ଣ୍ଣାମେଣ୍ଟରୁ ନାଁ ଫେରାଇ ନିଏ ତେବେ ଆଇସିସି ବାଂଲାଦେଶ ସ୍ଥାନରେ କୌଣସି ଅନ୍ୟ ଦଳକୁ ଖେଳାଇପାରେ । ହେଲେ ଏସବୁ ଏତେ କମ ସମୟରେ ହେବା ସହଜ ନୁହେଁ । ଏମିତି ସ୍ଥିତିରେ ଆଇସିସି ବାଂଲାଦେଶକୁ ନିଜ ନିଷ୍ପତ୍ତି ବଦଳାଇବାକୁ ଅନୁରୋଧ କରିବ । ଯଦି ବାଂଲାଦେଶ ବଦଳରେ ଅନ୍ୟ କୌଣସି ଦଳ ଆସେ ତେବେ ଏହାସ୍କଟଲାଣ୍ଡ ହୋଇପାରେ ।

ଦ୍ୱିତୀୟ ଦିନିକିଆ ପାଇଁ ବଦଳିବ ଭାରତୀୟ ଟିମ୍

ନୂଆଦିଲ୍ଲୀ ୧୩।୧: ବୁଧବାର ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ସିରିଜର ଦ୍ୱିତୀୟ ଦିନିକିଆ ଖେଳାଯିବ । ଏବେସୁଦ୍ଧା ଭାରତ ୧-୦ରେ ଆଗୁଆ ରହିଛି । ଦଳ ଦ୍ୱିତୀୟ ଦିନିକିଆ ଜିତି ସିରିଜ୍ ଉପରେ ଆଗୁଆ କବଜା କରିବାକୁ

ଆଜି ଦ୍ୱିତୀୟ ଦିନିକିଆ

ଡେବ୍ୟୁ କରିପାରନ୍ତି ବଦୋନୀ

ଲକ୍ଷ୍ୟ ରଖିବ । ସେପଟେ କିୱି ଟିମ୍ ମଧ କର ବା ମର ସ୍ଥିତିରେ ରହିଛି । ଦଳ ଦ୍ୱିତୀୟ ମ୍ୟାଚ୍ ଜିତି ସିରିଜକୁ ଫେରିବାକୁ ପ୍ରୟାସ କରିବ । ତେବେ ମୁକାବିଲାରେ ଟିମ୍ ଇଣ୍ଡିଆ ଏକ ଶକ୍ତିଶାଳୀ ପ୍ଲେଇଂ ଇଲେଭେନ୍ ନେଇ ପଡିଆକୁ ଓହ୍ଲାଇବ ।

ସବୁଠାରୁ ବଡ କଥା ହେଲା ଯେ, ଦ୍ୱିତୀୟ ଦିନିକିଆ ପୂର୍ବରୁ ଭାରତୀୟ ଦଳକୁ ବଡ ଝଟକା ଲାଗିଛି । ଅଲରାଉଣ୍ଡର ୱାସିଂଟନ ସୁନ୍ଦର ଆହତ ଜନିତ କାରଣରୁ ସିରିଜରୁ ବାଦ୍ ପଡିଛନ୍ତି । ବଦୋଦରାରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ ସେ ଆହତ ହୋଇଥିଲେ । ତାଙ୍କ ଅଣ୍ଟା ଏବଂ ପିଠିର ମାଂସପେଶୀରେ କଷ୍ଟ ଅନୁଭବ ହୋଇଥିଲା । ତେଣୁ ତାଙ୍କୁ ବିଶ୍ରାମ ଦରକାର । ଯେଉଁଥିପାଇଁ ସୁନ୍ଦରଙ୍କ ଜାଗାରେ ଆୟୁଷ ବଦୋନୀଙ୍କୁ ଦଳରେ ସାମିଲ କରାଯାଇଛି । ସେ ରାଜକୋଟରେ ଦଳ ପାଇଁ ପଦାର୍ପଣ କରିପାରନ୍ତି । ଦଳକୁ ୫ନମ୍ବର ସ୍ଥାନରେ ଏପରି ଜଣେ ବ୍ୟାଟର ଦରକାର ଯିଏକି ବୋଲିଂ କରିବା ସହ ବ୍ୟାଟିଂ ମଧ କରିପାରିବେ ।

ଘରୋଇ ଫର୍ମାଟରେ ଆୟୁଷ ଲଗାତାର ଭାବେ ଭଲ ପ୍ରଦର୍ଶନ କରୁଛନ୍ତି । ବିଜୟ ହଜାରେ ଟ୍ରଫିରେ ସେ ଦିଲ୍ଲୀ ପାଇଁ ପ୍ରମୁଖ ଅଲରାଉଣ୍ଡର ଭାବେ ଉଭା ହୋଇଥିଲେ । ରେଳବାଇ ବିରୋଧରେ ସେ ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ନେଇଥିଲେ । ସେ ଭଲ ସ୍ପିନ୍ କରିପାରନ୍ତି । ଅନ୍ୟମାନଙ୍କ ମଧ୍ୟରେ ଦଳରେ ନୀତିଶ କୁମାର ରେଡ୍ଡି ଏବଂ ଧ୍ରୁବ ଜୁରେଲ ରହିଛନ୍ତି । ତେବେ ନୀତିଶ ଜଣେ ଦ୍ରୁତ ବୋଲର । ଜୁରେଲ ମଧ ୱିକେଟ୍ କିପର ବ୍ୟାଟସମ୍ୟାନ୍ । ଦଳ ପାଖରେ କେଏଲ ରାହୁଲଙ୍କ ଭଳି କିପର ରହିଛନ୍ତି । ତେଣୁ ଜୁରେଲଙ୍କ ଆବଶ୍ୟକତା ଏବେ କମ୍ ରହିଛି । ତେଣୁ ବଦୋନୀଙ୍କୁ ସୁଯୋଗ ମିଳିବା ଏକ ପ୍ରକାର ସ୍ପଷ୍ଟ । ଏପରିକି ଟିମ୍ ଅଧିକ କିଛି ପରିବର୍ତ୍ତନ କରିବାକୁ ଚାହୁଁ ନାହିଁ । ଫଳରେ ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂ ପୁଣିଥରେ ପ୍ଲେଇଂ ଇଲେଭେନରୁ ବାଦ୍ ପଡିପାରନ୍ତି ।

ମୁମ୍ବାଇରେ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ କିଣିଲେ ରିତିକା

ମୁମ୍ବାଇ: ଭାରତୀୟ କ୍ରିକେଟର କିମ୍ବଦନ୍ତୀ ବ୍ୟାଟସମ୍ୟାନ ରୋହିତ ଶର୍ମାଙ୍କ ପତ୍ନୀ ରିତିକା ସଜଦେହ ତାଙ୍କ ନୂତନ ଘର ପାଇଁ ଚର୍ଚ୍ଚାରେ ଅଛନ୍ତି । ନିକଟରେ ରିତିକା ମୁମ୍ବାଇରେ ଏକ ନୂତନ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ କିଣିଛନ୍ତି । ଏହି ନୂତନ ଘରଟି ପ୍ରଭାଦେବୀର ଆହୁଜା ଟାୱାର୍ସରେ ଅବସ୍ଥିତ । ଏହି ନୂତନ ଘରର ମୂଲ୍ୟ ପ୍ରାୟ ୨୬.୩୦ କୋଟି ହେବ ବୋଲି ଆକଳନ କରାଯାଇଛି । ରିତିକା ଗତ ବର୍ଷ ଡିସେମ୍ବରରେ ପ୍ରାୟ ୧.୩୧ କୋଟି ଷ୍ଟାମ୍ପ ଡ୍ୟୁଟି ଦେଇ ଏହି ନୂତନ ଆପାର୍ଟମେଣ୍ଟ ପାଇଁ ଡିଲ କରିଥିଲେ । ଏଠାରେ, ଆମେ ଆପଣଙ୍କୁ ରିତିକାଙ୍କ ନୂତନ ଘର ଏବଂ ଏହାର ବିଶେଷ ଫିଚରଗୁଡ଼ିକ ବିଷୟରେ କହିବୁ ।

ରିତିକା ସଜଦେହଙ୍କ ନୂତନ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ ଏକ ଉଚ୍ଚ କୋଠାରେ ଅବସ୍ଥିତ । ତାଙ୍କର ତିନୋଟି କାର ପାଇଁ ପାର୍କିଂ ସ୍ଲଟ ମଧ ଅଛି । ଏହି ନୂତନ ଘରର କାର୍ପେଟ କ୍ଷେତ୍ରଫଳ ୨,୭୬୦ ବର୍ଗଫୁଟ, ଯାହା ବହୁତ ବଡ଼ କ୍ଷେତ୍ରଫଳ । ରିତିକା ଯେଉଁ ଟାୱାରରେ ତାଙ୍କର ନୂତନ ଆପାର୍ଟମେଣ୍ଟ କିଣିଛନ୍ତି ତାହା ୱାର୍ଲି, ଲୋୟର ପାରେଲ ଏବଂ ବିକେସି ନିକଟରେ ଅବସ୍ଥିତ । ଏହା ସହିତ, ସି ଲିଙ୍କ ସେମାନଙ୍କ ଘର ନିକଟରେ ଅବସ୍ଥିତ । ଏହି କାରଣରୁ ରିତିକାଙ୍କ ନୂତନ ଘର ଏକ ପ୍ରମୁଖ ସ୍ଥାନରେ ଅଛି ।

ରୋହିତ ଶର୍ମା ପୂର୍ବରୁ ଆହୁଜା ଟାୱାର୍ସରେ ଏକ ଆପାର୍ଟମେଣ୍ଟ କିଣିଛନ୍ତି । ଏହି ଆପାର୍ଟମେଣ୍ଟଟି ମଧ ବହୁତ ବିଳାସପୂର୍ଣ୍ଣ, କୋଠାର ୨୯ତମ ମହଲାରେ ଅବସ୍ଥିତ । ଏହି ଆପାର୍ଟମେଣ୍ଟର ସବୁଠାରୁ ବଡ଼ ଆକର୍ଷଣ ହେଉଛି ଏହାର ୨୭୦-ଡିଗ୍ରୀ ଦୃଶ୍ୟ । ଦ୍ୱାର ଖୋଲିବା ଦ୍ୱାରା ଆରବ ସାଗରର ଏକ ମନୋରମ ଦୃଶ୍ୟ ଦେଖାଯାଏ । ରିତିକା ଏବେ ସେହି କୋଠାରେ ଏକ ନୂତନ ଆପାର୍ଟମେଣ୍ଟ ମଧ କିଣିଛନ୍ତି ।

ଗମ୍ଭୀରଙ୍କ ବିରୋଧରେ ପକ୍ଷପାତ ଅଭିଯୋଗ

ନୂଆଦିଲ୍ଲୀ, ୧୩।୧: ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ଦିନିକିଆ ଜାନୁଆରୀ ୧୧ ତାରିଖରେ ଭଦୋଦରାରେ ଖେଳାଯାଇଥିଲା । ସେହି ମ୍ୟାଚ୍‌ରେ ୱାଶିଂଟନ୍ ସୁନ୍ଦର ବୋଲିଂ କରୁଥିବା ସମୟରେ ଆହତ ହୋଇଥିଲେ । ଫଳରେ ତାଙ୍କୁ ବାକି ଦୁଇଟି ଦିନିକିଆରୁ ବାଦ୍ ଦିଆଯାଇଛି । ତାଙ୍କ ସ୍ଥାନରେ ୨୬ ବର୍ଷୀୟ ଆୟୁଷ ବାଦୋନିଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି । ଆୟୁଷ ବାଦୋନିଙ୍କୁ ପ୍ରଥମ ଥର ପାଇଁ ଟିମ୍ ଇଣ୍ଡିଆ ପାଇଁ ଚୟନ କରାଯାଇଛି, କିନ୍ତୁ ଏହି ନିଷ୍ପତ୍ତି ପାଇଁ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ସମାଲୋଚନାର ଶିକାର ହୋଇଛନ୍ତି ।

ଗୌତମ ଗମ୍ଭୀର ଖେଳାଳିଙ୍କ ପ୍ରତି ପକ୍ଷପାତ କରୁଥିବା ଅଭିଯୋଗ ହୋଇଛି । ସୋସିଆଲ ମିଡିଆରେ ପ୍ରଶଂସକମାନେ ଆୟୁଷ ବାଦୋନି ଟିମ୍ ଇଣ୍ଡିଆ ପାଇଁ ଚୟନ କରାଯିବାକୁ ଯୋଗ୍ୟ କି ନାହିଁ ସେ ବିଷୟରେ ଅନେକ ପ୍ରଶ୍ନ ଉଠାଇଛନ୍ତି । ପ୍ରଶଂସକଙ୍କ ଅସନ୍ତୋଷର କାରଣ ହେଉଛି ଆୟୁଷ ବାଦୋନିଙ୍କ ବର୍ତ୍ତମାନର ରେକର୍ଡ । କାରଣ ଚଳିତ ବିଜୟ ହଜାରେ ଟ୍ରଫିରେ ତାଙ୍କ ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି । ତା ସତ୍ତ୍ୱେ ବି ଏହି ଖେଳାଳିଙ୍କୁ କେଉଁ ଆଧାରରେ ଟିମରେ ସାମିଲ୍ କରାଯାଇଛି ତାକୁ ନେଇ ପ୍ରଶ୍ନ ଉଠିଛି ।

ଟିମ୍ ଇଣ୍ଡିଆରେ ସ୍ଥାନ ପାଇବା ପାଇଁ ଖେଳାଳିଙ୍କୁ ବର୍ଷ ବର୍ଷ ଲାଗିଯାଏ । ନିରନ୍ତର ଭଲ ପ୍ରଦର୍ଶନ କରିବା ସତ୍ତ୍ୱେ, କିଛି ପ୍ରତିଭାଶାଳୀ କ୍ରିକେଟର ପ୍ରାୟତଃ ଭାରତୀୟ ଦଳରେ ସ୍ଥାନ ପାଇ ପାରନ୍ତି ନାହିଁ । ଅନ୍ୟପକ୍ଷରେ, ଆୟୁଷ ବାଦୋନିଙ୍କ ଲିଷ୍ଟ ଏ ରେକର୍ଡ ସନ୍ତୋଷଜନକ ନୁହେଁ । ସେ ଏପର୍ଯ୍ୟନ୍ତ ୨୭ଟି ଲିଷ୍ଟ ଏ ମ୍ୟାଚ୍ ?ରେ ୬୯୩ ରନ୍ କରିଛନ୍ତି, ଯାହାର ହାରାହାରି ୩୬.୪୭ ।

ଶେଷ ପାଞ୍ଚଟି ଲିଷ୍ଟ ଏ ମ୍ୟାଚ୍‌ରେ, ଆୟୁଷ ବାଦୋନିଙ୍କୁ ତିନିଥର ବ୍ୟାଟିଂ କରିବାର ସୁଯୋଗ ଦିଆଯାଇଛି । ସେ ଏହି ତିନୋଟି

ବଦୋନୀଙ୍କ ଚୟନ ନେଇ ଉଠିଲା ପ୍ରଶ୍ନ

ଇନିଂସରେ କେବଳ ୧୬ ରନ୍ କରିଛନ୍ତି । ବିଜୟ ହଜାରେ ଟ୍ରଫିରେ ତାଙ୍କର ପ୍ରଦର୍ଶନ ହାରାହାରି ରହିଛି । ତଥାପି ଟିମ୍ ଇଣ୍ଡିଆରେ ତାଙ୍କର ଚୟନ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ ।

ଗୌତମ ଗମ୍ଭୀରଙ୍କୁ ବର୍ତ୍ତମାନ ସୋସିଆଲ ମିଡିଆରେ ତୀବ୍ର ସମାଲୋଚନା କରାଯାଉଛି । ଜଣେ ବ୍ୟକ୍ତି ଟ୍ରୋଲ୍ କରି ଲେଖିଛନ୍ତି, ଗୌତମ ଗମ୍ଭୀରଙ୍କ ନେତୃତ୍ୱରେ ଭାରତୀୟ ଦଳ ଭିତରେ ପାତର ଅନ୍ତର ବୃଦ୍ଧି ପାଇଛି । ସେହି ବ୍ୟକ୍ତି ଆହୁରି ଲେଖିଛନ୍ତି ଯେ ଗମ୍ଭୀର ଆୟୁଷ ବାଦୋନିଙ୍କୁ ବହୁତ ପସନ୍ଦ କରନ୍ତି, ଯାହା ଫଳରେ ବିଜୟ ହଜାରେ ଟ୍ରଫିରେ ତାଙ୍କର ଖରାପ ପ୍ରଦର୍ଶନ ସତ୍ତ୍ୱେ ତାଙ୍କୁ ଟିମ୍ ଇଣ୍ଡିଆରେ ଚୟନ କରାଯାଇଥିଲା । କିଛି ଲୋକ ଆୟୁଷ ବାଦୋନିଙ୍କ ଚୟନକୁ ଖଜୁଏ ସହିତ ଯୋଡିଛନ୍ତି, କାରଣ ଉଭୟ ଲକ୍ଷ୍ନୌ ସୁପରଜାଏଣ୍ଟସ୍ ଦଳର ସଦସ୍ୟ ରହିଆସିଛନ୍ତି ।

ଦୂର ଦେଲା ଦ୍ୱନ୍ଦ୍ୱ

ଆଇଏସଏଲରେ ଅଂଶଗ୍ରହଣ କରିବ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୧୩।୧: ଓଡ଼ିଶା ଭିତ୍ତିକ ଦଳ 'ଓଡ଼ିଶା ଏଫ୍‌ସି' ଆଇଏସ୍ଏଲ୍-୨୦୨୬ରେ ଖେଳିବା ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ଓ ସଂଶୟ ଦୂର ହୋଇଛି । ମଙ୍ଗଳବାର ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି କ୍ଲବ୍ ଏକଥା ସ୍ପଷ୍ଟ କରିଛି । ଏଥିରେ କୁହାଯାଇଛି ଯେ ସର୍ବଭାରତୀୟ ଫୁଟ୍‌ବଲ୍ ମହାସଂଘ (ଏଆଇଏଫ୍‌ଏଫ୍)ର ଆଗାମୀ ଋତୁ ସମ୍ବଳିତ ପ୍ରସ୍ତାବ ଏବଂ ଭାରତୀୟ ଫୁଟ୍‌ବଲ୍‌ର ନିରନ୍ତରତା, ସ୍ଥାୟିତ୍ୱ ଏବଂ ଦୀର୍ଘକାଳୀନ ବିକାଶ ଲାଗି ଭାରତ ସରକାର ନେଉଥିବା ବିଭିନ୍ନ ପଦକ୍ଷେପକୁ ଆମେ ସମର୍ଥନ କରୁଛୁ ।

ସବୁ କଥାକୁ ଯତ୍ନର ସହ ବିଚାରକୁ ନେବା ପରେ ଆଇଏସ୍ଏଲ୍‌ର ଆଗାମୀ ଋତୁରେ ଅଂଶଗ୍ରହଣ କରିବାକୁ ଆମେ ନିଷ୍ପତ୍ତି ନେଇଛୁ । ଭାରତୀୟ ଫୁଟ୍‌ବଲ୍‌କୁ ଚଳଚଞ୍ଚଳ, ଦୃଶ୍ୟମାନ ତଥା ଏକତ୍ର କରିବା ଏବଂ ପରିବର୍ତ୍ତନ କାଳରେ ସଫଳତା ଧାରାକୁ ବଜାୟ ରଖିବା ସହ ଘରୋଇ ଫୁଟ୍‌ବଲ୍‌କୁ ସଫଳତାର ନୂଆ ସ୍ତରରେ ପହଞ୍ଚାଇବା ଲାଗି ଭାରତ ସରକାରଙ୍କ ପ୍ରତିବଦ୍ଧତାକୁ ଦୃଢ଼ ସମର୍ଥନଜଣାଉଛୁ । କାରଣ ଏହା କେବଳ ଖେଳାଳି ନୁହେଁ, ଏଥିସହ ଜଡ଼ିତ କର୍ମଚାରୀ, କ୍ଲବ୍ ଏବଂ ଲକ୍ଷଲକ୍ଷ ପ୍ରଶଂସକଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ।

ଭାରତରେ ଉଭୟ ପୁରୁଷ ଓ ମହିଳା ଫୁଟ୍‌ବଲ୍‌ର ବିକାଶ ଲାଗି ଗତ ଏକ ଦଶନ୍ଧି ହେବ ଓଡ଼ିଶା ଏଫ୍‌ସି ଅନ୍ୟତମ ଉର୍ସଗୀକୃତ ସତ୍ତ୍ୱଧାରୀ ହୋଇ ରହିଆସିଛି । ଦେଶର ଫୁଟ୍‌ବଲ୍ ଜୈବ ମଣ୍ଡଳରେ ନିରନ୍ତର ଭାବେ ପୁଞ୍ଜି ବିନିଯୋଗ କରି ଆସିଛି । ଭାରତୀୟ ଫୁଟ୍‌ବଲ୍‌ର ଉଜ୍ଜ୍ୱଳ ଭବିଷ୍ୟତ ଏବଂ ଆଇଏସ୍ଏଲ୍‌ଦେଶର ସର୍ବୋତ୍ତମ ଫୁଟ୍‌ବଲ୍ ଲିଗ୍‌ର ଦୃଢ଼ ଭାବନା ନେଇ ଆମେ ଆଗକୁ ବଢୁଛୁ ।

ଭାରତ ସରକାରଙ୍କ ସହ କାମ କରିବା ଲାଗି ପ୍ରତିଶ୍ରୁତିବଦ୍ଧ ଅଛୁ । ସୂଚନାଯୋଗ୍ୟ ଯେ ବହୁ ବାଦ ବିବାଦ ପରେ ଆଇଏସ୍ଏଲ୍‌ର ଆଗାମୀ ସଂସ୍କରଣ ଫେବ୍ରୁଆରି ୧୪ରୁ ୧୪ ଦଳକୁ ନେଇ ଆରମ୍ଭ ହେବ ବୋଲି କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀୟ ଗତ ୬ ତାରିଖରେ ଘୋଷଣା କରିଥିଲେ । ଏହା ସତ୍ତ୍ୱେ ଓଡ଼ିଶା ଏଫ୍‌ସି ଓ ଅନ୍ୟ କେତେକ ଦଳ ନିଜ ଅଂଶଗ୍ରହଣକୁ ନିଶ୍ଚିତ କରି ନଥିଲେ । ଫଳରେ ଆଇଏସ୍ଏଲ୍‌ର ସଫଳ ଆୟୋଜନ ନେଇ ଆଶଙ୍କା ସୃଷ୍ଟି ହୋଇଥିଲା । ମଙ୍ଗଳବାର ଏହି ଆଶଙ୍କା ପ୍ରାୟତଃ ଦୂର ହୋଇଛି ।

୩-୨ ଗୋଲ୍‌ରେ ରିୟଲ ମାଡ୍ରିଦକୁ ହରାଇ ବାର୍ସେଲୋନା ଚାମ୍ପିଅନ

ନୂଆଦିଲ୍ଲୀ, ୧୩।୧: ଏଫସି ବାର୍ସେଲୋନା ଚଳିତ ବର୍ଷ ସ୍ପାନିଶ ସୁପର କପ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ଜେଦାହ ସ୍ଥିତ କିଙ୍ଗ ଅବଦୁଲ୍ଲା ସ୍ପୋର୍ଟ୍ସ ସିଟି ଷ୍ଟାଡ଼ିୟମ୍ ?ରେ ଅନୁଷ୍ଠିତ ଫାଇନାଲ୍ ମୁକାବିଲାରେ

ବାର୍ସେଲୋନା ବାଜି ମାରି ନେଇଛି । ୩-୨ ଗୋଲ୍‌ରେ ରିୟଲ ମାଡ୍ରିଦକୁ ହରାଇଥିଲା ଟ୍ରଫି ଉଠାଇଛି ।

ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ରହିଥିଲେ ହେଁ ଦଳର ବଲ୍ ନିୟନ୍ତ୍ରଣ ଢ଼େର ଉନ୍ନତ ରହିଥିଲା । ୩୬ତମ ମିନିଟ୍‌ରେ ବାର୍ସେଲୋନା ଗୋଲ ଖାତା ଖୋଲିଥିଲା । ଦଳ ପକ୍ଷରୁ ରଫିନା ଏହି ଗୋଲ୍ କରିଥିଲେ । ୪୫ତମ ମିନିଟ୍ ରହିଥିଲା ନାଟକୀୟ । ପ୍ରଥମେ ରିୟଲ ମାଡ୍ରିଦ (୪୫+୨ତମ ମିନିଟ୍) ପକ୍ଷରୁ ଭିନିସିୟସ ଜୁନିୟର ଗୋଲ୍ ପରିଶୋଧ କରିଥିଲେ । ୩ ମିନିଟ୍ (୪୫+୪ତମ ମିନିଟ୍) ମଧ୍ୟରେ ବାର୍ସେଲୋନା ପକ୍ଷରୁ ରୋବୋର୍ଟ ଲିୱାଣ୍ଡୋସ୍କି ଆଉ ଏକ ଗୋଲ୍ କରି ଦଳକୁ ୨-୧ରେ ଅଗ୍ରଣୀ କରାଇଥିଲେ । ୨ମିନିଟ୍ (୪୫+୬ତମ ମିନିଟ୍) ମଧ୍ୟରେ ରିୟଲ ମାଡ୍ରିଦ ପକ୍ଷରୁ ଗୋଞ୍ଜାଲୋ ଗାର୍ସିଆ ଆଉ ଏକ ଗୋଲ କରି ୨-୨ରେ ସ୍ଥିତି ବରାବର କରିଥିଲେ । ଦ୍ୱିତୀୟାର୍ଦ୍ଧ ସଂଘର୍ଷପୂର୍ଣ୍ଣ ରହିଥିଲା । ୭୩ତମ ମିନିଟ୍‌ରେ ରଫିନା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ କରି ବାର୍ସେଲୋନାକୁ ପୁନର୍ବାର ଅଗ୍ରଣୀ କରାଇଥିଲେ । ରିୟଲ ମାଡ୍ରିଦ ଯେତେ କଳ ବଳ କୌଶଳ ଲଗାଇଥିଲେ ବି ଆଉ ମ୍ୟାଚ୍‌କୁ ଫେରି ପାରିନଥିଲା । ବାର୍ସେଲୋନା ୧୬ତମ ସୁପର କପ ଟାଇଟଲ ହାସଲ କରିଥିଲା ।

ବଦଳିଲା ଆରସିବିର ହୋମ୍ ଗ୍ରାଉଣ୍ଡ୍

ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମ କିମ୍ବା ରାୟପୁରର ସହିଦ ବୀର ନାରାୟଣ ସିଂ ଷ୍ଟାଡିୟମକୁ ନିଜର ହୋମ ଗ୍ରାଉଣ୍ଡ କରିବାକୁ ନିଷ୍ପତ୍ତି ନେଇଛି । ଏହା ଆରସିବି ଫ୍ୟାନ ମାନଙ୍କ ପାଇଁ ଏକ ଖରାପ ଖବର କାରଣ ସେମାନେ ଦଳର ନିୟମିତ ହୋମ ଗ୍ରାଉଣ୍ଡ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଏଥର ମ୍ୟାଚ ଦେଖିପାରିବ ନାହିଁ ।

ବେଙ୍ଗାଲୁରୁ, ୧୩।୧: ଆସନ୍ତା ଆଇପିଏଲ ସିଜିନ ଲାଗି ବର୍ତ୍ତମାନର ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ନିଜର ହୋମ ଗ୍ରାଉଣ୍ଡ ପରିବର୍ତ୍ତନ କରିବ । ଦଳ ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମ କିମ୍ବା ରାୟପୁରର ସହିଦ ବୀର ନାରାୟଣ ସିଂ ଷ୍ଟାଡିୟମକୁ ନିଜର ହୋମ ଗ୍ରାଉଣ୍ଡ୍ କରିବାକୁ ନିଷ୍ପତ୍ତି ନେଇଛି । ଏହା ଆରସିବି ଫ୍ୟାନ ମାନଙ୍କ ପାଇଁ ଏକ ଖରାପ ଖବର କାରଣ ସେମାନେ ଦଳର ନିୟମିତ ହୋମ ଗ୍ରାଉଣ୍ଡ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଏଥର ମ୍ୟାଚ ଦେଖିପାରିବ ନାହିଁ ।

୨୦୨୫ ଆଇପିଏଲ ସିଜିନରେ ଆରସିବି ଚ୍ୟାମ୍ପିୟନ ହୋଇଥିଲା । ଏହି ଐତିହାସିକ ବିଜୟ ପରେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଏକ ବିଜୟ ପରେଡ ଆୟୋଜନ କରାଯାଇଥିଲା । କିନ୍ତୁ ଏହି ସମୟରେ ପ୍ରବଳ ଭୀଡ଼ ଯୋଗୁଁ ଦଳଚକଟା ହେବାରୁ ୧୧ ଜଣ ଲୋକ ପ୍ରାଣ ହରାଇଥିଲେ ଓ ଆହୁରି ଅନେକ ଲୋକ ଆହତ ହୋଇଥିଲେ । ଏହା ପରେ ଚିନ୍ନାସ୍ୱାମୀରେ ଏପର୍ଯ୍ୟନ୍ତ କୌଣସି ବଡ଼ ମ୍ୟାଚ ଆୟୋଜନ ଲାଗି ଅନୁମତି ଦିଆଯାଇନାହିଁ । ଏହାକୁ ଦୃଷ୍ଟିରେ ରଖି ଆରସିବି ନିଜର ହୋମ ଗ୍ରାଉଣ୍ଡ୍ ପରିବର୍ତ୍ତନ କରିଛି ।

ସେହିପରି ରାଜସ୍ଥାନ ରୟାଲ୍ସ ମଧ ଏଥର ନିଜର ହୋମ୍ ଗ୍ରାଉଣ୍ଡ୍ ବଦଳାଇବାକୁ ଯାଉଛି । ଦଳ ପୁନେର ମହାରାଷ୍ଟ୍ର କ୍ରିକେଟ ଆସୋସିଏସନ ଗ୍ରାଉଣ୍ଡକୁ ନିଜର ହୋମ ଗ୍ରାଉଣ୍ଡ୍ କରିବାକୁ ନିଷ୍ପତ୍ତି ନେଇଛି । ରାଜସ୍ଥାନ କ୍ରିକେଟ ଆସୋସିଏସନରେ ଦୁଇ ଗୋଷ୍ଠୀ ମଧ୍ୟରେ ଚାଲିଥିବା ବିବାଦ କାରଣରୁ ଗତ ବର୍ଷ ନିର୍ବାଚନ ହୋଇପାରିନଥିଲା । ଏହି କାରଣରୁ ଆରସିଏ ଏକ ଅସ୍ଥାୟୀ କମିଟି ଦ୍ୱାରା ପରିଚାଳିତ ହେଉଛି । ଏହି କାରଣରୁ ଗତବର୍ଷ ଆଇପିଏଲ ଅଧକ୍ଷ ଅରୁଣ ସିଂ ଧୂମଲ କହିଥିଲେ ଯେ ନିର୍ବାଚନ ହୋଇନଥିବାରୁ ରାଜସ୍ଥାନ ରୟାଲ୍ସ ଏଥର ଜୟପୁରରେ ନିଜର ମ୍ୟାଚ ଆୟୋଜନ କରିପାରିବ ନାହିଁ ।

ଷ୍ଟାଡିୟମକୁ କଡ଼ା ଭାଷାରେ ସମାଲୋଚନା କଲେ ବିଦେଶୀ ଖେଳାଳି

ନୂଆଦିଲ୍ଲୀ, ୧୩।୧: ଦିଲ୍ଲୀରେ ଚାଲିଥିବା ଇଣ୍ଡିଆ ଓପନ ସୁପର ୭୫୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ଆୟୋଜନ ଓ ଷ୍ଟାଡିୟମର ସ୍ଥିତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଡେନମାର୍କର ଷ୍ଟାର ଖେଳାଳି ମିଆ ବ୍ଲିଚଫେଲ୍ଡ୍ । ଖେଳ ପଡ଼ିଆର ଅପରିଷ୍କାର ପରିବେଶ ଏବଂ ଅସ୍ୱାସ୍ଥ୍ୟକର ସ୍ଥିତିକୁ ସେ 'ଅପ୍ରଫେସନାଲ' ବୋଲି ଦର୍ଶାଇଛନ୍ତି । ମିଆ ବ୍ଲିଚଫେଲ୍ଡ ଅଭିଯୋଗ କରିଛନ୍ତି ଯେ, ୱାର୍ମ-ଅପ୍ କୋର୍ଟ ଭିତରେ ପକ୍ଷୀମାନେ ଉଡୁଛନ୍ତି ଏବଂ ସେଠାରେ ପକ୍ଷୀଙ୍କ ମଳ ପଡ଼ି ରହିଛି, ଯାହା ଖେଳାଳିଙ୍କ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ । ଏହାଛଡ଼ା ଷ୍ଟାଡିୟମ ଭିତରେ ପ୍ରବଳ ଶୀତ ଯୋଗୁଁ ଖେଳାଳିମାନଙ୍କୁ ଜ୍ୟାକେଟ୍, ଗ୍ଲୋଭସ୍ ଓ ଟୋପି ପିନ୍ଧି ପ୍ରସ୍ତୁତ ହେବାକୁ ପଡୁଛି । ସେ କହିଛନ୍ତି, "ଏଭଳି ପରିବେଶରେ ଜଣେ ପ୍ରଫେସନାଲ ଖେଳାଳି ଶରୀରକୁ ଫ୍ଲେକ୍ସିବଲ୍ କରିବା ବା ଖେଳ ପାଇଁ ପ୍ରସ୍ତୁତ ହେବା କଷ୍ଟକର ।"

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar